

Digitized by srujanika@gmail.com

ଜନପ୍ରିୟ ସିରିଜର -- ୫

ଉତ୍କଳ ଏକ୍ସପ୍ରେସ

— ଲେଖକ —

ଶ୍ରୀ ଜୟନାରାୟଣ ମଲ୍ଲିକ

Digitized by srujanika@gmail.com

ଜନପ୍ରିୟ ସିରଜ୍—୫

ଉତ୍କଳ ଏକ୍‌ସପ୍ରେସ

ଲେଖିଛନ୍ତି :

ଜୟନାରାୟଣ ମଲ୍ଲିକ
ଝାରସୁଗୁଡ଼ା, ଜି: ସମ୍ବଲପୁର

ପ୍ରକାଶ କରିଛନ୍ତି :
ଜନପ୍ରିୟ ପ୍ରକାଶନୀ
ବାଙ୍କିସାହି, କଟକ୍ - ୯

ମୁଦ୍ରଣ କରିଛନ୍ତି :
ରେଖା ପ୍ରେସ୍
ବାଙ୍କିସାହି, କଟକ- ୯

ପ୍ରଥମ ମୁଦ୍ରଣ :
ଅଗଷ୍ଟ—୧୯୭୧

ମୂଲ୍ୟ—ଦେଢ଼ ଟଙ୍କା

Digitized by srujanika@gmail.com

ଶାରଦୀୟ ଆକର୍ଷଣ

ଦ୍ରୁତ ପ୍ରସ୍ତୁତ ପଥେ **ମୀରା ପକେଟ୍‌ବୁକ୍‌ସ୍‌ର**

ପଞ୍ଚମ ନିବେଦନ, ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ରହସ୍ୟ

ଔପନ୍ୟାସିକ **ଗିରିଧାରୀ ମହାରଣା**ଙ୍କ ବଳିଷ୍ଠ ଲେଖନୀରୁ

ଅଭିନବ ରହସ୍ୟଘନ ଗୋଇନ୍ଦା ଉପନ୍ୟାସ

ମାୟା ମାରିଚ

ରଙ୍ଗିନ୍ ପ୍ରଚ୍ଛଦପଟ୍ଟ ଓ ୧୬୦ ପୃଷ୍ଠା ବିଶିଷ୍ଟ

ସୁଦୀର୍ଘ ରହସ୍ୟ ଉପନ୍ୟାସ

ମୂଲ୍ୟ—ଦୁଇ ଟଙ୍କା ମାତ୍ର

ପରିବେଷକ—**ମୀରା ପକେଟ୍‌ବୁକ୍‌ସ**

C/o ଚନ୍ଦ୍ରଶେଖର ପ୍ରଧାନ

ବାଙ୍ଖୀସାହି, କଟକ—୯

Digitized by srujanika@gmail.com

ଲେଖକମାନଙ୍କପାଇଁ ପଦେ

ଜନପ୍ରିୟ ସିରିଜ୍‌କୁ ଯେଉଁମାନେ ଲେଖା ଦେବାକୁ ଇଚ୍ଛୁକ ସେମାନେ ଶହେ ପୃଷ୍ଠା ମଧ୍ୟରେ ଲେଖା ଦେବା ଉଚିତ୍ । ଲେଖାଗୁଡ଼ିକ କାଗଜର ଗୋଟିଏ ପାଖରେ ପରିଷ୍କାର ଅକ୍ଷରରେ ଲେଖା ହେବା ଦରକାର । ଲେଖା ଜନପ୍ରିୟ ସିରିଜ୍ ପାଇଁ ମନୋମତ ନହେଲେ ପ୍ରକାଶ କରିବା ସମ୍ଭବ ନୁହେଁ ।

ଯେଉଁ ଲେଖା ମନୋମତ ହେବ ତାହା ପ୍ରକାଶ ପାଇବା ଆଗରୁ ଲେଖକଙ୍କୁ ଅନୁଷ୍ଠାନ ପକ୍ଷରୁ ଜଣାଇ ଦିଆଯାଏ । ଯେଉଁ ଲେଖା ମନୋମତ ନହେବ ଫେରସ୍ତ ନେବାକୁ ଚାହିଁଲେ ଟ୨-୫୦ ପଇସାର ଡାକ ଟିକେଟ ପଠାଇବା ଦରକାର ।

ଏଜେଣ୍ଟମାନଙ୍କ ପ୍ରତି

ଯେଉଁ ସ୍ଥାନରେ ଜନପ୍ରିୟ ସିରିଜ୍‌ର ଏଜେଣ୍ଟ ନାହାନ୍ତି, ସେଠାରେ ଯଦି କେହି ଏଜେନସି ନେବାକୁ ଇଚ୍ଛୁକ, ତେବେ ଏଜେନସି ଦିଆଯିବ ।

ଏହା ମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଏ । ନିମ୍ନ ଠିକଣାରେ ପତ୍ରାଳାପ କରନ୍ତୁ ।

ଜନପ୍ରିୟ ସିରିଜ୍
ବାଙ୍କିସାହି କଟକ—୯

ଉତ୍କଳ ଏକ୍ସପ୍ରେସ

ଏହି ଉପନ୍ୟାସଟି ଏକ ସ୍ୱୟଂ ସମ୍ପୂର୍ଣ୍ଣ କାଳ୍ପନିକ ଉପନ୍ୟାସ । ଯଦି କୌଣସି ବ୍ୟକ୍ତି ବିଶେଷ ପ୍ରଦତ୍ତ ଚରିତ୍ର, ସ୍ଥାନ କାଳ ବର୍ଣ୍ଣନା ସହିତ ନିଜର କୌଣସି ସାମଞ୍ଜସ୍ୟ ଦେଖିଲେ ତାହାକୁ ଆକସ୍ମିକ ସଂଯୋଗ ବୋଲି ମନେ କରିବେ । ଏଥିପାଇଁ ଲେଖକ ବା ପ୍ରକାଶକ ଦାୟୀ ନୁହଁନ୍ତି ।

ଜନପ୍ରିୟ ପ୍ରକାଶନୀ
ବାଙ୍କିସାହି, କଟକ—୯

Digitized by srujanika@gmail.com

ହେମନ୍ତ,

ରିକ୍ସାରେ ବସି ଭାବୁଥିଲା । ବାସ୍ତବିକ୍; ମନୁଷ୍ୟ ଜୀବନ କି ବିଚିତ୍ର ! ଗୋଟିଏ ଜୀବନଟିକୁ ନେଇ ସେ କି ବିଚିତ୍ରତା ମଧ୍ୟରେ ଅତିବାହିତ ନକରେ । ଦୁନିଆରେ କେହି କାହାର ନୁହନ୍ତି । ଦୁନିଆର କ୍ଷଣିକ ପ୍ରଲୋଭନ ପାଇଁ ସମସ୍ତେ ନିଜର ହୋଇଥାନ୍ତି । ତାହାର ଭିତରେ ପୁଣି ରହିଥାଏ, କେତେ ମାୟା, ମମତା, କେତେ ସ୍ମୃତି, କେତେ ପ୍ରେମ ଓ ହୃଦୟର କେତେ ଅକୁହା କଥା । ସବୁ କ୍ଷଣିକ ପାଇଁ, ମନେ ଅଛି ତାର ପଢ଼ା ବେଳର କଥା । ଆଖି ଆଗରେ ସ୍ପଷ୍ଟ ଉଦ୍ଧୟୁମାନ, ଇସ୍ କି ବିଚିତ୍ର କି ପରିବର୍ତ୍ତନ । ମଣିଷ କି ସ୍ୱାର୍ଥପର, କଦର୍ଯ୍ୟ, ଜଘନ୍ୟ ପଶୁତୁଲ୍ୟ ନୃଶଂସ ହୋଇ ନପାରେ । ଭାବି ପାରେନି । ମୁଣ୍ଡ ତାର ଗୋଳମାଳ ହୋଇଯାଏ । ପ୍ରକୃତରେ ଦୁନିଆରେ ଏପରି ବି ହୁଏ ମଣିଷ ମନରେ ସ୍ୱାର୍ଥପରତାର କି ଗଭୀର ଭାବ ସେଦିନ ସେ ଜାଣିଥିଲା ।

—ହଁ ଠିକ୍ ମନେ ଅଛି । ପଢ଼ାଶେଷ ହେବାପାଇଁ ଥାଏ ବର୍ଷଟିଏ ତା ଜୀବନରେ ଆସେ ବିଚିତ୍ର ପରିବର୍ତ୍ତନ । ଯେଉଁ ପରିବର୍ତ୍ତନ ଆସିଥିଲା; ତା ପରିବାର ପାଇଁ ଏକ ନିୟନ୍ତ୍ରିତ ଝଡ଼ । ସେହି ଝଡ଼ଥିଲା, ତାର ନୂଆ ଭାଉଜ, ପରିବାରରେ ଦେଖା

Digitized by srujanika@gmail.com

ଦେଇଥିଲା । ଏକ ଅଶାନ୍ତ ଗ୍ରହ, ସେହି ଗ୍ରହକୁ ଶାନ୍ତ କରିବା ପାଇଁ ଭାଇ ହୋଇଥିଲେ ଅଲଗା । ଯାହାକୁ ସଙ୍ଗରେ ଆଣିଥିଲେ ତାର ନୂଆ ଭାଉଜ ରୂପସୀ । ଯାହା ଫଳରେ ବାପା, ମା, ଭାଇ, ଭଉଣୀଙ୍କ ସ୍ନେହରୁ ସେ ହୋଇଥିଲା – ଜନେ ବଞ୍ଚିତ । କେବଳ ଦୁନିଆର ଏହି ଲୋଭ ପୂର୍ଣ୍ଣ ସ୍ୱାର୍ଥ ଟିକକ ପାଇଁ ଉପାୟ ନଥିଲା । ତେଣୁ ସେ ବାପା, ମାଙ୍କର ଏବଂ ଘରର ହୋଇଥିଲା ବିରାଟ ଅନ୍ତରାୟ । ପାଇ ନଥିଲା ଟଙ୍କା, ଚିଠି କିମ୍ବା ସ୍ନେହ । କେବଳ ମାଙ୍କର ଏକ ଚିଠି ଦେଇଥିଲା ତାକୁ ଉତ୍ସାହ, ଉତ୍ତେଜନା ଏବଂ ଭବିଷ୍ୟତର ଏକ ଅସ୍ପଷ୍ଟ ଦାଗ । ସେହି ଚିଠି ଆଣିଛି ଆଜି ଭବିଷ୍ୟତ । ଯେଉଁ ଭବିଷ୍ୟତକୁ ସେ ଆଖି ଆଗରେ ରଖି ଆଗେଇ ଯାଇଥିଲା ତା କର୍ତ୍ତବ୍ୟରେ, ଅବହେଳା ମଧ୍ୟ କରି ନଥିଲା । ଭଗବାନଙ୍କୁ ଡାକି ଫେରି ଆସିଛି ଏହି ବାସ୍ତବ କ୍ଷେତ୍ରକୁ, ଜନ୍ମଭୂମି, ତାକୁ ପୁଣି ଛୁଇଁ; ଆଜି ଚାଲି ଯାଉଛି । ଦୂରକୁ ବହୁତ ଦୂର । ହୁଏତ ଏହି ହେମନ୍ତ ଆଜି ଆଉ ରିକ୍ସାରେ ବସି ନଥାନ୍ତା – ଦେଖୁ ନଥାନ୍ତା—ଏହି ଜନ ଗହଳି ଉପରେ ନୀଳ ଆକାଶ । ପଶ୍ଚିମରେ ଅସ୍ତମାନ ସୂର୍ଯ୍ୟ ଆଗରେ କର୍ତ୍ତବ୍ୟ । କିନ୍ତୁ ପାରି ନଥିଲା । ଭାବିଥିଲା, କେବଳ ଦୁନିଆ ପରିବର୍ତ୍ତନ କି ମଣିଷ ପରିବର୍ତ୍ତନ । କିଏ ??? ବିରାଟ ପ୍ରଶ୍ନବାଚୀ—

ପାଇ ନଥିଲା ଉତ୍ତର, କିନ୍ତୁ ପାଇଛି ଆଜି ସେହି ହେମନ୍ତ, ନାହିଁ ତାର ପରିବର୍ତ୍ତନ କିନ୍ତୁ ଅନ୍ୟ ପାଇଁ ସେ ହୋଇଛି ନିଜେ ପରିବର୍ତ୍ତନ । ଟିକେ ନୁହେଁ, ଅଧେ ନୁହେଁ ବହୁତ । ମାର ଆଦେଶ ପୂର୍ଣ୍ଣ ସେହି ଚିଠି । ଚିଠିରେ ଆଖି ଲୁହର ଅସ୍ପଷ୍ଟ ଅକ୍ଷର । ସେହି ସ୍ୱର୍ଗୀୟ ଶବ୍ଦ ମା ଶବ୍ଦ କି ମଧୁର ପୂର୍ଣ୍ଣ । ପ୍ରକୃତରେ କେହି କାହାର ନୁହନ୍ତି କେବଳ ଜଣେ । ସିଏ କି ତାକୁ

Digitized by srujanika@gmail.com

ଦଶମାସ ଦଶଦିନ ଗର୍ଭରେ ଧାରଣ କରିଥିଲା । କେତେ ଦୁଃଖ, କଷ୍ଟ, ଝଡ଼, ଝଞ୍ଜା ସହି ଆଣିଥିଲା ତାକୁ ଏହି ବାସ୍ତବ ଦୁନିଆକୁ । ସେ କଦାପି ପୁଅର ଦୁଃଖ ଦେଖି ସହି ପାରିବ ନାହିଁ । ସେହି ମା । ଭୁଲି ଯିବା ଅସମ୍ଭବ । ଏସବୁ ମନେ ପଡି ଆଖିରେ ତାର ଜକେଇ ଆସେ ଲୁହ । ଆସିଲା ବେଳେ ଲୋତକ ପୂର୍ଣ୍ଣ ଆଖିରେ କି କରୁଣ ଦୃଷ୍ଟିରେ ଚାହିଁଥିଲା, ତାର ବୋଉ ।

ବିଦାୟ ନେଇ ଆସିଲା ବେଳେ ବୋଉ ଆସିଥିଲା ବିଦାୟ ଦେବା ପାଇଁ ଅଧା ବାଟକୁ । କାନ୍ଦ, କାନ୍ଦ ସ୍ୱରରେ କେଇ ପଦ କଥା କହିଥିଲା; ଆଜିବି ତାର ମନେ ପଡ଼େ । ବାପାରେ ! ବିଦେଶ ଜାଗା, ଦେଖି ଚାହିଁ ଚଳିବୁ । ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବୁ । ଆମେ ତ ଦୂରରେ ରହିଲୁ । ନିଜକଥା, ନିଜେ ଯଦି ନବୁଝିବୁ ଆଉ କିଏ ଅଛି ତୋର ସେଠାରେ ବୁଝିବ ।

ସେ ଉତ୍ତର ଦେଇଥିଲା, ବୋଉ ! ତୁ ଫେରି ଯା । ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ପହଞ୍ଚି ଚିଠି ଦେବି । ତାପରେ, ବୋଉ ତା'ର ପଚାରିଥିଲା —

'କେବେ ଆସିବୁ ବାପା ?

ସେ କହିଥିଲା, ସୁବିଧା ଦେଖି ପୂଜା ବେଳକୁ ଆସିବାକୁ ଚେଷ୍ଟା କରିବି । ବୋଉ ସେମିତି ଠିଆ ହୋଇଥାଏ ସେ ଚାଲି ଆସିଲା । ହେମନ୍ତର ଆଖିରୁ ଝରି ପଡ଼ିଲା ଲୁହ । ପକେଟରୁ ରୁମାଲ କାଢ଼ିଲା । ଭାବନା ତାର ବଦଳିଗଲା ।

ଦେଖୁ ଦେଖୁ ରିକ୍ସା ଆସି ଷ୍ଟେସନର ଥାର୍ଡ କ୍ଲାସ ବିଶ୍ରାମ ଗୃହ ନିକଟରେ ଠିଆ ହେଲା । ହେମନ୍ତ ଭାବନା ରାଜ୍ୟରୁ ଫେରି ଆସିଲା ।

× × × ×

Digitized by srujanika@gmail.com

କଟକ ରେଲ୍‌ଷ୍ଟେସନ । ବିରାଟ ଜନକୋଳାହଳ ମଧ୍ୟରେ ଯେ; ଯେପରି ଗାଡ଼ିରେ ଯିବାପାଇଁ ବ୍ୟସ୍ତ । ଆଉ ଦୁଇ ଏକ ପାଞ୍ଚ ମିନିଟ୍ ପରେ ଗାଡ଼ି ଆସିଯିବ । ଯାତ୍ରୀମାନେ ପ୍ରସ୍ତୁତ ହୋଇ ଅନାଇଁ ରହିଛନ୍ତି ଗାଡ଼ିକୁ । ହେମନ୍ତ—ତେଣୁ ନିଜର ପକେଟରୁ ଦୁଇଖଣ୍ଡି ଦଶଟଙ୍କିଆ ନୋଟ ବାହାର କରି ବୁକିଙ୍ଗ୍ କ୍ଲର୍କକୁ ବଢ଼ାଇ ଦେଇ ଦେଇ କହିଲା—ଆଜ୍ଞା ରାଉରକେଲା ।

ଠିକ୍ ସେତିକବେଳେ ଆସି ଉତ୍କଳ ଏକ୍ସପ୍ରେସ ଛିଡ଼ା ହେଲା ଷ୍ଟେସନରେ । ଗାଡ଼ି ଛିଡ଼ା ହେବା ପରେ – ହେମନ୍ତ ଏକ ଦ୍ୱିତୀୟ ଶ୍ରେଣୀ କମ୍ପାଟମେଣ୍ଟରେ ଚଢ଼ିଲା । ଦେଖିଲା କମ୍ପାର୍ଟମେଣ୍ଟଟି ଲୋକାରଣ୍ୟରେ ପୂର୍ଣ୍ଣ । କେଉଁଠି ବସିବ ଠିକ୍ କରିପାରିଲା ନି । ଚାରି ଆଡ଼କୁ ଦୃଷ୍ଟି ବୁଲାଇ ବୁଲାଇ ହଠାତ୍ ତାର ନଜର ପଡ଼ିଲା, ଶେଷ ସିଟ୍‌ଟି ଖାଲିଅଛି । ସେ ସିଟ୍‌କୁ ଆଗ୍ରହରେ ଅଗ୍ରସର ହେଉଥିବା ସମୟରେ ଦେଖିଲା—ତାର ବିପରୀତ ସିଟ୍‌ରେ ବସିଛନ୍ତି ଜଣେ ତରୁଣୀ । ତରୁଣୀଙ୍କର ଅନ୍ୟ କେହି ଦୁଇଏକ ସେ ସିଟ୍‌ରେ ବସିଥାଇ ପାରନ୍ତି ଏହିପରି ସନ୍ଦେହ ମନରେ ହେମନ୍ତ ପଚାରିଲା –

ଆଜ୍ଞା ! ଅନ୍ୟ କେହି ଏଠାରେ ବସିଛନ୍ତି କି ?

ତରୁଣୀ ଜଣଙ୍କ ସାମାନ୍ୟ ହସି···ନା···ବୋଲି କହିଲେ । ହେମନ୍ତ ସିଟ୍ ଉପରେ ନିଜର ବ୍ୟାଗଟି ରଖି ରଖି ମନେ ମନେ ଭାବିଲା; ତରୁଣୀଙ୍କର ହସିବାର ମର୍ମ କଣ ହୋଇପାରେ ? ତେବେ କଣ ସେ ତରୁଣୀ ଆଗରୁ ମୋତେ ଚିହ୍ନନ୍ତି ?

× × × ×

ଗାଡ଼ି ବହୁତ ବେଗରେ ଆଗେଇ ଚାଲିଛି । ଆଗରେ କାନାଡ଼ା ଇଞ୍ଜିନଟିଏ । ଗର୍ଜନ ତାର ଯେ ଭୟଙ୍କର, ଗତି ତାର ବି

Digitized by srujanika@gmail.com

ଦ୍ରୁତ, ଲକ୍ଷ୍ୟ ତାର ଆଗକୁ ଆଗକୁ, ଛୁଟି ଚାଲିଛି ଟ୍ରେନ । ଅନ୍ଧାର ମଧ୍ୟରେ ଆଗେଇ ଚାଲିଛି ସାପପରି ଚଇଁଚ ଦେହଟାକୁ ଧରି । ଅଦୂରରେ ଦେଖା ଯାଉଥାଏ କେବଳ ଅସ୍ପଷ୍ଟ କେତୋଟି ମିଞ୍ଜି ମିଞ୍ଜିକା ଆଲୁଅ । ଅଗଷ୍ଟ ମାସ, ସୁଲୁ ସୁଲୁ ଥଣ୍ଡା ପବନ ଟ୍ରେନର ଝରକା ଦେଇ—ସାଁ···ସାଁ ପଶି ଆସୁଥାଏ ।

ହେମନ୍ତ ଏବଂ ସେହି ତରୁଣୀ ପରସ୍ପର ମୁହାଁମୁହିଁ ହୋଇ ବସିଥାନ୍ତି । ତଫାତ ପ୍ରାୟ ଏକଫୁଟ ମଧ୍ୟରେ ହେବ । ମଝିରେ ମଝିରେ କଣେଇଁ କଣେଇଁ ଚାହିଁ ଦେଉଥାନ୍ତି ସେହି ଅପରିଚିତା ତରୁଣୀ ଜଣକ ହେମନ୍ତକୁ ।

ହେମନ୍ତ ତରୁଣୀଙ୍କର କଟାକ୍ଷ ଚାହାଣୀରେ ମୁଗ୍ଧ ହୋଇ ମନେ ମନେ ଭାବୁଥାନ୍ତି—ତରୁଣୀ ଜଣଙ୍କ କିଏ ? କେଉଁଠାକୁ ଯିବେ ? ବେଶଭୂଷାରେ ବେଶ ଆଧୁନିକା, ଶିକ୍ଷିତା । ଦେଖିବାକୁ ବେଶୀ ଗୋରି ନ ହେଲେ ମଧ୍ୟ ବେଶ୍ ସୁନ୍ଦର । ମୁହଁର ଗଠନ କମନୀୟ । ବୟସ ଅଠର କିମ୍ବା ଊଣେଇଶ ହେବ । ଲାଲ ବ୍ଲାଉଜ ସହିତ ନାଇଲନ୍ ଶାଢ଼ୀ । ଲାଲ ବ୍ଲାଉଜ ମଧ୍ୟରେ ଲୁଚିଥିବା ଧଳା ବ୍ରେଷ୍ଟ ଟାଇଟି ପରିଷ୍କାର ଦେଖା ଯାଉଛି । ଗ୍ରୀବର ତଳୁଲଟାକୁ ଘୋଡାଇ ରଖିଛି—ନାଇଲନ ଶାଢ଼ୀର ଶେଷ ଅଂଶ । ତରୁଣୀଙ୍କ କପାଳରେ କଳା ରଙ୍ଗର ଲମ୍ବା ଟିକାଟିଏ । ମୁଣ୍ଡର ବାଳକୁ ଏପରି କୁଣ୍ଡା ଯାଇଛି ଯେ, କାନ ଦୁଇଟି ପୁରା ଲୁଚି ଯାଇଛି । କାନରେ ଝୁଲୁଥିବା ସୁନାର ମୋଗଲ୍‌ଜାମ ଦୁଇଟି ଅଳ୍ପ ଅଳ୍ପ ଦେଖା ଯାଉଥାଏ । ମୁଣ୍ଡର ବାଳ କେରାଏ ତରୁଣୀଙ୍କ ଗାଲ ଉପରେ ପଡ଼ି ପବନରେ ଫୁରୁ ଫୁରୁ ଉଡ଼ୁଥାଏ । ସମୟ ସମୟରେ ତରୁଣୀ ଜଣକ ବାଳ କେରାଟିକୁ ବାମ ହାତରେ ଟେକି ଦେଉ ଦେଉ ହେମନ୍ତକୁ ଆଡ଼ ନୟନରେ ଚାହିଁ ଦେଉଥାନ୍ତି । ପୁଣି

Digitized by srujanika@gmail.com

ଦୃଷ୍ଟି ଫେରାଇ ନଅନ୍ତି ହାତରେ ଧରିଥିବା ବହିଟି ଉପରକୁ । ଡାହାଣ ହାତରେ "କାମି" ଘଣ୍ଟାଟିଏ ଓ ବାମ ହାତରେ ଆଜକାଲି ଯୁଗରେ ବ୍ୟବହୃତ ହେଉଥିବା ନକଲି ସୁନା ଚୁଡି ଯୋଡ଼ାଏ । ତରୁଣୀଙ୍କ କୋଳରେ କଳା ରଙ୍ଗର ଭେନିଟି ବ୍ୟାଗ ବ୍ୟତିତ ପାଖରେ ଆଉ କିଛି ନଥିଲା । ହାତରେ ଓଡ଼ିଆ ବହିଟି ଧରି ତରୁଣୀ ଜଣଙ୍କ ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚାଲିଥାନ୍ତି ।

ତରୁଣୀ ଜଣଙ୍କ ହୁଏତ ନିକଟବର୍ତ୍ତୀ କୌଣସି ଷ୍ଟେସନରେ ଓହ୍ଲାଇ ପାରନ୍ତି । ପାଖରେ କୌଣସି ଜିନିଷ ପତ୍ର ନାହିଁ ପୁଣି ଏଣେ ଏକୁଟିଆ । ଏମିତି କେତେ କଣ ଭାବୁଥାଏ ହେମନ୍ତ । ପୁଣି ଭାବୁଥାଏ ତା ସହିତ କିପରି କଥାବାର୍ତ୍ତା ଆରମ୍ଭ କରିବ ! ଏହା ଭାବୁ ଭାବୁ ହେମନ୍ତ ନିଆଁ ଲାଗିଥିବା ସିଗାରେଟର ଶେଷ ଅଂଶଟିକୁ ତଳକୁ ପକାଇଲା । ମାତ୍ର ସିଗାରେଟ୍ ଶେଷ ଅଂଶଟି ତରୁଣୀଜଣଙ୍କ ଗୋଡ଼ ତଳପାରେ ଯାଇ ପଡ଼ିଲା ।

ଅପରିଚିତା ତରୁଣୀ କଣ ଯନ୍ତ୍ରଣା ଅନୁଭବ କରି ହଠାତ୍-ଓଃ କହି ତଳକୁ ଚାହିଁ ଦେଲେ । ହେମଂତ ସଙ୍ଗେ ସଙ୍ଗେ ସରି କହି ନିଆଁ ଲାଗିଥିବା ସିଗାରେଟ୍‌ଟିକୁ ଆଣି ଜୋତାରେ ଦଳି ଦେଲା ।

ପାଖ ସିଟ୍‌ରେ ଯିଏ ଯେପରି ବସିଛନ୍ତି—କେତେ ଜଣ ମଧ୍ୟ ଶୋଇକରି ଗପ କରିବାରେ ବ୍ୟସ୍ତ ଥାଆନ୍ତି । ତେଣେ ଦୁଇ ଗୁରି ଜଣ ବସି ବେଶ ତାସ୍ ଖେଳିବାରେ ନିମଗ୍ନ । ମଝିରେ ମଝିରେ ବଳୁତ ହସ ତାଳି ଭୁପୁଡ଼ା ଇତ୍ୟାଦି । ଅନ୍ୟ ଏକ ପାଖରେ ପଞ୍ଜାବୀ ଦୁଇ ତିନିଜଣ ବାବୁ । ସେ ମଧ୍ୟରୁ ଜଣେ ପଞ୍ଜାବୀ ବାବୁ ଦାଢ଼ି କୁଣ୍ଡାଉ କୁଣ୍ଡାଉ ଅନର୍ଗଳ ବକ୍ତୃତା ଦେବାରେ ବ୍ୟସ୍ତ । ବଡ଼ ସିଗାରେଟର ଧୂଆଁ ଇତ୍ୟାଦି···

Digitized by srujanika@gmail.com

ମାତ୍ର ହେମନ୍ତ ଓ ତରୁଣୀ ଜଣକ ଗୋଟିଏ ମୁଣ୍ଡରେ ବସିଥାନ୍ତି । ହେମନ୍ତ ମନେ ମନେ ଉଛନ୍ନ ହୋଇ ପଡ଼ୁଥିଲା କିପରି ତରୁଣୀଙ୍କ ସହ କଥାବାର୍ତ୍ତା ହେବ । ଦୁଇଜଣ ଯାକ ନୀରବ । ଦୁଇଜଣଙ୍କ ହୃଦସ୍ପନ୍ଦରେ ଅକୁହା କଥା । କେହି ହେଲେ ପ୍ରଥମକରି ନୀରବତାକୁ ଭଙ୍ଗ କରି ପାରୁ ନଥାନ୍ତି । ଦୁଇଜଣଙ୍କର ଭାବନା ତରଙ୍ଗରେ ଦୋଳାୟମାନ ହେଉଥିଲା ଏକ ବିରାଟ ନିସ୍ତବ୍ଧତା । ସେହି ନିସ୍ତବ୍ଧତା ମଧ୍ୟରେ ଥିଲା ପରସ୍ପରର ସ୍ନେହ ଭାଷାଣୀ···ଆଖି ମିଟିକା ଇତ୍ୟାଦି !···

ତେଣେ ତରୁଣୀ ଜଣକ ହାତରେ ଦି-ଇ-ଲଇଟ୍-ନାମକ ବହିଟିକୁ ଧରି ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚାଲିଥାନ୍ତି, ସତ କିନ୍ତୁ ଭାବନା ତାଙ୍କର ଅନେକ ଦୂରରେ ଥିଲା । ଯେଉଁ ଭାବନାରେ କି ତରୁଣୀଟି ସ୍ୱପ୍ନରେ ପଶି ଯାଉଥିଲେ ।

ଏ ବାବୁଙ୍କୁ କେଉଁଠାରେ ଦେଖିଲା ପରି ମନ ହେଉଛି । ହଁ, ଦେଖିଛି, ବହୁତ ଥର । ବୋଧେ ସେଇ ସାଉରକେଲାରେ । ତେବେ ସେ କିଏ ଏହି ଯୁବକ । ବେଶ ସୁସ୍ଥ ସବଳ । ବୟସ ବେଶୀ ଜଣା ପଡ଼ୁନି । ମନରେ ଉତ୍ତେଜନା । ଆଖିରେ ତୀକ୍ଷ୍ଣ ଦୃଷ୍ଟି । ହାତରେ ପିନ୍ଧିଛନ୍ତି ଏକ 'ଟିଟ୍' ଘଣ୍ଟା ।

ଡେଡ୍-ଡେଡ୍ 'ଟିଟ୍ ଘଣ୍ଟାଟି ଟ୍ରେନ ଆଲୁଅରେ ଝଲ, ଝଲ, ଦେଖା ଯାଉଛି । ଧଳା ଟେରିଲିନ ସାର୍ଟ ସହିତ ଧୂସର ରଙ୍ଗର ଟେରିକଟନ ପେଣ୍ଟ। ତରୁଣୀଜଣଙ୍କ ପାଖପିନ୍ଧିର ଅପରିଚିତ ଯାତ୍ରୀ ଆଡ଼କୁ ଥରେ ଅନାଇଁ ପୁଣି ଥରେ ଅନାଇଁ ପୁଣି ହେମନ୍ତକୁ ଚାହିଁ ରହିଲା । ମାତ୍ର ବେଶୀ ସମୟ ଚାହିଁ ପାରିଲା ନାହିଁ । ଭଦ୍ରତା ଖାତିରରେ । ପାଇଲା ନାହିଁ ନୂତନତ୍ୱ । ପୁଣି କଣ ଭାବି ଭେନଟି ବେଗ ଖୋଲି କଣ ଖୋଜିବାରେ ଲାଗିଲା । ମାତ୍ର ଭେନିଟ ବେଗରୁ

Digitized by srujanika@gmail.com

ଉତ୍ତର ଆସିଲା ତାଙ୍କ ସହିତ କଥା ହେବା ପାଇଁ । ପାରିଲା ନାହିଁ । ପୁଣି ବହି ଓଲଟାଇବାରେ ବ୍ୟସ୍ତ ରହିଲା ।

ଏହିପରି ଦୁଇଜଣଙ୍କ ଭାବନା ମଧ୍ୟରେ ନୀରବରେ ଅଧ ଘଣ୍ଟାଏ କଟିଗଲା । ହେମନ୍ତ ପ୍ରଥମେ ନୀରବତାକୁ ଭଙ୍ଗକରି ପଚାରିଲା ଆପଣ କୁଆଡ଼େ ଯିବେ ?

—ତରୁଣୀଜଣକ, ଉତ୍ତର ଦେଲେ ଖୁର୍ଦ୍ଦାରୋଡ଼ ।

—ସେଠାରେ କଣ କରନ୍ତି ?

—ମୁଁ ସେଠାରେ କଲେଜରେ ପଢ଼େ । ମୋର ଘର କଟକରେ ।

ହେମନ୍ତ କହିଲା, କଟକରେ ! କଟକରେ କେଉଁଠି ? ମୁଁ ତ କେବେ ହେଲେ ଆପଣଙ୍କୁ ଦେଖି ନାହିଁ ।

ତରୁଣୀଜଣକ ସାମାନ୍ୟ ହସି ଉତ୍ତର ଦେଲେ କଟକର ବଙ୍ଗାଳୀ ସାହିରେ ମୋ' ଘର । ଆପଣ ହୁଏତ ମୋତେ ଦେଖିଥିବେ କିନ୍ତୁ ଆପଣ ମନେ ରଖି ପାରି ନାହାନ୍ତି । ମାତ୍ର ମୁଁ ଆପଣଙ୍କୁ ବହୁତ ଥର ଦେଖିଛି ।

ହେମନ୍ତ ଟିକେ ଆଶ୍ଚର୍ଯ୍ୟ ହୋଇ ପଚାରିଲା, କିପରି ?

ତରୁଣୀ କହିଲେ-ଆଜି ଆପଣ ଯେତେବେଳେ ରିକ୍ସାରେ ଆସୁଥିଲେ କଲେଜ ଛକ ପାଖରେ ଦେଖିଥିଲି । ସେତେବେଳେ ମୁଁ ଗାଡ଼ିରେ ବାପାଙ୍କ ସହ ଷ୍ଟେସନକୁ ଆସୁଥିଲି । ବାପା ମୋତେ ଗାଡ଼ିରେ ବସାଇ ଚାଲିଗଲେ । ଏହାଛଡ଼ା ଆପଣଙ୍କୁ ରିକ୍ସାରେ ମଟର ସାଇକଲରେ ଯିବା ବହୁତ ଥର ଦେଖିଛି ।

ହେମନ୍ତ ହସି ହସି କହିଲା, ଆପଣ ତାହେଲେ ମୋତେ ଦେଖିଛନ୍ତି ମାତ୍ର ଚିହ୍ନି ନଥିଲେ ।

Digitized by srujanika@gmail.com

ତରୁଣୀଜଣକ ଭଲ୍ଲ ନକ୍କସ୍ତ୍ର ହସଦ୍ୱାସ୍ସ ହେମନ୍ତ କଥାକୁ ସମର୍ଥନ ଜଣ ଇଲେ ।

ହେମନ୍ତ, ପଚ୍ଚରିଲ୍ ଆପଣଙ୍କ ନାମ ?

ମୋନାଁ 'ପ୍ରତିଭା ମହାପାତ୍ର ।

ହେମନ୍ତ ଥଣ୍ଡାଳିଆ ସ୍ୱରରେ କହିଲ ସୁନ୍ଦର ନାମଟିଏ । କଲେଜ୍‌ର କେଉଁ ଇୟରର ହେଲ କ ?

ସେକେଣ୍ଡ ଇୟରର ସାଇନ୍‌ସ ।

ହେମନ୍ତ, କହିଲ—ଆପଣ କଟକରେ ନପଢ଼ି ଏତେ ଦୂରକୁ କାହିଁକି ଆସିଲେ ? କଣ କଟକ ଅପେକ୍ଷା ସେଠାରେ ଭଲ ପଢ଼ା ପଢ଼ି ହେଉଛି ?

ପ୍ରତିଭା କହିଲ; ନା ସେପରି କଛି ନୁହେଁ । ମୁଁ ମାଟ୍ରିକ ପାଶ୍ କଲ ପରେ ଏଠାରେ କୌଣସି ସ୍ଥାନରେ ବାଁଓ ଲଜରେ ସିଟ୍ ଯାଇଲ ନାହିଁ । ତେଣୁ ବାପା ରାଉରକେଲରେ ନାମ ଲେଖାଇବା ପାଇଁ ବାଧ କଲେ ।

ଆପଣଙ୍କର ଘରେ କିଏ କିଏ ଅଛନ୍ତି ହେମନ୍ତ ପ୍ରଶ୍ନ କଲ ?

ପ୍ରତିଭା କହିଲ; ବାପା କଟକରେ ସଂରଭିସ୍ କରନ୍ତି ଇଞ୍ଜିନିୟରିଂ ସ୍କୁଲରେ । ବଡ଼ ଭାଇ, ବାଙ୍ଗାଲୋରରେ ରେଡ଼ିଓ ଇଞ୍ଜିନିୟର ଭାଉଜ ମଧ୍ୟ ସେଠାରେ । କଟକରେ କେବଳ ବାପା, ମା' ।

ଆପଣଙ୍କ ବାପାଙ୍କୁ ତେବେ ମୁଁ ଚିହ୍ନିଲ ପରି ମନେ ହୁଏ ଯଦିଓ କଥାବାର୍ତ୍ତା କେବେ ହୋଇନ ଏହା କହି ସାରି –

ହେମନ୍ତ ଲକ୍ଷ୍ୟ କଲ, ପ୍ରତିଭାର କଥାବାର୍ତ୍ତାରେ ପୁରି ରହିଛି କି ମାଦକତା ? ଦେହରେ ପ୍ରତ୍ୟେକ ସ୍ଥାନରେ ଲାଗି ରହିଛି ଯୌବନର କ୍ଷଣିକ ଉତ୍ତେଜନା, ଆନନ୍ଦ ମିଶା ଏକ ଅଜ୍ଞାତ

Digitized by srujanika@gmail.com

ନୂତନ ଭାବ ହେମନ୍ତର ବ୍ୟଥିତ, ଉଦ୍‌ବଗ୍ନ ଅନ୍ତରରେ ବ୍ୟାପିଗଲା, ପ୍ରତିଭା ସମ୍ବନ୍ଧରେ ପ୍ରଥମଥର ଲାଗି ତାର ଅତିତ ଜୀବନରେ ଏପରି ହଠନେ ଯୌବନର ପରଶ ପାଇଥିଲା । ମାତ୍ର ତାହା ଅତୃପ୍ତି, ବଦ୍ରୋହରେ ଧୁମାୟିତ ହୋଇ ମିଶି ଯାଇଥିଲା । ସେହି ସମସ୍ୟା ପୁଣି ଆଜି ତାର ସମାଧାନ ।

ପ୍ରତିଭା ସେହି ଗତ ଶିଳ ଟ୍ରେନ୍‌ରେ ବସି ହେମନ୍ତର କଥାକୁ ଏକ ଧ୍ୟାନରେ ଶୁଣି ଯାଉଥିଲା ଏବଂ ମନେ ମନେ ଭାବୁଥିଲା ସେହି ଅପରିଚିତ ଯୁବକ ତା ବିଷୟରେ ଏତେ କଥା ଜାଣିଲେ ମାତ୍ର ସେ ତାଙ୍କ ବିଷୟରେ କିଛି ଜାଣି ପାରିଲା ନାହିଁ । ତେଣୁ ତା ହୃଦୟ ବ୍ୟାକୁଳ ହୋଇ ଉଠିଲା । ଅନ୍ତର ଥିଲା, ଖୋଲା, ନୀରବ, ଆବେଗରେ ପରୁରିଲା, ଆପଣଙ୍କ ପରିଚୟ ତ କହିଲେ ନାହିଁ । ମୋଠାରୁ ବହୁତଗୁଡ଼ିଏ କଥା ଶୁଣିଲେ ।

ହେମନ୍ତ ନୀରବ ଭାବନାକୁ ବଦଳାଇ, ହସି ହସି ଉତ୍ତର ଦେଲା;—

ମୋର ନାମ ହେମନ୍ତ କୁମାର ପଣ୍ଡା । ଘର କଟକରେ । ଗତବର୍ଷ ବୁର୍ଲାରେ ଇଞ୍ଜିନିୟରିଙ୍ଗ ପାଶ୍ କରିବା ପରେ, ବର୍ତ୍ତମାନ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ୍‌ରେ ସରଭିସ୍ କରୁଛି ।

ପ୍ରକୃତରେ ଆପଣଙ୍କ କଥା ସତ ପ୍ରତିଭା ଦେବୀ, ଆପଣ ମୋତେ ଆଗରୁ ରାଉରକେଲାରେ ଦେଖିଥିବେ; କିନ୍ତୁ ଆପଣଙ୍କୁ ମୁଁ ଆଗରୁ ଦେଖି ମଧ୍ୟ ଚିହ୍ନି ପାରି ନଥିଲି ।

ପ୍ରତିଭା, ହସି ହସି କହିଲା, ମୋତେ ଆଗରୁ ଦେଖି ଆପଣଙ୍କର ଲାଭ ?

ଯେଉଁ ଲାଭରୁ ତୁମେ ବଞ୍ଚିତା ହେମନ୍ତ ଉତ୍ତର ଦେଲା ।

Digitized by srujanika@gmail.com

ଏହି ସମୟରେ ରେଳ ଇଞ୍ଜିନ୍‌ଟା ଦୁଇଜଣଙ୍କ କଥାବାର୍ତ୍ତାକୁ ବାଧା ଦେଇ ଗର୍ଜି ଉଠିଲ ଦୀର୍ଘ ସମୟ ଶବ୍ଦ କରି, ଷ୍ଟେସନ ହୋଇଗଲ କହି ହେମନ୍ତ ଝରକା ଖୋଲି ବାହାରକୁ ଚାହିଁଲ ।

× × × ×

ଏହି ସମୟରେ ରେଳ ଇଞ୍ଜିନ୍‌ଟା ଭକ୍ ଭକ୍ ଧୂଆଁ ଛାଡ଼ି ଭଦ୍ରକ ଷ୍ଟେସନରେ ଠିଆ ହେଲ । ହେମନ୍ତ ଓ ପ୍ରଭାକର ଟ୍ରେନରେ ଦୀର୍ଘ ତିନଘଣ୍ଟା କଟିଗଲାଣି । ରାତି ପ୍ରାୟ ନଅଟା ହେବ । ପ୍ଲାଟ ଫର୍ମ ଲୋକ ରଣ୍ୟରେ ପୂର୍ଣ୍ଣ । ଅଳ୍ପ ଦୂରରୁ ଭାସି ଆସୁଥାଏ, ପାନ, ବିଡ଼ି, ସିଗାରେଟ୍ । ଚା ବାଲ ପିଲାଟି ତେଣେ ଗରମ ଚା, ଗରମ ଚା, ଧ୍ୱନି କରି ମଝିରେ, ମଝିରେ ଗୀତର ଲହରୀ ଛୁଟାଇ ଦେଉଛି—

ହେମଂତ ଚା ବାଲ ପିଲାଟିକୁ ନିକଟ ହେବା ଦେଖି, ଦୁଇକପ୍ ଚା ପାଇଁ ବରାଦ ଦେଲା । ପ୍ରଭାକର ବାଧା ଦେଇ କହିଲା, ନା ମୁଁ ଚା ଖାଏ ନାହିଁ । ମାତ୍ର ହେମଂତର ଅନୁରୋଧକୁ ରକ୍ଷାକରି ଚାକପ୍‌ଟି ଧରିଲା ।

କିରେ ସୁନ୍ଦର ଗୀତଟାଏ ତ ଗାଉଥିଲୁ ଗାଇଲୁ ଦେଖି ଆଉଥରେ । ହେମଂତ ଚା'ବାଲା ପିଲାଟିକୁ ପଚାରିଲା ।

ମାତ୍ର ପିଲାଟି ନୀରବରେ ଠିଆ ହୋଇ ମୁରୁକି ମୁରୁକି ହସୁଥିଲ । ପ୍ରଭାକର ମଧ୍ୟ 'ସେ ହସର ସାଧୁର୍ଯ୍ୟକୁ ସାହାଯ୍ୟ କରୁଥିଲା ।

ପ୍ରଭାକର ଚା କପ୍‌ଟି ଆଗ ଶେଷ କରି, ନିଜ ଭେନିଟ୍ ବେଗରୁ ପଇସା କାଢ଼ି ଚା ବାଲା ପିଲାଟିକୁ ବଢ଼ାଇ ଦେଲ ।

ହେମଂତ କହିଲ ନା ମୁଁ ଦେଉଛି ?

Digitized by srujanika@gmail.com

ମାଷ ପ୍ରତିଭା, ହସି ହସି କହିଲା ଗାଡ଼ି ଛାଡ଼ିଲାଣି ଦେଖୁ ନାହାନ୍ତି ମୋତେ ପରେ ଦେଲେ କଣ ହେବନ ? ସେତେବେଳକୁ ଗାଡ଼ି ଷ୍ଟେସନ ଛାଡ଼ି ସାରିଥିଲା ।

ଧୂମ୍ର କୁହେଳିକା ମଧ୍ୟରେ ହେମଂତ ଭାବୁଥିଲା ପ୍ରକୃତରେ ପ୍ରତିଭା କେତେ ସହାନୁଭୂତିଶୀଳତା । ବ୍ୟବହାର କି ସୁନ୍ଦର । ସତରେ ସେ ମଧ୍ୟ କେତେ ସୁନ୍ଦର ନୁହେଁ । ଗୋଲ ମୁହଁଟି ମଧ୍ୟରେ କଳା ଟିକାଟି କେତେ ଚମତ୍କାର । ଆଖିରେ ତାର ପୂରି ରହିଛି ଅଦ୍ଭୁତ ଦୃଷ୍ଟି । ଯେଉଁ ଦୃଷ୍ଟିର ଶେଷ ସୀମାଂତ ହେଉଛି ହେମଂତ । ମନରେ ଆବେଗ । ଗର୍ବନାହିଁ । ଛାତିରେ ରହିଛି ଏକ ଅପୂର୍ବ ଶୋଭା । ଯେଉଁ ଶୋଭାକୁ ପ୍ରତିଭା ଆଣିଛି ଖୁବ୍ ଅଳ୍ପଦିନ ହେଲା । ଯୌବନର ପ୍ରଥମ ପରଶ । କୋଳରେ ତାର ଭେନିଟି ବେଗ୍ ଶୋଭାକୁ ଦୁଇଗୁଣ କରି ଦେଉଥାଏ । ଆଜି କାଲି ସିନେମା ଯୁଗରେ ହେମମାଳିନୀ କମ୍ବା ବବିତା କେହି ହେଲେ ରୂପରେ ପ୍ରତିଭାଠାରୁ ଜିଣି ପାରିବେ ନାହିଁ । କିନ୍ତୁ ଭାବନାର ବୈତରଣୀ ମଧ୍ୟରେ ଆଶା ତାର ଆଶାରେହିଁ ରହି ଯାଉଥିଲା । ଲକ୍ଷ୍ୟ ତାର ପ୍ରତିଭା । ଦୁଇଜଣଯାକ ନୀରବ ।

ପ୍ରତିଭା ଦ-ଇ-ଲ୍ୟଇଟ ବହିଟି ଓଲଟାଉ ଓଲଟାଉ ପଚାରିଲା; 'ଅଚ୍ଛା' ହେମନ୍ତ ବାବୁ । ଆପଣ ଏ ବହିଟିକୁ ପଢ଼ିଛନ୍ତି ?

ସିଗାରେଟ୍‌ଟି ତଳେ ପକାଇ ହେମନ୍ତ ଦେଖି କହି ପ୍ରତିଭା ହାତରୁ ବହିଟି ନେଲା । ବହିଟି ନେଲା ବେଳେ ପ୍ରତିଭା ଆଙ୍ଗୁଳିର ସ୍ପର୍ଶ ହେମନ୍ତ ଦେହରେ ଆଣି ଦେଲା ଏକ ବିଦ୍ୟୁତର ଉତ୍ତେଜନା । ବହିଟି ଦେଖୁ, ଦେଖୁ ହେମନ୍ତ ଭାବୁଥାଏ—ପ୍ରତିଭା ସତରେ କି ଯାଦୁକର ବିଦ୍ୟା ଜାଣିଛି । ଥରି ଉଠିଥିଲା, ତାର ହାତ ଏବଂ

Digitized by srujanika@gmail.com

ଅଭିନୟର ପରିସମାପ୍ତି କଣ ହୋଇପାରେ । ମନରେ ପ୍ରତିକ୍ରିୟା କିନ୍ତୁ ବସ୍ତୁସ୍ଥ ଓ ଅଭିଜ୍ଞତା ଆଜ ତାକୁ ଦେଖାଇ ଦେଇଛି ବହୁତ କଥା । ଯେଉଁ ଅଭିଜ୍ଞତାକୁ ହାସଲ କରିବା ପାଇଁ ସହିଛି କେତେ ଦୁଃଖ, କଷ୍ଟ, ନିର୍ଯ୍ୟାତନା ଜୀବନରେ ପରୀକ୍ଷା ରୂପେରେ, ଆଗରେ, ନବ ଯୌବନା, ରୂପସୀ, ପ୍ରତିଭା ।

ପ୍ରତିଭା ମଧ୍ୟ ହେମନ୍ତର ସ୍ପର୍ଶ ପାଇ ଦେହରେ ତାର ମାଦକତା ଭରି ଯାଇଥିଲା । ନାରୀ ଜୀବନରେ ପ୍ରଥମଥର ପାଇଁ ଆଜ ହେମନ୍ତର ସ୍ପର୍ଶ ତାକୁ ଭରି ଦେଇଥିଲା ବିପୁଳ ଉତ୍ତେଜନା । ଯେଉଁ କ୍ଷଣିକ ଉତ୍ତେଜନାକୁ ଦିଗନ୍ତ ବିସ୍ତାରି ଦୂରରେ ଖୋଜିଲେ ମଧ୍ୟ ପାଇ ପାରିବ ନାହିଁ । ରହି ଯାଉଥିଲା ହୃଦୟରେ ତାର ଅକୁହା କଥା । ସଙ୍ଗେ, ସଙ୍ଗେ, ବାହାନାରେ ଲୁଗାଟି ସଜାଡ଼ିବାରେ ଲାଗିଲା । ଚୁଟିକୁ ସାମାନ୍ୟ ଗୁହିଁ ଦେଇ ପଣତ କାନିଟି ମୁଣ୍ଡରେ ଦେଉଁ ଦେଉଁ କହିଲା—

ଉଁ କୋଇଲା ଗୁଣ୍ଡଗୁଡ଼କ— । ଟ୍ରେନ୍‌ର ଝରକାଟି ବନ୍ଦକଲା । ହେମନ୍ତକୁ ଲକ୍ଷ୍ୟ କଲା । ହେମନ୍ତ ବହିଟିକୁ ଏକ ଲୟରେ ଗୁହିଁବାରେ ବ୍ୟସ୍ତ । ସତେ ଯେପରି ପ୍ରତିଭା କଣ କରୁଛି ହେମଂତ ଜାଣିପାରୁନାହିଁ । ହେମଂତ ଦେଖିବାକୁ ସୁନ୍ଦର । କଥାବାର୍ତ୍ତାରୁ ଜଣା ପଡ଼ୁଛି । ଭଲ ଲୋକ । ତା' ଜୀବନରେ ଏପରି ଅବସ୍ଥାରେ ଏକୁଟିଆ ହେମନ୍ତ ଭଳି ଯୁବକଟିଏ ପାଇବ ବୋଲି ସ୍ୱପ୍ନରେ ଭାବି ନଥିଲା । ଯାହା ହେଉ ଆଜ ଯାହାର କୌଣସି ଅସୁବିଧା ହେବନି ? ଏକୁଟିଆ ଥିଲେ ହୁଏତ ବହୁତ ଖରାପ ଲାଗୁଥାନ୍ତା । ହେଲେ ହେମନ୍ତ ରାଉରକେଲାରେ କେଉଁଠି ରହୁଛନ୍ତି ଜାଣି ପାରିଲା ନାହିଁ । ସନ୍ଦେହୀ ମନ ତାର ଜାଗ୍ରତ ହୋଇ ଉଠିଲା ।

Digitized by srujanika@gmail.com

ହେମନ୍ତ ବହିଟିକୁ ଓଲଟାଇ ଦେଖିଲା, ବହିଟିର ପୃଷ୍ଠାରେ ବହିର ନାମ । ଦ-ଇ-ନ୍ନଇଟ୍ । ତା ତଳେ ଲେଖା ହୋଇଛି 'କେବଳ ବୟସ୍କଙ୍କ ପାଇଁ । ବହିଟି ପ୍ରତିଭା ହାତକୁ ଦେଉ ଦେଉ କହିଲା, ବୁଝିଲ; ପ୍ରତିଭା ! ଆଜିକାଲି ବଜାରରେ ଯେଉଁ ଶସ୍ତା ନଭେଲ ସବୁ ବାହାରି ହେଉଛି—କେବଳ ବୟସ୍କଙ୍କ ପାଇଁ ଲେଖା ହୋଇ, ପ୍ରକୃତରେ ତାର ମୂଲ୍ୟ କଣ୍ଛିନାହିଁ । ସେଥିରେ ପୁଣି ସାବଧାନ କରି ଦିଆ ହୋଇ ଥାଏ ଯେ, 'ଯେପରି ଅବିବାହିତାଙ୍କ ହାତରେ ଏ ବହିଟି ନପଡ଼େ ।' ମାତ୍ର ଆଜିକାଲି ବିଂଶ ଶତାବ୍ଦୀର ଯୁବକ, ଯୁବତୀମାନଙ୍କର ସେହି ବହି ପ୍ରତି ବେଶୀ ଆଗ୍ରହ । ବିବାହିତ.ମାନେ ଶତକରା ଜଣେ ଦୁଇଜଣ ଏହି ବହି ପଢ଼ନ୍ତି କି ନାହିଁ । ବେଶୀ ପଢ଼ନ୍ତି ଅବିବାହିତା । ଭିତରେ ଯାହାଥାଉ । ଏ ବହି କପରି ବହୁଳ ଭାବରେ ବଜାରରେ ବିକ୍ରି ହେବ ତାହାର କାରସାଦି । ଏହି ବହିଟି ତାର ଉଦାହରଣ ନୁହେଁ କି ?

ପ୍ରତିଭା; ହସି, ହସି ମୁହଁରେ ଲୁଗା ଦେଇ କହିଲା, ନାହିଁ ଏହି ବହିଟି ଭଲ, ଜଣେ ଋଷିଆନ୍ ରାଇଟରଙ୍କର ଓଡ଼ିଆରେ ଅନୁବାଦ ହୋଇଛି ।

ବହିଟି ଦେବା ସମୟରେ ହେମନ୍ତ ପ୍ରତିଭାର ହାତକୁ ଧରି ପକାଇଥିଲା । ଟିକେ ନୁହେଁ ଖୁବ୍ ଯୋରରେ । ମୁହଁରେ ନଥିଲା ଭାଷା । ପ୍ରତିଭାର ସୁକୋମଳ ହାତ ଚାପୁଲି ତାକୁ ଦେଇଥିଲା କୃତଜ୍ଞ । ଯାହା କ ଢାବପାର ନଥିଲା । ଦୁଇଟି ବିରହ ଆତ୍ମାର ଶୁଭଚକ୍ଷୁର ମିଳନ ହୋଇଥିଲା ଏକାଠି ।

ପ୍ରତିଭା, ମୁହଁରେ ମଧ୍ୟ ନଥିଲା ଭାଷା । ବୁକୁରେ ତାର ଜାଗିଥିଲା କମ୍ପନ । ଆଖି ତାର ବନ୍ଦ, ହୋଇଥିଲା । ମୁହଁ ଲାଲ ପଡ଼ି ଯାଇଥିଲା । ଅସିଥିଲା ଚକ୍ଷୁର ଭାବ । ବହିଟି ପଡ଼ି ଯାଇଥିଲା

Digitized by srujanika@gmail.com

ଚଳେ । କ୍ଷଣିକ ଅନୁଭୂତିରେ ସେ ହଜାଇ ଦେଇଥିଲ, ଏ ଦୁନିଆକୁ । ହୃଦୟରେ ଜାଗିଥିଲ, ବରାଟ ପ୍ରଶ୍ନ । ଯେଉଁ ପ୍ରଶ୍ନର ଉତ୍ତର ଅସମ୍ଭବ ମନେ କରୁଥିଲ, ସେ·········

ଦୁଇଟି ବହ୍ନ ହୃଦୟରେ ବାଧା ଦେଉଥିଲ, ପ୍ରତିଭାର ଆନନ୍ଦ ତଥା ବିସ୍ମୟର ଥରିଲା କଣ୍ଠ । ନିମ୍ନ ସ୍ୱରରେ କହୁଥିଲା, ଛାଡନ୍ତୁ ଲୋକମାନେ ବସିଛନ୍ତି । ଛାଡ଼ନ୍ତୁ କହି ଛଡ଼ାଇ ନେଇଥିଲା ତାର ହାତ ହେମନ୍ତ କବଳରୁ । ତାର ସୁକୋମଳ ହାତ ପଡ଼ିଯାଇଥିଲା ଲାଲ, ଭୟରେ ତାର ମୁହଁ ତଳକୁ ହୋଇ ଯାଇଥିଲା । ପୁଣି ଆସିଥିଲା, ସେହି ଦୁଷ୍ଟାମିର ଗୋପନ ହସ, ମାଦକତା, ଉତ୍ତେଜନା, ଯେଉଁ ଉତ୍ତେଜନାକୁ ସେ ସମ୍ଭାଳି ପାରି ନଥିଲା ଖୋଲି ଦେଇଥିଲ, ପିଞ୍ଜରର ଦ୍ୱାର ।

ହେମନ୍ତ ମଧ୍ୟ ଉଦ୍ଭ୍ରାନ୍ତ, ଖାଲିରବେ ପ୍ରତିଭାର ଥରିଲା କଣ୍ଠରୁ ଶବ୍ଦକୁ ବାଧା ଦେଇ ପାରିନଥିଲ । ପ୍ରତିଭା, ପ୍ରତି ବ୍ୟବହାର ତାର ଖରାପ ହେଲା କି ? ପ୍ରତିଭା କିନ୍ତୁ ଖରାପ ଭାବିଲା ନା କଣ, ଘବୁ, ଘବୁ, ପକେଟରୁ ରୁମାଲ ବାହାର କଲା ।

ପ୍ରତିଭା, ତଳକୁ ମୁହଁ କରି, କଣେଇଁ, କଣେଇଁ ହସି କହିଲ, ଏମିତି ଦୁଷ୍ଟାମି କେବେ ଶିଖିଲ କି ?

ସିଗାରେଟ୍ ଧୂଆଁ ଟିକେ ପ୍ରତିଭା ମୁହଁକୁ ଛାଡ଼ି ଦେଇ, ହେମନ୍ତ ହସି, ହସି ଉତ୍ତର ଦେଲା, ତୁମକୁ ଦେଖିଲାଠାରୁ ।

ପୁଣି ଚାରିଚକ୍ଷୁର ମିଳନ । ଯେଉଁ ମିଳନରେ କାହାରି ଚକ୍ଷୁରେ ନଥିଲ ପଲକ । ଦୁଇଟି ହୃଦୟରେ ପୁରି ରହିଥିଲ, ନୂତନ ପ୍ରେରଣା, ଅଗାଢ଼ ସ୍ନେହ ଓ ଆଶଙ୍କାର କଳା ମେଘ ।

ଆପଣ, ମୋର ହାତକୁ ଧରି କଣ ଆନନ୍ଦ ପାଇଲେ ଶୁଣେ ? ଏ ଆନନ୍ଦର କାରଣ ବୁଝାଇ ହୁଏ ନାହିଁ ପ୍ରତିଭା ।

Digitized by srujanika@gmail.com

ଏ ଆନନ୍ଦ ଆପେ, ଆପେ ବୁଝି ହୋଇଯାଏ । ମଣିଷର ଅନୁଭୂତି ଓ ବସ୍ତୁର ବେଳା ଏହା ବୁଝିବା ଯେ ଅସମ୍ଭବ ଏହା ତୁମେ କଣ ଜାଣିନ ?

ଜାଣିଥିଲେ ମଧ୍ୟ ଅନୁଭବ କରିନଥିଲି । ମାତ୍ର ଆପଣଙ୍କର ଅନୁଭୂତିର ମାପକାଠି କେତେ ଦୂର, ଜାଣିବା ପାଇଁ ଚାହିଁଥିଲି ।

ଦୁହିଁଙ୍କ ମଧ୍ୟରେ ଦେଖା ଦେଇଥିଲା, ମାରବଡାର ବରାଟ ପାଚେରୀ । ଯେଉଁ ପାଚେରୀକୁ ଡେଇଁବା ଅସମ୍ଭବ ମନେ କରୁଥିଲେ । ଦୁଇଟି ଆତ୍ମାର ଅଜଣା ଉନ୍ମାଦନା ମଧ୍ୟରେ ଆଣିଥିଲା ନୂତନ ପ୍ରେରଣା ।

କିଛି ସମୟ ପରେ, ପ୍ରତିଭା ଉଜ୍ଜ୍ୱଳ ଦୃଷ୍ଟିରେ କହିଲା ।

କଣ, ହେମନ୍ତ ବାବୁ ଆପଣ ବହୁତ ଚିନ୍ତା ମଗ୍ନ ରହିଲା ପରି ଜଣା ପଡୁଛନ୍ତି । କଣ ଏତେ ଭାବୁଛନ୍ତି । କଥାବାର୍ତ୍ତା କହିବେନି ନା କଣ ।

ତା ଯଦି ନହେଁ କଣ ଭାବୁଛନ୍ତି ଶୁଣେ ?

ଆପଣ ବୋଧେ ରାଗିଲେ ମୋ ଉପରେ ସେହି କେଇପଦ କଥା କହିଦେବା ଯୋଗୁଁ ।

ନା ତୁମ ଉପରେ ମୋର କଣ ଅଧିକାର ଅଛି ? ଯେଉଁ ଅଧିକାରରେ ତୁମ ଉପରେ କରିବି ରାଗ । ତୁମେ ମୋ ପାଖରେ ଯେପରି ଅପରିଚିତ ମୁଁ ମଧ୍ୟ ତୁମ ପାଖରେ ସେହିପରି ଜଣେ, ଏଥିରେ ରାଗ କରିବା ଦରକାର କଣ ।

ମାତ୍ର ଏତିକି ଦୁଃଖ ଲାଗୁଛି — ଯେ ଦୁଇଟି ଅଜଣା ଆତ୍ମାର ଗାଢ଼ ସ୍ନେହ ବନ୍ଧନ ମଧ୍ୟରେ ମିଳନ ହୁଏ ହଠାତ୍ ଚେତନରେ । ଯେଉଁଥିରେ ଥାଏ ଅତୃପ୍ତି । ତାପରେ ଏହାର ପୂର୍ଣ୍ଣଚ୍ଛେଦ କେଉଁଠି ?

Digitized by srujanika@gmail.com

ପ୍ରତିଭା ମୁହଁରେ ବିସ୍ମୟର ଭାବ ଦେଖା ଦେଇଥିଲା । ସେ ହେମନ୍ତର କଥା କିଛି ବୁଝି ପାରି ନଥିଲା ।

—ଆପଣଙ୍କର କହିବାର ଅର୍ଥ ମୁଁ ବୁଝି ପାରୁନାହିଁ ହେମଂତ ବାବୁ । କଣ କହୁଛନ୍ତି ପରିଷ୍କାର କହନ୍ତୁ ନା ?

ପୁଣି ଆନ୍ତରିକତା ସ୍ୱରରେ ପ୍ରଶ୍ନକଲା ।

ସେକଥା ତୁମେ ସହଜରେ ବୁଝି ପାରିବ ନାହିଁ । ଏ ମନ ଗଢ଼ା ସ୍ୱପ୍ନ । ମଣିଷର ସ୍ୱପ୍ନ କେବେ ସତ୍ୟରେ ପରିଣତ ହୁଏନା । ସେ ଯାହା ଭାବେ ତାହା କରି ପାରେନା । ଅଶା ଆଶାରେହିଁ ରହିଯାଏ ।

ପ୍ରତିଭା ଲକ୍ଷ୍ୟକଲା ହେମଂତ ମନରେ ଆସିଛି ଗଭୀର ଭାବ, ଯେଉଁଥିରେ କି ସେ ହୋଇଛି ଚିଂତା ମଗ୍ନ । କଲେଜ ଜୀବନର ସେ ଭୁଲି ଯାଇଥିଲା, ସମସ୍ତ ଗ୍ଲାନି ହେମଂତ ସହିତ କେତେ ପଦ କଥାବାର୍ତ୍ତାରେ । ମାତ୍ର ହେମଂତର ହଠାତ୍ ପରିବର୍ତ୍ତନ ତା ମନରେ ଆଣିଥିଲା ଅସହ୍ୟ ଯନ୍ତ୍ରଣା ।

ମୋ' ଦ୍ୱାରା ସେ ସ୍ୱପ୍ନ ଯଦି ସତ୍ୟ ହୋଇପାରେ ମୁଁ ଚେଷ୍ଟା କରିବି, ପ୍ରତିଜ୍ଞା କରୁଛି । କିନ୍ତୁ ଏତିକି ମନେ ରଖନ୍ତୁ—ହେମନ୍ତ ବାବୁ ଆପଣ ଯଦି ମୋ ପାଖରେ କହି ନପାରିବେ ତେବେ ଜୀବନରେ କାହାରି ପାଖରେ ମଧ୍ୟ କହି ପାରିବେ ନାହିଁ । ଏତିକି କହି ପ୍ରତିଭା ଚାହିଁରହିଲା ହେମନ୍ତ ମୁହଁକୁ । ମୁଖ ଭଙ୍ଗୀରେ ପୁରି ରହିଥିଲା, ଅପୂର୍ବ ପରିବର୍ତ୍ତନ ।

ତୁମେ ହୁଏତ ଖରାପ ମନେ କରିବ ।

ନା, ମୁଁ ପ୍ରତିଜ୍ଞା କରୁଛି କିଛି ଭାବିବି ନାହିଁ । ମୋ' ଶୁଣୁ ଅଛି । ଆପଣ କୁହନ୍ତୁ ।

Digitized by srujanika@gmail.com

ପ୍ରତିଭାର ଅନୁରୋଧ ତଥା ଛଳଛଳ ଆଖିକୁ ଦେଖି ହେମନ୍ତ ଧୈର୍ଯ୍ୟ ଧରି ପାରିନଥିଲା । ଅପ୍ରତ୍ୟାଶିତ ଭାବରେ ପ୍ରତିଭାର ହାତ ଧରି ପକାଇ କହିଥିଲା ମୁଁ ତୁମକୁ ଭଲପାଏ ପ୍ରତିଭା । ମାତ୍ର ମଣିଷ ପକ୍ଷରେ ଏହା ଯଦି ଅସମ୍ଭବ ନୁହେଁ—ଅସମ୍ଭବ ଆମ ଦୁଇଜଣଙ୍କ ପାଖରେ । ଏତିକି କଥା ହେମନ୍ତ କହିଦେଇ ଚକିତ ଦୃଷ୍ଟିରେ ଚାହିଁ ରହିଲା ପ୍ରତିଭାକୁ ।

ପ୍ରତିଭା ! ହଠାତ୍ ଚମକି ପଡ଼ିଥିଲା । ହେମନ୍ତର କେତେ ପଦ କଥା—ତା ମନରେ ଆଣିଥିଲା, ନୂଆ ଜୀବନର ସ୍ପନ୍ଦନ । ବୁଝି ପାରୁ ନଥିଲା ଏ ରହସ୍ୟ, ରାତି ଗାଡ଼ିଟିର ଦିଗନ୍ତ ଗତି କେତେ ଦୂର । ସେହି ଗାଡ଼ିରେ ବସି ସେ ଆଜ ଯେପରି ରହସ୍ୟମୟୀ ହୋଇ ପାରିଛି । କଣୋଶ୍ରୀ ଜୀବନରେ ଏ ବିରାଟ ଅନୁଭୂତିର ଭୁଲ୍ ଠିକ୍ ଜାଣିପାରୁ ନଥିଲା । ଲଜରେ ମ୍ରିୟମାଣ ହୋଇ ଯାଇଥିଲା ଓ ମନେ ମନେ ଭାବୁଥିଲା ହେମନ୍ତର—ଏହା ପରିହାସ ନୁହେଁତ ?

ମନେ ଅଛି ତାର ଅଳ୍ପ ଦିନର କଥା । ହେମଂତ ଭଳି ଜଣେ ଇଞ୍ଜିନିୟରଙ୍କ ସଙ୍ଗରେ ତାର ବିବାହ ପ୍ରସ୍ତାବ ପଡ଼ିଥିଲା । ସେ ତାକୁ ପସନ୍ଦ ନକରି ଫେରିଗଲେ । ବର କହିଥିଲା ସ୍କୁଟର, ଘଣ୍ଟା, ରେଡ଼ିଓ ଓ ନଗଦ କୋଡ଼ିଏ ହଜାର ଟଙ୍କା ଯୌତୁକ ରୂପେ ଦେଲେ ସେ ବିବାହ କରିବେ । ମାତ୍ର ସେଥିରେ ତାର ବାପା ରାଜି ହୋଇ ନଥିଲେ । କହିଥିଲେ, "ମୋ ଝିଅ ଅସୁନ୍ଦର ନୁହେଁ କି ନଷ୍ଟ ଚରିତ୍ରା ନୁହେଁ ଯେ, ଟଙ୍କା ଦେଇ ଋଣ ଶୁଝିବି । ସେକଥା ଅସମ୍ଭବ ।" ଆଜି କାଲିକାର ବିଂଶ ଶତାବ୍ଦୀର ଯୁବକଙ୍କ କଥା କହିଲେ ନସରେ । ସେହି ଜଳବାୟୁରେ ଗଢ଼ା ହେମନ୍ତ ଜଣେ ଇଂଜିନିୟର । ସେ ଯେ କିପରି ସେଥିରୁ ବାଦ ଯିବ ? ବାକ୍ୟ

Digitized by srujanika@gmail.com

ତାର ଅସମ୍ପୂର୍ଣ୍ଣ ରହିଗଲା । ଗୋଲାପି ଓଠ ତାର ଥର ଉଠିଥିଲା । କେବଳ ଏତିକି ମାତ୍ରକହିଥିଲା ।

ଆପଣ ଥଟ୍ଟା କରୁ ନାହାନ୍ତି ତ ?

ତୁମେ ପରିହାସ ମନେ କରିପାର ପ୍ରତିଭା, କିନ୍ତୁ ମୋ' ପକ୍ଷରେ ଏହା ପରିହାସ ନୁହେଁ ।

ପ୍ରତିଭାର ଯୌବନ କଳିକା ଝାଉଁଳି ପଡ଼ିଥିଲା । ଟ୍ରେନ୍‌ର ଝରକାବାଟେ ସେ ଲକ୍ଷ୍ୟକଲା, ବାହାରେ ଜମିରହିଛି ବହଳ ଅନ୍ଧକାର । ସେ ଯେପରି ହେମନ୍ତ ସହିତ ସେଠାରେ ବସିନାହିଁ, ବହଳ ଅନ୍ଧକାର ଗର୍ଭରେ ଲୁଚି ଯାଇଛି ସେ ବହୁତ ଦୂରରେ । କେହି ଯେପରି ଖୋଜି ପାଇ ପାରିବେ ନାହିଁ ତାକୁ । ହୃଦୟରେ ତାର ବିରାଟ କାଳିମା ଘେରି ରହିଥିଲା । ଗମ୍ଭୀର ଭାବରେ ଉତ୍ତର ଦେଇଥିଲା ସେ ।

ଦେଖନ୍ତୁ ହେମନ୍ତ ବାବୁ, ଆମେ ଦୁଇଜଣ ହେଲେ ଆଧୁନିକ ଯୁଗର ଯୁବକ ଯୁବତୀ । ଆମର ମଧ୍ୟ ବିଚାର କରିବା ଶକ୍ତି ଅଛି, ଯେହେତୁ ଦୁଇଜଣଯାକ ଶିକ୍ଷିତ । ଆପଣ ହୁଏତ ଆଜି ମୋ' ପ୍ରତି ଆକୃଷ୍ଟ ହୋଇ ଭଲ ପାଇ ବସିଛନ୍ତି । କାଲି ଏପରି ସମୟ ଆସିବ ଆପଣ ଦୂରେଇ ଯିବେ ବହୁତ ଦୂରକୁ । ଏହା ମୋର ଦେଖିଥିବା କୋଡ଼ୋଟି ଅନୁଭୂତିର କଥା ମାତ୍ର । ଅବିବାହିତାର ପ୍ରଣୟ ପାପ, ଏ କଥା କଣ ଆପଣ ଜାଣି ନାହାନ୍ତି ? କେତେ ପ୍ରେମ ଆନାହାସ୍ତରେ ଅରମ୍ଭ ହୁଏ ଏବଂ ଶେଷହୁଏ ଅଶ୍ରୁସିକ୍ତ ନୟନରେ । ସେହିପରି ଆପଣ ମୋତେ କପରି ଭଲ ପାଆନ୍ତି ? ପ୍ରେମିକା ହିସାବରେ ସବୁଦିନପାଇଁ, ସ୍ଥାନ ଦେଇ ପାରିବେ ତ ? ପ୍ରତିଭା ଏତିକି କହି ଚାହିଁ ରହିଲା ହେମନ୍ତର ମୁହଁକୁ ।

Digitized by srujanika@gmail.com

ପ୍ରଭାଙ୍କର ବକ୍ତୃତାରେ ହେମନ୍ତ ସ୍ତବ୍ଧ ହୋଇ ବସି ରହିଥିଲା । ମୁଖମଣ୍ଡଳ ତାର ମଳିନ ପଡ଼ିଯାଇଥିଲା । ଏହିପରି ପ୍ରଶ୍ନ ଜୀବନରେ ଥରେ ଆସିଥିଲା; ମାତ୍ର ସେହି ପ୍ରଶ୍ନକୁ ଭ୍ରୂକ୍ଷେପ ନକରି ସେ ଭୁଲି ଯାଇଥିଲା । ସେହି ପ୍ରଶ୍ନର ପୁଣି ହୋଇଥିବାର ଆବୃତ୍ତି ପ୍ରଭାଙ୍କ ଓଠରେ । ଆଖି ଆଗରେ ନାଚି ଉଠିଲା, ତାର ସେ ଗତ ଜୀବନର ରଞ୍ଜିତାର ଅନୁରୋଧ । ମାତ୍ର ପ୍ରଭାଙ୍କର ଏ ଅନୁରୋଧ ନୁହେଁ, ପ୍ରଶ୍ନ ?

ପ୍ରଭାଙ୍କର ସୌନ୍ଦର୍ଯ୍ୟରେ ସେ ଏପରି ଆକୃଷ୍ଟ ହୋଇ ଯାଇଥିଲା ଯେ, ଅନ୍ୟ କୌଣସି ଝିଅ ପ୍ରତି ସେ କେବେ ସେପରି ଆକୃଷ୍ଟ ହୋଇ ନଥିଲା । କି ଚମତ୍କାର ଆକର୍ଷଣ । ସେ ପ୍ରଭାଙ୍କର ରୂପରେ ମୁଗ୍ଧ ହୋଇ ତାର ପୂଜାରୀ ହୋଇଥିଲା, ମାତ୍ର ପ୍ରଭାଙ୍କର ହିରାଟ ଉପଦେଶ ମାଧ୍ୟମରେ ଗୋଟିଏ ପ୍ରଶ୍ନ ? ସେ କାହିଁକି ନ ପଚାରିବ ? ସେ ମଧ୍ୟ ଜଣେ ଆଧୁନିକ ସମାଜରେ ଶିକ୍ଷିତା ନାରୀ । ପ୍ରଶ୍ନ ତାର ବାସ୍ତବ, ଯଥାର୍ଥ, ସେ ପ୍ରଭାଙ୍କୁ ଭଲ ପାଉଥିଲା । ଟିକେ ନୁହେଁ, ଅଧେ ନୁହେଁ, ଅନ୍ତରରେ ବହୁତ ଅଗାଡ଼ ସ୍ନେହ ବନ୍ଧନ ମଧ୍ୟରେ ଅସୀମ, ମାତ୍ର ଚିରଦିନ ପାଇଁ ଏକଥା ଭାବିନଥିଲା ।

ହଁ ପ୍ରଭାଙ୍କ କଣ ନଷ୍ଟ ଚରିତ୍ରା ହୋଇଛନ୍ତି ଯେ, ସେ ତାଙ୍କୁ ଦୂରେଇ ଯିବ । କେତେ ସରଳା, ହୃଦୟରେ ଆବେଗ ନାହିଁ, କପଟତା ନାହିଁ, ଗୁଣରେ କି ମାଧୁର୍ଯ୍ୟ ବ୍ୟବହାର ? କି ମଧୁର ଭାଷା ? ରୂପରେ ମଧ୍ୟ କେତେ ସୁନ୍ଦରୀ, ସଙ୍ଗେ ସଙ୍ଗେ ସେ ଉତ୍ତର ଦେଇଥିଲା ।

ତୁମେ ବିଶ୍ୱାସ କର ତୁମକୁ ମୁଁ ଚିରଦିନ ପାଇଁ ହୃଦୟର ରାଣୀ କରି ରଖିବି । ତୁମେ ସବୁଦିନ ପାଇଁ ମୋର, ମଣିଷ, ମଣିଷକୁ ଜୟ କରେ ନିଜ ଭାଷାରେ । ମାତ୍ର ହୃଦୟକୁ ଜୟ କରେ

Digitized by srujanika@gmail.com

କେଉଁ ଏକ ଅଜ୍ଞାତ··· । ମଣିଷ ଜୀବନ ଖେଳଘର ନୁହେଁ······ ପ୍ରତିଭା । ବରଂ ପ୍ରେମ ଖେଳଘର । ସେଥି ସ୍ୱଭାବରେ ମୁଁ ତୁମ ସହିତ ଖେଳୁନାହିଁ । ଏ ମୋର ବ୍ୟଭିଚାର ନୁହେଁ, ମନେରଖ ଏ ମୋର ବାସ୍ତବ ପ୍ରତିଜ୍ଞା, ତୁମକୁ ମୁଁ ବିବାହ କରିବ ?

ହେମଂତର ସ୍ୱର ଅସ୍ପଷ୍ଟ ହୋଇ ଉଠିଲା ।

ପ୍ରତିଭାର ଦେହ କଣ ହୋଇଗଲା । ଆନନ୍ଦରେ, ଓଠରେ ତାର ନଥିଲା ଭାଷା । ଦେହରୁ ଝାଳ ବହି, ବ୍ରେସିଅରଟି ପୁରାପୁରି ଓଦା ହୋଇଗଲାଣି । ଶରୀରରେ ପ୍ରଖର ଉତ୍ତେଜନା, ଅଙ୍ଗ ପ୍ରତ୍ୟଙ୍ଗକୁ ତାର ଅଳସ କରି ଦେଇଛି । ଯୌବନରେ ସେ ପ୍ରଥମ ଥର ପାଇଁ ଆଜ ଅନୁଭବ କରୁଛି ଉନ୍ମାଦନା । କୁମାରୀ ଜୀବନରେ ଏପରି କେବେ ଅନୁଭବ କରିନଥିଲା । ନିଶ୍ୱାସ ତାର ପ୍ରଖର ହୋଇ ଉଠିଥିଲା । ସେ କେବଳ ଗାଲରେ ହାତ ଦେଇ ଏକ ଲୟରେ ହେମନ୍ତକୁ ଚାହିଁଥାଏ । ତାର ହୃଦୟ ପଟରେ, ହେମନ୍ତ ବ୍ୟତିତ କାହାରିକୁ ସେ ଦେଖିବା ପାଇଁ ପାଉ ନଥିଲା । ତୀବ୍ର ବେଦନାରେ ସେ ବହୁତ ଲାଜ କରିଥିଲା ମନେ, ମନେ । ସେ ହେବ ହେମନ୍ତର ସ୍ତ୍ରୀ, ହେମନ୍ତ ତାର ସ୍ୱାମୀ, ପ୍ରାଣର ଦେବତା । ଜୀବନରେ ସେ କଣ ହେମଂତକୁ ପାଇ ପାରିବ ଦେବତା ରୂପେ । କ୍ଷଣିକ ଆନନ୍ଦରେ ଅସ୍ଥିର ହୋଇଗଲା । କେତେ ସୁନ୍ଦର ହେମନ୍ତ । ତାଙ୍କ କଥାବାର୍ତ୍ତା କ ମଧୁର । ପ୍ରକୃତରେ ସଂସାରରେ ପ୍ରେମର କ ବଚିତ୍ର ମାୟା । ସେ ବୁଝି ନଥିଲେ ବି ଅନୁଭବ କରିଛି । ତାଜ-ମହଲ ନିଜ ଆଖିରେ ଦେଖି ନଥିଲେ ମଧ୍ୟ ଫଟୋ ଦେଖି ଜାଣି ପାରିଛି ତାର ସୌନ୍ଦର୍ଯ୍ୟ ଓ ଆକାର । ହୃଦୟରେ ଆସିଥିଲା କରୁଣ ଭାବ । ମୁଣ୍ଡ ତାର ଗୋଳମାଳ ହୋଇଗଲା । ଶେଷରେ କରୁଣ ସ୍ୱରରେ ହେମଂତର ଦେହ ଛୁଇଁ କହିଥିଲା,—ମୁଁ ମଧ୍ୟ

Digitized by srujanika@gmail.com

ପ୍ରତିଜ୍ଞା କରୁଛି, ଜୀବନରେ ଯେତେ ବାଧାବନ୍ଧ ଆସିଲେ ମଧ୍ୟ ଆପଣଙ୍କୁ ମୁଁ କଦାପି ଦୂରେଇ ଯାଇ ପାରିବି ନାହିଁ ଆପଣ ମୋର ସ୍ୱାମି, ଦେବତା । ଚିରଦିନ ପାଇଁ ଆପଣଙ୍କ ପଦ ତଳେ ଆଶ୍ରୟ ଦେବେ ଏ ମୋର ଆଶା ।

ଏହି ସମୟରେ ରେଲ ଇଞ୍ଜିନଟା ଗମ୍ଭୀର ଗର୍ଜନ କରି ଆସି ବାଲେଶ୍ୱର ଷ୍ଟେସନରେ ଛିଡ଼ା ହେଲା ।

ହେମନ୍ତ ହାତ ଘଣ୍ଟାକୁ ଚାହିଁ ଦେଖିଲା, ରାତି ଏଗାରଟା ପଇଁସ୍ତ୍ରିଶ ମିନଟ୍ ।

ହଁ ପ୍ରତିଭା ଭୋକ ହେଉଣି । ଆମେ ହୁଏତ ରାଉରକେଲା, ପହଞ୍ଚିବା କାଲି ଦିନ ଅଠଟାରେ । ତୁମେ ବସ, ମୁଁ ପ୍ଲାଟଫର୍ମରୁ ଯାଇ କିଛି ଖାଇବା ଜିନିଷ ନେଇ ଆସେ ।

ନା ମୋତେ ଭୋକ ଲାଗୁନି । ଆପଣ ଖାଇ ନିଅନ୍ତୁ ।

ଭୋକ ନକଲେ ମଧ୍ୟ ଖାଇବା ପାଇଁ ପଡ଼ିବ କହି ହେମନ୍ତ ପ୍ଲାଟ ଫର୍ମକୁ ଓହ୍ଲାଇଲା ।

× × × ×

ହେମନ୍ତ ଗଲା ପରେ ପ୍ରତିଭା ନିଜ ସିଟ୍‌ରୁ ଉଠି ଠିଆ ହେଲା । ଦୀର୍ଘ ସମୟର ଅଳସ ଟିକକ ଠିଆ ହୋଇ ଦୂରକଲା । ଶାଢ଼ୀଟିକୁ ଭଲ ଭାବରେ ସଜାଡ଼ି ନେଇ ଚୁଳିକୁ ଶୀଘ୍ର ଭାବରେ କିଛି ସମୟ ପାଇଁ ନିରୀକ୍ଷଣ କଲା । ପୁଣି ଯଥା ସ୍ଥାନରେ ବସିଲା । ଭାବନାର ତରଙ୍ଗ ତାର ଡେଉ, ଡେଉକା ହୋଇ ଅଦୂରରେ ସତେ ଯେପରି ବିଲୀନ ହୋଇ ଯାଉଥାଏ । ତଥାପି ସେ କୂଳରେ ପହଞ୍ଚି ପାରୁ ନଥାଏ । ପ୍ରକୃତରେ ହେମନ୍ତ କଣ ତାକୁ ବିବାହ କରିବ । ବିବାହ ଉଦ୍ଦେଶ୍ୟ ରଖି ଅବିବାହିତା ଝିଅ ସହିତ ପ୍ରେମ

Digitized by srujanika@gmail.com

ଢକିବା—ଏ ଉଦ୍ଦେଶ୍ୟ ହେମଂତର ନୁହେଁ ତ ? ମନେ ପକାଇଥିଲ, ବହୁତ ଦିନର ପୁରୁଣା କଥା ତାର ଅଂତରଙ୍ଗ ଜୋତ୍ସ୍ନା । ଦୁହେଁ ଏକା ସଙ୍ଗରେ ଯେତେବେଳେ ଏକାଦଶ ଶ୍ରେଣୀରେ ପଢୁଥିଲେ । ଶୁଣିଥିଲି କେତେ କାହାଣୀ ରମେଶ ବାବୁ ସଙ୍ଗରେ । ସେହି କାଟିରେ ପୁରି ରହୁଥିଲା, କେତେ ପ୍ରଗାଢ଼ ମମତା, କେତେ ରହସ୍ୟ, କେତେ ଅଭିମାନ । କ୍ଷଣିକ ପାଇଁ କେହି କାହାରିକୁ ଅଂତର କରି ପାରୁନଥିଲେ । କେତେ ହସଖୁସି ମଧ୍ୟରେ ଗୋପନ ପ୍ରଣୟ···ସେ ସବୁ ଆଖି ଆଗରେ ତାର ଝଲସି ଉଠିଲା କ୍ଷଣକ ପାଇଁ ! ଦୁହିଁଙ୍କ ମଧ୍ୟରେ ପ୍ରତିଜ୍ଞାବଦ୍ଧ ହୋଇଥିଲା, ବିବାହ ବନ୍ଧନ । ମାତ୍ର ଦୂରେଇ ଯାଇଥିଲେ ରମେଶ ବାବୁ । ଜୋତ୍ସ୍ନା ତ ଅସୁନ୍ଦର ନଥିଲା । ସେ ମଧ୍ୟ ସମ୍ଭ୍ରାନ୍ତ ବଂଶର ଝିଅଥିଲା । ପୁରୁଷଗୁଡ଼ାକ ଏତେ ନିର୍ମମ ଏତେ କଠୋର ହୃଦୟ ବୋଲି ସେଦିନ ଜୋତ୍ସ୍ନାର କଥାରୁ ଜଣା ପଡ଼ିଥିଲା । ସେମାନେ ଗୋଟିଏ ନାରୀ ଉପରେ ଅତ୍ୟାଚାର କରି ସର୍ବସ୍ୱ ଲୁଣ୍ଠନ କରି ସାରିବା ପରେ, ଭାବନ୍ତି ନାହିଁ ସେ ନାରୀର ଅବସ୍ଥା କଥା । ନାରୀକୁ ସେମାନେ ଗୋଟିଏ ଖେଳନାର କଣ୍ଢେଇ ବୋଲି ଭାବନ୍ତି । ଅଦ୍ଭୁତ ଧାରଣା । ମାତ୍ର ହେମନ୍ତ ସେପରି ତାକୁ ଧୋକ୍କା ଦେବ କି ? ନା ନା ତାଙ୍କ ଦ୍ୱାରା ଏକଥା କେବେ ହୋଇ ନପାରେ ? ସେ ମୋ ଆଗରେ ପ୍ରତିଜ୍ଞା କରିଛନ୍ତି । ମୁଁ ବିବାହ ନ କରିଥିଲେ ମଧ୍ୟ ତାଙ୍କ ଆଗରେ ସ୍ତ୍ରୀ । ସେ ମୋର ସ୍ୱାମୀ । ସେ ମୋତେ ପ୍ରେମିକା ପରି ଦେଖନ୍ତି ନାହିଁ । ସ୍ତ୍ରୀ ରୂପରେ······ ଏହିପରି କ୍ଷଣିକ ଭାବନାରେ ଗୁଳି ଆସିଥିଲା ଅତୃପ୍ତିର ଉତ୍ତେଜନା, ମନରେ ପ୍ରଣୟର ପ୍ରଥମ ଗନ୍ଧ ତାର ବୁକୁ ଉପରୁ ବକ୍ଷାଞ୍ଚଳ ସ୍ଥାନଚ୍ୟୁତ ହୋଇ ଯାଇଥିଲା । ବୁକୁର ଉଷ୍ମତାକୁ ଦୁଇ ହାତରେ

Digitized by srujanika@gmail.com

ଗୁପି ଧରିଥିଲି । କ୍ଷଣିକ ଆନନ୍ଦରେ ସବୁକଥା ଭୁଲି ଯାଇଥିଲି । ସେ ହେବ ଜଣେ ଇଞ୍ଜିନିୟରଙ୍କର ସ୍ତ୍ରୀ ଇତ୍ୟାଦି······।

ଅଳ୍ପ ସମୟ ପରେ ପ୍ଲାଟ ଫର୍ମରୁ ଫେରିଲା ହେମନ୍ତ । ଟ୍ରେନର କବାଟ ପାଖରେ ପ୍ରତିଭାକୁ ଦେଖି କିଛି ସମୟ ପାଇଁ ସ୍ଥାଣୁ ହୋଇ ଗଲା । ଦେଖିଲା, ପ୍ରତିଭା ଦେହରେ ଶାଢ଼ିନାହିଁ । ଦେହର ତନୁ ଲତାକୁ ଘୋଡ଼ାଇ ରଖିଛି ନାଲି ବ୍ଲାଉଜ ଖଣ୍ଡିକ । ତା ମଧ୍ୟରେ ଆତ୍ମଗୋପନ କରିଛି, ଧଳା ବ୍ରେସିୟରଟି । ମିନାର ଭଳି ସ୍ଥାନ ପାଇଛି ପ୍ରତିଭାର ବକ୍ଷୁବ୍ଧ ଯୌବନ । ଅଙ୍ଗଲତାରେ ଭରି ରହିଛି ଅଳସ । କେତେ ଲୋଭନୀୟ ତାର ମାଦକତା । ଆଖିଗୁଡ଼ିକ ଅର୍ଦ୍ଧମୁଦ୍ରିତ ।

ଆକସ୍ମିକ ଭାବରେ ହେମନ୍ତ ଯାଇ ପ୍ରତିଭାର ବାହୁଦ୍ୱୟକୁ ହଲାଇ ଦେଇ କହିଲା, କଣ ଶୋଇ ପଡ଼ୁଛ ନା କଣ ? ଜନସ ପରା କଏ ଯଦି ନେଇଯାଏ, ତୁମ ଶୋଇବା ବାହାର ପଡ଼ିବ ।

ହଠାତ୍ ଅଦୃଶ୍ୟ ହାତର ପରଶ ପାଇ ପ୍ରତିଭା ସଂଯତ ହୋଇ ଯାଇ ଉତ୍ତର ଦେଇଥିଲା ଭଲ ହେଲା ଶୋଇଲି ? ଆପଣ ଏତେ ସମୟ କଣ କରୁଥିଲେ ଯେ, ମୋତେ ଏକୁଟିଆ ଛାଡ଼ି ଦେଇ······ ।

ହେମଂତ ହସି, ହସି କହିଲା, ଆଜି ଯଦି ମୋ ସଙ୍ଗରେ ଦେଖା ହୋଇନଥାଂତା ତୁମେ ତ ପୁଣି ଏକୁଟିଆ ଯାଇଥାଂତ ନା ମୋତେ ଅପେକ୍ଷା କରିଥାଂତ ?

କମଳା ଲେମ୍ବୁଗୁଡ଼ିକ ପ୍ରତିଭା ହାତକୁ ବଢ଼ାଇ ଦେଉ ଦେଉ କହିଲା, ବର୍ତ୍ତମାନ ଏତେ ରାତିରେ ଖାଇବା ପାଇଁ କିଛି ମିଳିଲା ନାହିଁ । କମଳା ଲେମ୍ବୁରେ ଭୋକ ମରିବତ ?

Digitized by srujanika@gmail.com

ମୁଁ ତ ମନା କରୁଥିଲି ଆଣିବା ପାଇଁ ଆପଣ ଏ ସବୁ ଆଣୁଥିଲେ କାହିଁକି ? ପ୍ରଭାତୀର କଥା ନସରୁଣୁ ଗାଡ଼ି ବାଲେଶ୍ୱର ଷ୍ଟେସନ ଛାଡ଼ି ସାରିଥିଲା ।

× × × ×

ଅନ୍ଧକାର ଗର୍ଭରେ ଆଗେଇ ଚାଲିଛି ଏହି ଏକ୍ସପ୍ରେସ । କାହାରିକୁ ଅପେକ୍ଷା ନକରି ଆଗେଇ ଚାଲିଛି ଏହି ଗାଡ଼ି । ଦେହରେ ତାର ହଜାର, ହଜାର ଯାତ୍ରୀ । ସେଇଥିପାଇଁ ତାର କାତରତା ନାହିଁ କି ଆଗେଇବାରେ ତାର ଗର୍ବ ନାହିଁ । ସେହି ନିର୍ଜୀବ ବସ୍ତୁ ଆଜି ସତେ ଯେପରି ସଜୀବ ହୋଇ ଧାଇଁଛି ତାର କର୍ମବହୁଳ ରାଜ୍ୟକୁ । ରାସ୍ତାର ଦୁର୍ଗମତା ନାହିଁ । ଲକ୍ଷ୍ୟରେ ଶେଷ ସୀମାନ୍ତ ନାହିଁ । ସେ ଆଣିଛି ଆଜି ଲକ୍ଷ୍ୟ ବହୁଳ ଜନତାର ବିରାଟ ଆକାଂକ୍ଷା । କେନ୍ଦ୍ରଭୂତ କରିଛି ଶେଷ ପର୍ଯ୍ୟାୟ ଠିକ୍ ସମୟକୁ ନେଇ । ସେହି ଗତିଶୀଳ ଗାଡ଼ିରେ ହେମନ୍ତ ଓ ପ୍ରଭାତୀ ଦୁଇଟି ଯାତ୍ରୀ ନୁହନ୍ତି, ପ୍ରେମିକ ଓ ପ୍ରେମିକା ।

ପ୍ରେମ ଓ ପ୍ରଣୟ ପାଇଁ ଭଗବାନ ସେମାନଙ୍କୁ ଆଜି ଏଠାରେ ଏକତ୍ର କରିଛନ୍ତି । ପ୍ରେମର କି ମହାନ ମମତା, ପ୍ରଣୟରେ କି ବିରାଟ ତୃପ୍ତି । ଅପବିତ୍ର ଜୀବନକୁ ପବିତ୍ର କରେ, କେବଳ ପ୍ରେମର ତୃପ୍ତିରେ ।

ମାତ୍ର ହେମନ୍ତ ଓ ପ୍ରଭାତୀର ସ୍ୱପ୍ନତରୀ ବହୁତ ଦୂରରେ ଭାସି ବୁଲୁଥିଲା । ଦୁଇଟି ସରଳ ହୃଦୟର ବନ୍ଧନକୁ ସେମାନେ ବାନ୍ଧି ଦେଇଥିଲେ ଏକ ଶକ୍ତ ଡୋରରେ । ସେହି ଡୋର ଛିଣ୍ଡାଇ ହେବ ନାହିଁ କି ଛିଣ୍ଡିଯିବ ନାହିଁ । ଅସୀମ ସମୁଦ୍ର ମଝିରେ ଗୋଟିଏ ନାବରେ ଦୁଇଜଣ ନାବିକ । ନାବର ଗତି ଦ୍ରୁତ କରିବାକୁ ଇଚ୍ଛା କରୁଥିଲେ; କିନାରାରେ ଲାଗିବା ପାଇଁ ।

Digitized by srujanika@gmail.com

ମାତ୍ର କନାସ୍ତ ଅଦୃଶ୍ୟ ଦୂରରେ ଲୁଚି ରହିଥିଲା । ଯାଉ ନଥିଲେ ଥଳକୂଳ, ଦୁହିଁଙ୍କର ହୃଦୟ, ଜ୍ଞାନଶୂନ୍ୟ, ଚିନ୍ତାଶୂନ୍ୟ ହୋଇ ଯାଇଥିଲା ।

ଦୁଇଜଣଯାକ କମଳା ଛଡ଼ାଇ ସାରି ଖାଇବାରେ ବ୍ୟସ୍ତ ଥିଲେ । ନୀରବରେ ପରସ୍ପର ମୁହାଁମୁହିଁ ହୋଇ ଯଦୁ ଓ କମଳା ଖାଇବାରେ ଲଗିଥିଲେ, ମାତ୍ର ଦୁହିଁଙ୍କ ହୃଦୟରେ ଲୁଚି ରହିଥିଲା ବିରାଟ ଆନନ୍ଦ ଓ ସ୍ନେହ । ପ୍ରତିଭା ହସି, ହସି ହେମନ୍ତକୁ ଗୋଟିଏ ପିସ୍ ଖୁଆଇ ଦେଇ କହିଲା, 'ହେମଂତ ବାବୁ' ମୋ କଥା ସବୁ ହନେ ମନେ ରଖିବେତ ?

ଆଜି ଏ ରହସ୍ୟ ସନ୍ଧୀରେ ଆମେ ଦୁଇଜଣ ଏକତ୍ର ହୋଇଛେ । କାଲି ଆପଣ ଥିବେ ବସାଘରେ ମୁଁ ଥିବି ହଷ୍ଟେଲରେ । ମନେ ପକାଇବେ ତ ମୋ କଥା ।

ଆହତ କଣ୍ଠରେ ହେମଂତ ଉତ୍ତର ଦେଇଥିଲା, ତୁମକୁ ମୋ ସାଙ୍ଗରେ ଯିବା ପାଇଁ ହେବ ପ୍ରତିଭା । ତୁମକୁ ଛାଡ଼ି ସେ ରୁଦ୍ଧ କୋଠରୀରେ ମୁଁ ଦଣ୍ଡେ ମାତ୍ର ରହି ପାରିବ ନାହିଁ । ସଙ୍ଗରେ ନେଇ ଯିବି ନିଶ୍ଚୟ ।

ମ୍ଲାନ ହସରେ ପ୍ରତିଭା ଉତ୍ତର ଦେଲା, ଅବିବାହିତ ଅବସ୍ଥାରେ ମୁଁ ଯିବି ଆପଣଙ୍କ ବସାକୁ । ଅବିବାହିତର ପ୍ରଣୟୀ । ଏ ପ୍ରଣୟ ଆପଣ କଣ ଚିରଂତନ ମନେ କରୁଛନ୍ତି ହେମଂତ ବାବୁ । ଯଦକୁ ଯେବେ ଆପଣ ସଂସାର କରିବେ ତାକୁ ଯଦି ଏପରି ଅସଦ୍ବ୍ୟବହାର କରନ୍ତି ତେବେ ତାର ସ୍ଥାୟୀ ଅଟ୍ଟେଳ ଛନ । ଚିରନ୍ତନ ପାଇଁ ପାଇ ପାରିବେ ନାହିଁ । ସଂସାରରେ ମାୟା ମମତା ଝଡ଼ରେ ବହୁତ ବାଧା ବିଘ୍ନ ଆସେ । ଏ ସାମାନ୍ୟ

Digitized by srujanika@gmail.com

ଦୁଃଖକୁ ଆପଣ କଣ ସହି ନେଇ ପାରିବେ ନାହିଁ । ଦୁନିଆ କଣ ଏହା ସହିବ ?

ମୁଁ ମଧ୍ୟ ସେଇଆ କଥା ଭାବୁଛି ।

ପଥ ମଧ୍ୟରେ ଦେଖାହୁଏ ପଥିକ । ହଠାତ୍ ପଥିକ ପାଣି ଖୋଜି ବୁଲେ ବିରାଟ ତୃଷାରେ । ମାତ୍ର ପଥର ଯାତ୍ରୀ ପାଖରେ ପାଣି ଥାଇ ମଧ୍ୟ ଦେଇ ପାରେନା । ପୁଣି ପଥିକ ଅଳି କରି ବସେ । ଶେଷ ସମୟରେ ପଥର ଯାତ୍ରୀ ପାଣି ଦିଏ ଅଳ୍ପ ପରିମାଣରେ ମାତ୍ର ପଥିକର ତୃଷା ମେଣ୍ଟିନଥାଏ ଆଶା କରେ ପୂର୍ବପରି । ସେତେବେଳକୁ ପଥର ଯାତ୍ରୀ ଅଦୃଶ ହୋଇ ଯାଇଥାଏ ଅସରନ୍ତି ଦୂରରେ ।

ପ୍ରଭାତ ଲକ୍ଷ୍ୟକଲା, ହେମନ୍ତର ମୁଖମଣ୍ଡଳରେ ଘେରି ରହିଛି ଦୁଃଖର କାଳିମା । କମଳା ପିଅ କେତୋଟି ପଡ଼ିଯାଇଛି ତଳେ । ଜିଆ ତାର ବନ୍ଦ ହୋଇଯାଇଛି । ସତେ ଯେପରି ସେ ଅସଂଖ୍ୟ ଚିନ୍ତାରେ ଚିନ୍ତାମଗ୍ନ । ଜୀବନରେ ସେ ବହୁତ ଆଘାତ ସହିଛି । ମାତ୍ର ହେମନ୍ତର କେତେପଦ କଥା ତାର କୋମଳ ହୃଦୟକୁ ବିଦାରି ଦେଇଥିଲା । ପାରିନଥିଲା, ଏ ଆଘାତର ସମାଧାନ କରି । କେବଳ ନମ୍ର ସ୍ୱରରେ ହେମନ୍ତର ହାତଧରି ଏତିକି କହିଥିଲା······ ।

ଆପଣ ଏପରି ଅମାନସ୍କା ହେଲେ ହେବ କପରି ?

ଆପଣଙ୍କ ବୟସର ଯୁବକମାନେ ଯଦ୍ଦ ନ ବୁଝିବେ— । ମୋ' ଘରେ ଅଛି ଦୁଃଖ କରନ୍ତୁ ନାହିଁ । ଆମର ପବିତ୍ର ପ୍ରେମ ଯୁଗ, ଯୁଗକୁ ଚିରଂତନ ହୋଇ ରହିବ । ଦେଖ ଗାଡ଼ିରେ କେତେ ଲୋକ ବସିଛନ୍ତି । ଦୁର୍ଗମ ଯାତ୍ରାକୁ ଦୂର କରିବା ପାଇଁ କେତେ ହସ ଖୁସି, କଥାବାର୍ତ୍ତାରେ ସମୟ କଟାଉଛନ୍ତି । ଆପଣ

Digitized by srujanika@gmail.com

ଗୋଟିଏ ସାମାନ୍ୟ କଥାରେ ଅଭିମାନ କରି ବସିଲେ ହେବ କପରି ?

ପ୍ରଶ୍ନ ହେମଂତର ~~ପ୍ରତିଭାର~~ ବାହୁ ହସ୍ତକୁ ନିଜ ମୁଷ୍ଟିରେ ଖୁବ୍ ଯୋରରେ ଜାକି ଧରି ଉତ୍ତର ଦେଇଥିଲା ଭୁଲି ଯିବ ନାହିଁତ ? ଭାବୁଛି ତୁମବିନା ଏ କର୍ମମୟ ଜୀବନଟିକୁ କପରି କଟାଇବି । ତୁମ ଅନୁପସ୍ଥିତିରେ କେତେ ଅନ୍ଧକାର ଦେଖାଯିବ କିଏ ଆଲୁଅ ଦେଖାଇବ ସେହି ଅନ୍ଧକାରକୁ ଦୂର କରିବା ପାଇଁ ।

ସେତେବେଳକୁ ପ୍ରତିଭାର ଆଙ୍ଗୁଳିଗୁଡ଼ିକ ଅଠା, ଅଠା, ହୋଇ ଶୁଖିଗଲାଣି । ସେ ଭେନଟି ବ୍ୟାଗ୍ ଖୋଲୁ ଖୋଲୁ ଚମକି ପଡିଲା । ଖାଇବା ବହୁତ ବେଳୁ ଶେଷ ହୋଇ ଯାଇଥିଲେ ମଧ୍ୟ ସେଥିପ୍ରତି ଏମାନଙ୍କର ଲକ୍ଷ୍ୟନାହିଁ । ହେମନ୍ତର ମଧ୍ୟ ତଦ୍ରୂପ ଅବସ୍ଥା । କମଳା ଖାଇ ସାରିବା ପରେ ଯେ, ହାତ ଧୋଇବାକୁ ହେବ ଏକଥା କାହାରିକୁ ମାଲୁମ ନଥାଏ । ଦୁଇଜଣଯାକ କଥା-ବାର୍ତ୍ତାରେ ବ୍ୟସ୍ତ । ସଙ୍ଗେ, ସଙ୍ଗେ ହେମଂତର କଥାରେ ପ୍ରତିବାଦ କରି କହିଲା ।

ଚାଲ ହାତ ଧୋଇ ଆସିବା ଲେଭେଟ୍ରୀରେ । ଦେଖୁନ ଅଙ୍ଗୁଳିଗୁଡ଼ାକ କେଡେ଼ ଜଡ଼ି ଯାଇଛି । ମୁଁ ତ ଦେଖୁଛି ଆପଣ ଖାଇ ସାରିବା ପରେ ହାତ ମଧ୍ୟ ଧୁଅନ୍ତି ନାହିଁ ନା କଣ ?

ହଁ ତ ମୋର ମଧ୍ୟ ସେ ପ୍ରତି ଲକ୍ଷ୍ୟ ନଥିଲା, ଏହା କହି ହେମନ୍ତ ଠିଆ ହେଲା । ନିଜ ସିଟ୍‌ରେ ବ୍ୟାଗ୍ ରଖି ଦେଇ ପ୍ରତିଭାକୁ ଅନୁସରଣ କଲା ।

ଦୁଇଜଣ ଯାକ ଲେଭେଟ୍ରୀନରେ ପ୍ରବେଶ କଲେ । ଟେପକୁ ଚିପି ଧରି, ପ୍ରତିଭା ମୂଚୁକି, ମୂଚୁକି ହସି କହିଲା ଧୁଅନ୍ତୁ ! ହେମନ୍ତ ହାତ ଧୋଇ ସାରି ପକେଟ୍‌ରୁ ରୁମାଲ ବାହାର କରିବା

Digitized by srujanika@gmail.com

ଊର୍ଦ୍ଧଦେଶ୍ୟରେ ହାତ ବୁଲାଇଲି । ପ୍ରତିଭା କହିଲା, ମୋ ଲୁଗା କାନରେ ପୋଛି ଦିଅନ୍ତୁନା ଶୁଖିଯିବ ।

ମାତ୍ର ହେମଂତର ଓଦା ହାତଦ୍ୱୟ ପଣତ କାନରେ ପଡ଼ିବା ପରିବର୍ତ୍ତେ ହାତ ତାର ପ୍ରତିଭାର ବାହୁମୂଳ ବ୍ଲାଉଜ ଉପରେ ପଡ଼ିଥିଲା । ସେଥିରେ ସେ ତୀର ହାତକୁ ପୋଛି ଦେବା ସମୟରେ ପ୍ରତିଭା, ପାଟିରେ ଟୋକେ ପାଣି ପକାଇ ଦେଇ, ଅସ୍ପଷ୍ଟ ସ୍ୱରରେ କହିଲା, ଏପରି ବଦମାସି ଗୋଟେ କଣ ? ଦୁଷ୍ଟାମି ଅତି ବଢ଼ି ଯାଉଛି ନା ?

ମୁଁ ଶାଢ଼ିରେ କହିଲି ନା ବ୍ଲାଉଜରେ ହାତ ପୋଛିବା ପାଇଁ କହିଲି ? ଦେଖୁନା ବ୍ଲାଉଜଟି କେତେ ଓଦା ହୋଇଗଲା ।

ହଁ ମୋର ବ୍ୟତିକ୍ରମ ହୋଇଗଲା ଅବଶ୍ୟ । ଆଣ ତୁମ ହାତକୁ ମୁଁ ପୋଛି ଦେଉଛି ତୁମ ପଣତ କାନରେ । ହେମଂତ ଏହା କହି ପ୍ରତିଭାର ହାତ ଦ୍ୱୟକୁ ତା' ପଣତ କାନ ଟାଣିଆଣି ପୋଛିବା ଆରମ୍ଭ କଲା ।

ପ୍ରତିଭାର ହାତ ପୋଛି ଦେଉଥିବା ସମୟରେ ଦେହରେ ତାର ଅପୂର୍ବ ଶିହରଣ ଖେଳି ଯାଉଥିଲା । ସେ ଲକ୍ଷ୍ୟ କଲା, ଟ୍ରେନର ପଚିଶ ପାୱାର ବଲ୍ବ ଆଲୁଅରେ ପ୍ରତିଭାର ମୁଖ-ମଣ୍ଡଳରେ ଯେପରି ରକ୍ତିମା କି ସିନ୍ଦୁରର ଛଟା । ଓଠରେ ତାର ଦରହସାର ମଲ୍ଲୀଫୁଲ ଝଡ଼ି ପଡ଼ୁଥାଏ । ବୁକୁରେ ନଥିଲା ଶାଢ଼ୀ । ଯେଉଁ ଶାଢ଼ୀ ହେମଂତର ହାତରେ ପ୍ରତିଭାର ହାତ ପୋଛି ହୁଆ ଯାଉଛି । ତାର ବ୍ଲାଉଜ ମଧ୍ୟରେ ପୁଷ୍ଟ, ପୁଷ୍ଟ ସ୍ତନ ଦ୍ୱୟକୁ ଦେଖି, ସେ କ୍ଷଣିକ ଉନ୍ମାଦନାରେ ପାଗଳ ହୋଇ ଯାଇଥିଲା । ଏକ୍ସପ୍ରେସର ବିରାଟ ଗତି ହେମଂତର ପାଗଳାମିକୁ ଦୁଇଗୁଣ କରି ଦେଇଥିଲା । ଦେହ ତାର ବିଦ୍ୟୁତ ପୁଲକ ପରି ଥରି

Digitized by srujanika@gmail.com

ଉଠିଥିଲା । ପ୍ରତିଭା ଶାଢ଼ୀଟି ଗୁଡ଼ାଇ ନେଇ, ନେଳ୍ପ କହିଲା, ହଁ ହେଲା ଚାଲ ।

ମାତ୍ର ହେମଂତ ପ୍ରତିଭାର କଥା କର୍ଣ୍ଣପାତ ନକଲା ପରି ନିଜ ହାତରେ ତାକୁ ଖୁବ୍ ଜୋରରେ ଯାକ ଧରି କହିଲା ସତରେ ପ୍ରତିଭା ତୁମେ······କେତେ ସୁନ୍ଦର ! ପ୍ରକୃତିର ସବୁ ସୌନ୍ଦର୍ଯ୍ୟ ଭଗବାନ କଣ ତୁମ୍ଭଠାରେ ଅଜାଡ଼ି ଦେଇଛନ୍ତି ।

ପ୍ରତିଭା, ହେମଂତର କର ସ୍ପର୍ଶରେ, ପ୍ରବଳ ଉତ୍ତାପ ସଞ୍ଚାରଣ ହେବା ମନେ କଲା । ହୃଦପିଣ୍ଡର ଧକ୍ ଧକ୍ ଶବ୍ଦର ବେଗ ଦୁଇଗୁଣ ହୋଇ ବଢି ଯାଇଥିଲା । ହେମଂତର ବାହୁଦ୍ୱୟ ମଧ୍ୟରେ ଚନ୍ଦ୍ରଲତା ତାର ଝାଉଁଳି ପଡ଼ିଥିଲା । ହେମଂତର ହାତରେ ମୁଣ୍ଡ ରଖି ଆଖିଗୁଡ଼ିକ ବନ୍ଦକରି ଦେଇଥିଲା ସେ । ଲଜ୍ଜାରେ ଅପ୍ରତିଭ ହୋଇ ଥରିଲା ଓଠରେ କହିଥିଲା । ଗୁଡ଼ା ସବୁ ବେଳେ ଦୁଷ୍ଟାମି କଣ ? ତେଣେ ଜନକ ପାତ୍ର କଏ ନେଇ ଯିବ ଯେ, ଗେଲ କରିବା ମଜା ବାହାରି ପଡ଼ିବ ।

ନା ଗୁଡ଼ାନୁ ଆପଣ ଯଦି ଏପରି ହେବେ ମୁଁ ଆଉ କଥା କହିବ ନାହିଁ । ଚାଲ ଶୀଘ୍ର ତେଣେ ।

ଦୁହେଁଯାକ ଲେକ୍ଟୌନରୁ ବୁଲି ଆସିଥିଲେ । ପ୍ରତିଭା ନିଜ ସିଟ୍‌ରେ ବସୁ ବସୁ କହିଲା ବଦମାସି ଗୁଣରେ ତ ଦୁଇଗୁଣ । ଆଗରୁ ଯଦି କଏ ଏ ସବୁ ଶିଖାଇ ଥାଏ ତେବେ ତା' ପାଖରେ ଏ ସବୁ ଦେଖାଇଲେ ଭଲ ହୁଅଂତା ମୁଁ କିନ୍ତୁ ଏ ସବୁ ଭଲ ପାଏନି ।

ସିଗାରେଟ୍‌ରେ ଅଗ୍ନି ସଂଯୋଗ କରୁ, କରୁ ହେମଂତ ଅଳ୍ପ ହସି ଉତ୍ତର ଦେଲା—ଏସବୁ ଆପେ ଶିଖିବାକୁ ହୁଏ । କେହି ଶିଖାନ୍ତି ନାହିଁ । ହଠାତ୍ କୋଳାହଳ ଶୁଣାଗଲା, ଦୁହେଁ

Digitized by srujanika@gmail.com

ଷ୍ଟ୍ରଜା ବାଟେଟ ଅନାଇଲେ । ପ୍ରତିଭା, ହାତ ଘଣ୍ଟାକୁ ଚାହିଁ ଦେଖିଲା, ରାତ୍ରୀ ଦୁଇଟା । ସେ ସଙ୍ଗେ ସଙ୍ଗେ ଭାବନା ବଦଳାଇ କହିଲା, ଖଡ୍ଗପୁରରେ ପହଞ୍ଚିଗଲାଣି ଗାଡ଼ି, ଆମକୁ ଜଣାନାହିଁ । ଦୁହେଁଯାକ ହତଭମ୍ବ ହେଲେ ।

× × × ×

ଖଡ୍ଗପୁର ଷ୍ଟେସନରୁ ଗାଡ଼ି ଛାଡ଼ିବା ସଙ୍ଗେ ସଙ୍ଗେ ଟି.ଟି.ସି ଟିଏ ସେହି କମ୍ପାର୍ଟମେଣ୍ଟରେ ଚଢ଼ିଲା । ଧଳା ପେଣ୍ଟ ସହିତ କଳା କୋଟ୍ ଉପରେ ପିତଳର ମୋହର ଉପରେ ଲେଖା ହୋଇଛି ଟ୍ରେନ ଟିକେଟ୍ କଲେକ୍ଟର । ବୟସ ପ୍ରାୟ ପଚାଶ ଷାଠିଏ ହେବ । ଯେ ଯେପରି ଶୋଇପଡ଼ିଛନ୍ତି ନିଜ ଲକ୍ଷ୍ୟ ସ୍ଥଳକୁ ଯିବାପାଇଁ । କେହି, କେହି ମଧ୍ୟ ଅର୍ଦ୍ଧନିଦ୍ରିତ ଅବସ୍ଥାରେ ଉଠିପଡ଼ି ନିଜ ନିଜର ଜିନିଷପତ୍ର ପ୍ରଭୃତିକୁ ଆଖି ବୁଲାଇ ନେଉଛନ୍ତି । ଡେଟିଏ ପଞ୍ଜାବୀ ଜଣକ ଅଚେତ ଅବସ୍ଥାରେ ଶୋଇଯାଇ ଘୁଁ ଘୁଁ ଶବ୍ଦ ଭିତରେ କମ୍ପାଇ ଦେଉଛନ୍ତି । ଭାସି ଆସୁଛି ତୀବ୍ର ବିଦେଶୀ ମଦର ଅସ୍ପଷ୍ଟ ଗନ୍ଧ ।

ସେଇ କମ୍ପାର୍ଟମେଣ୍ଟରେ କେବଳ ଦୁଇଜଣ ଯୁବକ, ଯୁବତୀ ପୂରା ପୂରି ଜାଗ୍ରତ । ପରସ୍ପର ମୁହାଁ ମୁହିଁ ହୋଇ ବସିଥାନ୍ତି । ପ୍ରତିଭା ଗାଲରେ ବାମ ହାତଟି ରଖି ଅନ୍ୟ ହାତରେ ଧରି ଲାଇଟ୍ ବହିଟି ପଢ଼ିବାରେ ବ୍ୟସ୍ତ । ସତେ ଯେପରି ଲକ୍ଷ୍ୟ ତାର ଅନ୍ୟ କୌଣସି ଆଡ଼େ ନାହିଁ । ମୁଖମଣ୍ଡଳରେ ଆଳସ୍ୟର ଚିହ୍ନ ।

ଟି. ଟି. ସି ଯାତ୍ରୀମାନଙ୍କର ଟିକେଟ୍ ଚେକ୍ କରୁ କରୁ ଯିଏ ଶୋଇ ଯାଇଛି, ତାକୁ ସାମାନ୍ୟ ହଲାଇ ଦେଇ ଓ ବାବୁଜୀ ଟିକେଟ୍, କ୍ରମେ କ୍ରମେ ଏମାନଙ୍କର ନିକଟରେ ହେବାକୁ ଲାଗିଲା ।

Digitized by srujanika@gmail.com

ହେମନ୍ତ, ଏ ସବୁ ଲକ୍ଷ୍ୟ କରୁ, କରୁ ପ୍ରତିଭାକୁ ହଲାଇ ଦେଇ କହିଲା ।

ଦେଖ, ନ ଟି. ଟି. ସି ଆସୁଛି । ତୁମ ଟିକେଟ୍ ଦେଲ । ଆମ ଦୁଇଜଣଙ୍କ ପାଖରେ ଅଲଗା ଅଲଗା ଟିକେଟ୍ ଦେଖିଲେ ସେ ଏତ କଣ ଭାବିପାରେ । ପ୍ରତିଭା ବ୍ରତ ହୋଇ ଟଙ୍କ ପଟକୁ ଦେଖିଲା ଟି. ଟି. ସି ସାହେବ୍ କ୍ରମେ ନିକଟତର । ସେ ସଙ୍ଗେ ସଙ୍ଗେ ଭ୍ୟାନିଟି ବେଗ୍‌ରୁ ଟିକେଟ୍‌ଟି କାଢ଼ି ହେମନ୍ତ ହାତକୁ ବଢ଼ାଇ ଦେଲା ।

ଟି· ଟି· ସି. ସେ ସମୟକୁ ଏମାନଙ୍କ ପାଖରେ ପହଞ୍ଚି ସାରିଥାଏ । ମାରବରେ ହେମନ୍ତ ଟିକେଟ୍ ଦୁଇଟି ବଢ଼ାଇ ଦେଲା । ଟି. ଟି. ସି. ପ୍ରତିଭା ଉପରେ କଟାକ୍ଷ ଚାହାଣିରେ ନଜର ରଖି ଟିକେଟ ଦୁଇଟି ଉପରେ କଳି ଗାରଟି ମାରି ଦେଲା ! ମନେ, ମନେ ଭାବୁଥାଏ କି ସୁନ୍ଦର ଯୋଡ଼ା ବର୍ଣ୍ଣିଛି । ପୁଣି ଚାଲି ଯାଉଁ ଯାଉଁ ପଛକୁ ଫେରି ଚାହିଁ ସେ ସ୍ନିଗ୍ଧ ଚାହାଣୀ ।

ଟି. ଟି. ସି. ଗଲା ଉପରୁ, ପ୍ରତିଭା ଆଖି ମଳ ମଳ କହିଲା ନିଦ ଲାଗିଲାଣି ।

ହେମନ୍ତ ଉତ୍ତର ଦେଲା, ଆସ ତେବେ ମୋ କୋଳରେ ଶୋଇପଡ଼ ।

ପ୍ରତିଭା ହେମନ୍ତର କଥା ନଶୁଣି ବହିଟିକୁ ଭ୍ୟାନିଟ୍ ବେଗ୍‌ରେ ରଖି ମୁଣ୍ଡରେ ଲୁଗାଟି ଦେଇ ଦେଲା ।

ପୁଣି ପ୍ରତିଭାକୁ ହଲାଇ ଦେଇ ହେମନ୍ତ କହିଲା ମୁଁ କହୁଥିଲି ଯେ, ଯଦି ନିଦ ଲାଗୁଛି ମୋ କୋଳରେ ଶୋଇପଡ଼ । ବର୍ତ୍ତମାନ ତ ସବୁ ଜନତା ନମସ୍ତେ ଶୋଇ ପଡ଼ିଛନ୍ତି । ଦେଖୁଛ କିଏ ?

Digitized by srujanika@gmail.com

ଆପଣ ଯଦି ମୋ ସଙ୍ଗରେ ସେପରି ଲାଗିବେ ମୁଁ ଅନ୍ୟ ସ୍ଥାନରେ ଯାଇ ବସିବି । ମୋତେ ନିଦ ଲାଗୁନି ? ଆପଣଙ୍କୁ ନିଦ ଲାଗୁଛି ଯଦି ଶୋଇ ପଡ଼ନ୍ତୁ ମୁଁ ବସିଛି ।

ହଉ ଠିକ୍ ଅଛି କହି, ହେମନ୍ତ ନୀରବ ରହିଲି ।

କିଛି ସମୟ ପରେ ହେମନ୍ତ ପୁଣି ପ୍ରଶ୍ନ କଲା, ଗୋଟିଏ କଥା ପଚାରିବି ପ୍ରତିଭା ତୁମେ ଯଦି ମୋର ପୂର୍ବରେ ଆବଲତା ନ ରଖି ସତ କହିବ ତେବେ ପଚାରିବି ? ଯେତେବେଳେ ମୁଁ ଜାଣିଛି ବିବାହ ପରେ କୌଣସି ସ୍ୱାମୀ ସ୍ତ୍ରୀଙ୍କୁ ତାର ଅତୀତ ଜୀବନର କାର୍ଯ୍ୟକଳାପ କଥା ପଚାରିବା କଥା ନୁହେଁ କିମ୍ବା ସ୍ତ୍ରୀଠାରୁ ବାଧ୍ୟକରି ଜାଣିବା ପୁରୁଷର କର୍ତ୍ତବ୍ୟ ନୁହେଁ । ଯାହାକି ପୁରୁଷ ପକ୍ଷରେ ସହଜସାଧ୍ୟ ହୋଇ ନଥାଏ । ଆମ୍ଭେ ଦୁଇଜଣ ଯଦିଓ ଅବିବାହିତା ତଥାପି ମୁଁ ପ୍ରତିଜ୍ଞା କରୁଛି କିଛି ମନେ କରିବ ନାହିଁ ।

ଆଚମ୍ବିତ ହୋଇ ପ୍ରତିଭା ଉତ୍ତର କଲା ମୁଁ ଯଦି ଜାଣିଥିବି ତେବେ ନିଶ୍ଚୟ କହିବି । ଆପଣଙ୍କୁ ଥରେ ସତ୍ୟକରି ମୁଁ କହିଛି ପରା, ସବୁ ଦିନ ପାଇଁ ତୁମର । ଏଥିରେ ଲୁଚାଇବାର ପ୍ରଶ୍ନ ପୁଣି ଆସିଲା କେଉଁଠୁ ?

ଏ ପ୍ରଶ୍ନ ତୁମ ପାଖରେ ହୁଏତ ବହୁତ ଜଟିଳ ହୋଇ ପାରେ । ଯାହାକି କୌଣସି ଝିଅ କହିବା ପାଇଁ ସହଜରେ ରାଜି ହୋଇ ନଥାନ୍ତି । ତଥାପି ମୋ ଆଗରେ ଯଦି ନକହି ଲାଜକର— ।

ପ୍ରତିଭା ଏକ ଲୟରେ ଚାହିଁ ରହିଥିଲା—କଣ ସେ ଗୁରୁତର ପୂର୍ଣ୍ଣ ପ୍ରଶ୍ନ । ଯାହାହାର ସେ ଅକ୍ଷମ ହେବ ଉତ୍ତର ଦେବା ପାଇଁ ।

ହେମନ୍ତ ପୁଣି ଆରମ୍ଭ କଲା—ତୁମ୍ଭେ ହୁଏତ ଜାଣିଥାଇ ପାର ଯେ ଦ୍ୱାପର ଯୁଗରେ ଯେଉଁମାନଙ୍କୁ ସତ୍ୟନାଶ କୁହା ଯାଉଥିଲା ।

Digitized by srujanika@gmail.com

ସେମାନେ ମଧ୍ୟ ପ୍ରକୃତରେ ସଖ ନଥିଲେ । ଉଦାହରଣ ସ୍ୱରୂପ ଦ୍ରୌପଦୀ ପାଞ୍ଚଜଣ ସ୍ୱାମୀକୁ ପାଇ ମଧ୍ୟ ସେ ସନ୍ତୁଷ୍ଟ ନଥିଲେ ।

ପ୍ରତିଭା ପ୍ରଶ୍ନକଲା—କିପରି ?

କାରଣ ସେତେବେଳେ ସୂର୍ଯ୍ୟଙ୍କର ପୁଅ କର୍ଣ୍ଣ ଅତ୍ୟନ୍ତ ବଳିଷ୍ଠ, ସୁନ୍ଦର ପୁରୁଷ ଥିଲେ । ସେ ଯେପରି ବୀର, ଯୁଦ୍ଧର ସେହିପରି ନିପୁଣ କୌଶଳୀ । ଦ୍ରୌପଦୀ ଯଦି ଓ ତାଙ୍କ ସହିତ ପ୍ରେମ କରୁନଥିଲେ ତଥାପି କର୍ଣ୍ଣଙ୍କୁ ଦେଖି ସେ ତାଙ୍କ ପାଞ୍ଚ ସ୍ୱାମୀଙ୍କ କଥା ଭୁଲିଯାନ୍ତି । ପ୍ରେମର କେଉଁ ଅପୂର୍ବ ପୁଲକରେ ଦେହ ଶିହେରି ଉଠେ । ମନେ, ମନେ ଭାବନ୍ତି ଯଦି ମୁଁ କର୍ଣ୍ଣଙ୍କୁ ବିବାହ କରିଥାନ୍ତି ତେବେ କେତେ ସୁଖୀ ହୋଇ ନଥାନ୍ତି । ତେଣୁ ଦ୍ରୌପଦୀ ପରି ନାରୀ ମଧ୍ୟ କର୍ଣ୍ଣଙ୍କୁ ନିଜ ହୃଦୟ ସିଂହାସନରେ ବସାଇ ଥିଲେ । ତେବେ ଏଥିରେ ତାଙ୍କର ସଖଭ୍ୱର ଅବକାଶ ରହିଲା କେଉଁଠି ।

ଆହୁରି ମଧ୍ୟ ସୀତା ଯେତେବେଳେ ରାମ ଲକ୍ଷ୍ମଣଙ୍କୁ ଦୁଇ ଦିବ୍ୟ ପୁରୁଷ ରୂପେ ହଠାତ୍ ଦେଖି ପକାଇଥିଲେ, ଅସ୍ପଷ୍ଟ ସ୍ୱରରେ କହି ପକାଇଥିଲେ ଆହା କେଡ଼େ ଦିବ୍ୟ ସୁନ୍ଦର ପୁରୁଷ ଦୁଇଜଣ । ମନେ, ମନେ ସେ ସ୍ୱପ୍ନର ତାଜମହଲ ଗଢ଼ି ନେଇଥିଲେ ।

ସେହିପରି ଆଜକାଲିକାର ଆଧୁନିକା କଲେଜ ପଢ଼ୁଆ ଝିଅମାନେ, ଉପରେ ପାଉଡ଼ରର ବୋଳା ଚକଚକ୍ୟ କରିଲେ ନସରେ । କିନ୍ତୁ ଭିତରେ କିଛି ନଥାଏ । ଅବିବାହିତା ଅବସ୍ଥାରେ ନିଜର ଗୁପ୍ତ ପ୍ରେମ ଦ୍ୱାରା ଯୌନ କ୍ଷୁଧାକୁ ତୃପ୍ତି କରିଥାନ୍ତି । ଜଣେ ଜଣେ ଝିଅ ତ ଏତ ବିବାହ ପୂର୍ବରୁ ଦୁଇ ତିନୋଟା ଗୁପ୍ତ ଶିଶୁର ଜନନୀ ହୋଇ ସାରିଥାନ୍ତି । ଏପରି କି ବିବାହ ପରେ, ନିଜର ଈପ୍ସିତ ପ୍ରେମିକକୁ ପାଇ ନପାରିଲେ ମନେ, ମନେ ଦୁଃଖରେ

Digitized by srujanika@gmail.com

ଅଭିଭୂତ ହୋଇ ପଡ଼ଥାନ୍ତି । ଏକୁଟିଆ ଘରେ ଥିବା ସମୟରେ ପୂର୍ବ ପ୍ରେମିକ-କଥା ଭାବି ବସନ୍ତି ।

ପ୍ରତିଭା, ଏକାଗ୍ରଚିତ୍ତରେ ହେମନ୍ତର ଲମ୍ବାଚଉଡ଼ା ବକ୍ତୃତା, ଶୁଣିବାରେ ବ୍ୟସ୍ତଥିଲା । ତଥାପି ହେମନ୍ତର ପ୍ରଶ୍ନ କଣ ତା ପ୍ରତି ହୋଇପାରେ ଶୁଣିବା ପାଇଁ ବ୍ୟାକୁଳ ହୋଇ ପଡ଼ୁଥିଲା । ସେ ସଙ୍ଗେ ସଙ୍ଗେ ହେମଂତର କଥା ନସରୁଣୁ ଉତ୍ତର ଦେଲା ।

—ହୋଇପାରେ ଏକଥା ସତ, ମାତ୍ର ସେଥିରେ ସେମାନଙ୍କର ଦୋଷ କିଛି ନାହିଁ । ଦୋଷ ସେମାନଙ୍କର ଅଭିଭାବକଙ୍କର । ଅଭିଭାବକମାନେ ଜାଣିଶୁଣି ମଧ୍ୟ ସେସବୁକୁ ପ୍ରଶୟ ଦେଇଥାନ୍ତି । ଆଜିର ଦୁନିଆରେ ସେଥିପାଇଁ କେତେ ଅଶାନ୍ତିର ଝଡ଼ ???

ତେବେ ଆପଣଙ୍କ ପ୍ରଶ୍ନ କଣ ହୋଇପାରେ ମୋ ପ୍ରତି ?

ମୋର ବିରାଟ ଆଶାକୁ ଯେପରି ଚୂରମାର ନକରିଦିଅ ପ୍ରତିଭା ! ସବୁ ଯେପରି ସତକଥା କହିବ । ପ୍ରଶ୍ନ କହିବା ପୂର୍ବରୁ ଏତିକି ମାତ୍ର ମୋର ଅନୁରୋଧ ।

ହଁ ରାଣ ପକାଇ କହୁଛି ସତ କହିବ ଯେତିକି ଜାଣିଥିବ ।

ତୁମ ଗତ ଜୀବନଟି କିପରି କଟାଇଥିଲ ? କିପରି ବାଧା ବିଘ୍ନରେ ତୁମେ ଅଗ୍ରସର ହୋଇଛ ଏତିକି ମୋ ପାଖରେ ଖୋଲି କହି ପାରିବ ନାହିଁ ?

ହେମଂତର ପ୍ରଶ୍ନ ଏହାହିଁ ହେବ ବୋଲି ପ୍ରତିଭା ବହୁତ ଆଗରୁ ଜାଣିପାରିଥିଲା । ଯଦି ଓ ଅଡୁଆରେ ପଡ଼ି ଯାଇଥିଲା, ତଥାପି ଫାଙ୍କି ଦେବା ପାଇଁ ବାଟ ପାଇଲା ନାହିଁ । ହେମଂତର ଏପରି ଉଦାହରଣ ପରେ, ଅନୁରୋଧକୁ ଏଡାଇ ପାରିଲା ନାହିଁ । ଅତୀତ ଜୀବନରେ ସେ ତ ସେପରି କିଛି କରିନାହିଁ, ଲୁଚାଇବ ବା କାହିଁକି ? କାହିଁକି ? କହିବା ପୂର୍ବରୁ କହିଥିଲା—

Digitized by srujanika@gmail.com

ଆପଣ ହୁଏତ କିଛି ମନେ କରିବେ ନାହିଁ । ବାସ୍ତବ ଜୀବନର ଅବାସ୍ତବ ଘଟଣାଗୁଡ଼ିକ ସେପରି ବିଶେଷ ମନେ ନାହିଁ । ଯାହା ମନେ ଅଛି କହୁଛି । ଶୁଣନ୍ତୁ ।

× × × ×

ମୋଟେ ଯେତେବେଳେ ୧୦ ବର୍ଷ । ମୁଁ ସେତେବେଳେ ନବମ ଶ୍ରେଣୀରେ ରେଭେନ୍‌ସା ଗାର୍ଲ୍‌ସ ହାଇସ୍କୁଲରେ ପଢ଼ୁଥିଲି । ଆଜକୁ ଚାରିବର୍ଷ ତଳର କଥା । ଦିନେ କ୍ଲାସରେ ବସିଥିବା ସମୟରେ ହଠାତ୍ ଲକ୍ଷ୍ୟକଲି ଜଙ୍ଘ ପାଖରେ ସେଲ୍‌ଆରନ୍ଟି ମୋର ଈଷତ୍ ରକ୍ତରେ ଭିଜି ଯାଇଛି । ତା ପରେ ଘରକୁ ଚାଲିଆସିଥିଲି । ଅପରିପକ୍ୱ କିଶୋରୀ ଜୀବନରେ ସେକଥା ସେଦିନ ମୁଁ ବୁଝି ପାରିନଥିଲି । ଝିଅମାନେ କୁମାରୀତ୍ୱ ପାଇଲେ ଏପରି ହୁଏ ବୋଲି ମୋର ଧାରଣା ନଥିଲା । ତାପରେ ଜାଣିଥିଲି ନାରୀର ଗୋପନୀୟ ଅଂଶକୁ କିପରି ସଜାଡ଼ିବାକୁ ପଡ଼େ । ସେଦିନଠାରୁ ଶରୀରରେ ମୋର ବିରାଟ ପରିବର୍ତ୍ତନ ଦେଖା ଯାଇଥିଲା । ଦିନକୁ ଦିନ ଲକ୍ଷ୍ୟ କରୁଥିଲେ ମଧ୍ୟ ଜାଣି ପାରିନଥିଲି ପ୍ରକୃତିର ବିଚିତ୍ରତା କି କମନୀୟ । ସେହିଦିନଠାରୁ ମୋତେ କିପରି ଅଲଗା ଅଲଗା ଜଣାଗଲା । ପୂର୍ବପରି ଏକୁଟିଆ କୌଣସିଆଡ଼େ ଚାଲିଯିବା ପାଇଁ ସଂକୋଚ ବୋଧ କଲି । ସ୍କୁଲକୁ ଗଲା ସମୟରେ ବହିପତ୍ର ଗୁଡ଼ିକ ମୋ ବୁକୁରେ ଜାକିଧରି ଚାଲେ । କାରଣ ସେଥିରେ କାହିଁକି ବହୁତ ଆନନ୍ଦ ପାଉଥିଲି, ବାଟରେ ଗଲାବେଳେ ଆଜି କାଲିକାର ଟୋକାମାନଙ୍କର କେତେ ଅଶିଳୀ ଫୁସ ଫୁସ କଥା । ମାଂସ ଲେଖି ଶୃଗାଳ ପରି ତା ଆଡ଼କୁ ଚାହିଁ ରହିଥାନ୍ତି । ସେ ସବୁ ଦେଖି ଶୁଣି ହୃଦୟ ମୋର ଭରି ଯାଉଥିଲା । ମାତ୍ର ନିର୍ବୋଧ

Digitized by srujanika@gmail.com

କଶୋର ଜୀବନରେ ଭୁଲି ଯାଇଥିଲି ମୋର ଅଙ୍ଗଳାର କାହାଣୀ ଗୁଡ଼ିକ ବାସ୍ତବ ଜୀବନକୁ କେନ୍ଦ୍ର କରି ।

ମଝିରେ ମଝିରେ ବାପାମାଙ୍କ ସଙ୍ଗରେ ଯାଏ ସିନେମା ଦେଖି । ବାପା ମାଙ୍କର ଏକମାତ୍ର ଅଲିଅଳି ଝିଅଥିଲି । ଯେଉଁଠୁ କୌଣସିଆଡ଼େ ଗଲେ ମୋତେ ଏକୁଟିଆ ଘରେ ଛାଡ଼ି ଯାଉନାହାନ୍ତି । ସିନେମା ଗୃହରେ ଚଟଚଟରେ ନାଚି ଯାଉଥାଏ, ଅ.କକାଳକାର ଯେଉଁ ସବୁ କର୍ଜିବ ଶବ୍ଦ... । ଦେହ କଣ ହୋଇଯାଏ ଜାଣି ପାରେନା । ଘରେ ମଧ୍ୟ କୌଣସି ଉପନ୍ୟ.ସ ପଢୁଥିଲି ବେଳେ କ୍ଷଣିକ ଉତ୍ତେଜନାରେ ଥରି ଉଠେ । ଲକ୍ଷ୍ୟ କରୁଥିଲି, ମୋର ଫ୍ରକ୍ ଅଂଚଳରେ ଯେଉଁ ସବୁ ଅକୁହା ଉତ୍ତେଜନା ଯେପରି ଲୁଚି ରହିଛି ।

ଲକ୍ଷ୍ୟ କରେ ବହୁତ ସମୟ ଧରି କନ୍ତୁ କଛି ବୁଝି ପାରେନା । ପୁଣି ଝରକା ରେଲିଂରେ ଜାକି ଧରେ ମୋ ବୁକୁ । ଓଠରେ ଚହଲି ଉଠେ ଗୋପନ ହସ । ଗୃହେ ଆସେ ଫୁଲ ବଗିଚାକୁ ବୁଲିବା ପାଇଁ । ବାପା ଦେଖି ଧକାଇ କହନ୍ତି 'କରେ ମା ! ପଢ଼ାପଢ଼ି ନକରି ସବୁ ବେଳେ କଣ ବୁଲି ବୁଲି କରୁଛୁ ।' ସବୁ ଓ ବାପା ଜାଣି ପାରି ଥିଲେ କଶୋର ଜୀବନର କ୍ଷଣିକ ଆବେଗ । ତଥାପି ସେ ଉପଦେଶ ଦେବା ଛଡ଼ା ଅଉ କଣ ଦେଇଥାନ୍ତେ ।

ତାପରେ ସ୍କୁଲ ଜୀବନ ଛାଡ଼ି କଲେଜ ଜୀବନର ଅବତାରଣା ହେଲି । ମଣିଷ ସ୍ୱାର୍ଥପର ତାହା ଏଥି କଲେଜ ଜୀବନରେ ମୁଁ ବୁଝି ପାରିଥିଲି । ଦୁନିଆ କେତେ ବଚିତ୍ର ହୋଇପାରେ, ତାହାର ମଧ୍ୟରେ ଏହି ମାନବ ସମାଜ ମଧ୍ୟ କେତେ ନୃଶଂସ ହୁଏ । ମଣିଷ ମନ ମଧ୍ୟରେ ଏପରି କୁକର୍ମ ପୂରି ରହିଥାଏ ବୋଲି ମୋର ଧାରଣା ଖୁବ୍ କମଥିଲି ।

Digitized by srujanika@gmail.com

ହଷ୍ଟେଲରେ ମୋତେ ଲଗାଇ ସ୍ୱରୂପ.ଅଜଣ ଓଡ଼ିଆ ଝିଅଥିଲୁ । ସେଥିମଧ୍ୟରୁ ଯୋଗେଶ୍ୱରୀ ମୋର କ୍ଲାସ ମେଟ୍ ଅଂତରଙ୍ଗ ଧାଙ୍ଗଥିଲା । ଦିନେ ଆମେ ପିକ୍‌ଚର ଦେଖିବା ପାଇଁ ବାହାରିଲୁ । ସୁମି ନାମକ ଝିଅଟିଏ ଯାଇ ହଷ୍ଟେଲ ସୁପରିନ୍ ଟେଣ୍ଡେଣ୍ଟଙ୍କଠାରୁ ଅନୁମତି ଅଣିଲା । ଆମେ ସମସ୍ତେ ରଜାକ୍ ଟକିଜ୍‌କୁ ସରଫରୁ ଛବି ଦେଖିବାକୁ ଗଲୁ । ଟିକେଟ୍ କାଟି ଭିତରେ ପଶିଲୁ । ସେ ଆରମ୍ଭ ହେବା ଅଧଘଣ୍ଟା ପରେ, ଆକସ୍ମିକ ଭାବରେ, କେଉଁ ଅଦୃଶ୍ୟ ହାତର ଚଟେଣ ଅନୁଭବ କଲି ମୋ ବୁକୁ ଶାଢ଼ି ଉପରେ । ଦୁଃଖରେ ଅଭିଭୂତ ହୋଇ ଯାଇଥିଲି ବହୁତ ରାଗିଥିଲି ।

ମୁଁ ଜାଣିଥିଲି ଯେ, ଆମ ପଛ ପାଖରେ ସ୍ୱରୂପଅଜଣ ଇଞ୍ଜିନିୟରିଂ ପିଲା ବସିଛନ୍ତି । ସିନେମା ଗୃହରେ ଏପରି ଅଭଦ୍ରାମି ମୋତେ ବହୁତ ବାଧିଥିଲା । ସେହି ଇଞ୍ଜିନିୟରିଂ ପିଲାମାନଙ୍କ କଥା କହିଲେ ନସରେ । ସୁସୁରି ବଜାଇ ସିନେମା ଗୃହକୁ କମ୍ପାଇ ଦେଉଥାନ୍ତି ।

ଯାହା ହେଉ କାହାରିକୁ କିଛି ନକହି, ଚେୟାର ଆଗକୁ ଘୁଞ୍ଚି ଯାଇଥିଲି । ମୁଁ ଥିଲି ମଝିରେ । ଅନ୍ୟ ଝିଅମାନେ ମୋ ଦୁଇ ପାଖରେ ବସିଥାନ୍ତି । ଯୋଗେଶ୍ୱରୀ ପ୍ରଭୃତି ପିକଚର ଦେଖୁଥିବା ସମୟରେ ଫଁ, ଫିଁ ହସୁଥାନ୍ତି । ସମୟ, ସମୟରେ ମୋ ,କାନ୍ଧକୁ ଟିପ ଦେଇ, କିପରି ଲାଗୁଛି ପଚାରନ୍ତି ।

ମୁଁ ଥିଲି ନୀରବ, ସେଦିନ ପିକ୍‌ଚର ଦେଖି ପାରିନଥିଲି । ପ୍ରକୃତରେ ଇଞ୍ଜିନିୟରିଂ ପିଲାଗୁଡ଼ାକ ଏପରି ବଜାରି, ଛତରା ବୋଲି ମୁଁ ଆଗରୁ ଜାଣିନଥିଲି ।

Digitized by srujanika@gmail.com

ତାହାଛଡ଼ା କଲେଜ ଗଲାବେଳେ ଇଞ୍ଜିନିୟରିଂ ପିଲାଗୁଡ଼ାକ ସାଇକେଲରେ ବୁଲି ଯାଉଁ ଯାଉଁ, ଯେଉଁ କମେଣ୍ଟ ପାଶ୍ କରନ୍ତି କହିଲେ ନସରେ । ମନେ ହୁଏ ଚଟକି ଖୋଲି ବ'ଢ଼େଇବାକୁ ।

ହେମଂତ ମନେ ମନେ ହସି କଣ କହିବ ବୋଲି ବାହାରୁ ଥିଲା । ମାତ୍ର ପ୍ରତିଭା କଥାରେ ବାଧା ନଦେଇ ନୀରବରେ ଶୁଣିବାକୁ ଲାଗିଲା । ପ୍ରତିଭା କେବଳ କହିବାରେ ବ୍ୟସ୍ତ ଅଛି ।

ସେଦିନ ପିକ୍‌ଚରରୁ ଆସି ରାତିରେ ମୁଁ ଶୋଇ ପାରିନଥିଲି । ଅସହଜଣା ଯନ୍ତ୍ରଣାରେ ଶୋଇ ପଡ଼ିଥିଲି । ବହୁତ କାନ୍ଦିଥିଲି । ମୋର ସାଙ୍ଗମାନଙ୍କୁ ମଧ୍ୟ କିଛି ଜଣାଇନଥିଲି ସେମାନେ ମଧ୍ୟ କିଛି ଜାଣିପାରି ନଥିଲେ । ତେଣୁ ସେମାନେ ମଧ୍ୟ ମୋ ଦୁଃଖର କାରଣ ପଚାରି ନଥିଲେ । ପରଦିନ ସକାଳେ ଉଠି ବାଥ୍ ରୁମ୍‌ରେ ପଶି କବାଟ ବନ୍ଦ କଲି । ଅର୍ଦ୍ଧ ଉଲଗ୍ନ ହୋଇ ଦର୍ପଣ ପାଖରେ ଠିଆ ହେଲି । ତା ପରେ ନିଜ ଦୁଇ ହାତରେ ନିଜର ଛାତିକୁ ଖୁବ୍ ଜୋରରେ ଘଷି ଦେଲି । ଭାବିଲି, କଣ ପାଇଁ ପୁରୁଷର ଏତେ ଆଗ୍ରହ ? କଣ ସେମାନେ ପାଆନ୍ତି ଏହାକୁ ଧରି । ନାରୀର ଛାତି ଉପରେ କାହିଁକି ପୁରୁଷର ଲୁବ୍ଧ ଆଖି ସବୁ ପ୍ରଥମେ ପଡ଼େ । ମାତ୍ର ପାଇନଥିଲି କିଛି ନୂତନତ୍ୱ । ମନକଥା ମନରେ ରହିଥିଲା, ପ୍ରକାଶ କରିବାକୁ ସାହାସ କରି ପାରିନଥିଲି ।

ହେମଂତ ହସି, ହସି କହିଲା—

ତୁମେ ତାହା ହେଲେ ଇଞ୍ଜିନିୟରିଂ ପିଲାମାନଙ୍କୁ ଘୃଣା କର । ଇଚ୍ଛାତ ନଗରରେ ତୁମପରି ଯେତେ ଝିଅ ସମସ୍ତେ ନା ତମେ ?

ଅନ୍ୟ କେହି ଘୃଣା ନକଲେ ମଧ୍ୟ ମୁଁ ଅଂତରରୁ ସବୁତ ଘୃଣା କରେ । ଗାମ୍ଭୀର୍ଯ୍ୟ ରକ୍ଷାକରି ପ୍ରତିଭା ଉତ୍ତର ଦେଲା ।

Digitized by srujanika@gmail.com

ତୁମେ କେବେ ସେଇ ଜଳବାୟୁରେ ଗଢ଼ା ଜଣକୁ ଭଲ ପାଇ ବସିଛ ? ତୁମ ପାଖରେ ଏହା ମସ୍ତବଡ଼ ଭୁଲ ନୁହେଁ କି ?

ପ୍ରତିଭା ଅଳ୍ପ ହସି ଉତ୍ତର ଦେଲା ମୁଁ ମଧ୍ୟ ସେଇକଥା ଭାବୁଛି ?

ହଁ ଆଉରି ମଧ୍ୟ ମନେରଖ, ଇଞ୍ଜିନିୟରିଂ ପିଲାମାନେ ଉପରେ ଯେତେ ଦୁଷ୍ଟ ହେଲେ ମଧ୍ୟ ସେମାନଙ୍କ ଚରିତ୍ର କେତେ ନିର୍ମଳ ଜାଣିଛ ? କେବଳ ପରିସ୍ଥିତିର ଜଳବାୟୁ ସେମାନଙ୍କୁ ଅଲଗା ବାଟକୁ ନେଇ ଯାଇଥାଏ ।

ହଁ ଜାଣିଛି ଆପଣଙ୍କର ସେ ପ୍ରଟାଣି ରଖି ଦେଇଥାନ୍ତୁ ।

ଏହି ସମୟରେ ଟାଟା ଷ୍ଟେସନରୁ କୋଳାହଳ ମଧ୍ୟରେ ଭାସି ଆସିଲା ଯାତ୍ରୀ ବନ୍ଧୀମାନେ ବାଲ୍ ଉତ୍କଳ ଏକ୍ସପ୍ରେସ ଏକ ନମ୍ବର ପ୍ଲାଟଫର୍ମ ହାଜର ମେ ହୈ ।

× × × ×

ଟାଟା ରେଲ ଷ୍ଟେସନ । ଯାତ୍ରୀମାନଙ୍କର କୋଳାହଳରେ ପୂର୍ଣ୍ଣ । ଅନ୍ଧାରକ୍ରମେ କମିଗଲାଣି । ସକାଳ ପାଞ୍ଚଟା ସମୟ । ଆକାଶ ଆସ୍ତେ, ଆସ୍ତେ ନିର୍ମଳ ଦେଖା ଯାଉଛି । ତାରାଗୁଡ଼ିକ ବହୁତ ବେଳୁ ଲୁଚି ଗଲେଣି । ପଶ୍ଚିମାକାଶରେ କେବଳ ଶୁକ୍ର ଗ୍ରହଟି ଫିକା ଆଲୁଅରେ ହସି ଉଠିଛି ।

ଷ୍ଟେସନରେ ଗାଡ଼ି ଛିଡ଼ା ହେବା ପରେ ପ୍ରତିଭାକୁ ବସାଇ ଦେଇ ପ୍ଲାଟ ଫର୍ମକୁ ମୁହଁ ଧୋଇବା ପାଇଁଗଲା ହେମନ୍ତ ।

ହେମଂତ ଯିବା ପରେ ପ୍ରତିଭା ଏଟେଚି ଅଣି ହେମଂତ ସିଟ୍‌ରେ ରଖି ଦେଲା । କାରଣ ସେ ଆଗରୁ ବହୁତଥର ଯିବା ଆସିବା କରି ଜାଣିଛି ଟାଟା କିପରି ଜାଗା । ଅନେକ ସମୟରେ ଯାତ୍ରିମାନେ ସିଟ୍ ପାଇଁ କେପରି ଗଣ୍ଡଗୋଳ କରନ୍ତି ଆଗରୁ ସାବଧାନ ଥିଲେ ହେଲା ।

Digitized by srujanika@gmail.com

ହେମନ୍ତ ଫେର ଆସି କହିଲା, ଯାଅ ମୁହଁ ଧୋଇ ଆସିବ । ଟ୍ରେନ୍‌ର କୋଇଲା ଗୁଣ୍ଡ ଉଡ଼ି ମୁହଁ କଳା ଦେଖା ଯାଉଛି । ଆଖିରେ ବହୁତ ଗୁଣ୍ଡ ମଧ୍ୟ ପଡ଼ିଥିବ ।

ମାରବରେ ପ୍ରତିଭା, ହେଉନଟି ବେଗ୍‌ରୁ ରୁମାଲଟି ବାହାର କରି, ବେଗଟି ହେମନ୍ତ ହାତକୁ ବଢ଼ାଇ ଦେଇ, ମୁହଁ ଧୋଇବା ଉଦ୍ଦେଶ୍ୟରେ ଗଲା । ପ୍ରତିଭାର ଯିବା ବାଟକୁ ହେମନ୍ତ ଅନାଇଁ ରହି ମନେ ମନେ ହସିଲା ।

ଆଜି କାଲିକାର କଲେଜ ଝିଅମାନଙ୍କର ପିନ୍ଧା ହଲାଇ, ହଲାଇ ଚାଲିବା ମଧ୍ୟ ଗୋଟିଏ ଷ୍ଟାଇଲ୍ ।

ଦୁଇକପ ଚା’ ପାଇଁ ବରାଦ ଦେଲା ହେମନ୍ତ ।

ରୁମାଲରେ ମୁହଁ ପୋଛୁ ପୋଛୁ ପ୍ରତିଭା ମନାକଲା । ମୁଁ ଚା’ ଖାଇବ ନାହିଁ । ଦାନ୍ତ ନ ଘଷି ପୁଣି ଖାଲି ପେଟରେ ଚା’ ଖାଇବା ମୋର ଅଭ୍ୟାସ ନାହିଁ ।

ମୋର କିନ୍ତୁ ଏ ଗୋଟିଏ ଖରାପ ଅଭ୍ୟାସ ପ୍ରତିଭା । ସକାଳେ ବିଛଣାରୁ ଉଠି ଚା’ ଖାଇ ସାରିବା ପରେ... ।

ମୋତେ ଚା’ ହେଲେ ହଇରାଣ କରିବେ ଦେଖୁଛି ?

କାହିଁକି ?

ଏତେ ସକାଳେ ଉଠି ମୁଁ ଆପଣଙ୍କ ପାଇଁ ଚା ତିଆରି କରି ପାରିବ ନାହିଁ । ପ୍ରତିଭା, ମୁରୁକି ମୁରୁକି ହସି ଉତ୍ତର ଦେଲା ।

× × × ×

ଗାଡ଼ି ସେତେବେଳକୁ ଟାଟା ଷ୍ଟେସନ ଛାଡ଼ି ମନ୍ଥର ଗତିରେ ଷ୍ଟେସନ ପାର ହେବାକୁ ଲାଗିଥାଏ । ପ୍ରତିଭା ଓ ହେମନ୍ତର ନିକଟବର୍ତ୍ତୀ ସିଟ୍‌ରେ ଦୁଇଜଣ ବଙ୍ଗାଳୀ ଓ ଜଣେ ପଞ୍ଜାବୀ ବସିଥାନ୍ତି । କଥା ଛଳରେ ସେମାନେ ବହୁତ ହସୁଥାନ୍ତି ଏବଂ

Digitized by srujanika@gmail.com

ବେଳେ ବେଳେ ପ୍ରତିଭା ଆଡ଼କୁ ଚାହିଁ ଦେଉଥାନ୍ତି । ସେଥି ମଧ୍ୟରୁ ବଡ଼ଭାଇ ଜଣକ କହିଲେ – ଆପେ ଦେବେନ୍ଦ୍ରର ଶାଳୀ ହେଉଛନ୍ତି ବଡ଼ ଭଲ ଝିଅ ।

ଅନ୍ୟ ବଡ଼ଭାଇଟି ପଚାରିଲେ—କେଉଁଠେ ?

କିଛି ସମୟ ପାଇଁ ଉଭୟେ ନୀରବ । ଟ୍ରେନ ଛୁଟି ଚାଲିଛି ଅବିରାମ ଗତିରେ, ପଛରେ ରହି ଯାଉଛି କେତେ ବଣ, ବୁଦା, ପାହାଡ଼ । ସମ୍ପୂର୍ଣ୍ଣ ସକାଳ, ସୂର୍ଯ୍ୟ ଉଦୟ ହୋଇ ନଥାନ୍ତି । ଝରକାବାଟେ ଦେଖା ଯାଉଥିବା ସବୁଜ ପତ୍ରଗୁଡ଼ିକରେ ଅସ୍ପଷ୍ଟ କାକର ବିନ୍ଦୁ । ଦୁହେଁଯାକ ଲକ୍ଷ୍ୟ କରୁଥିଲେ ଏସବୁ । ସକାଳର ଫୁଲ୍‌ ଫୁଲିଆ ପବନରେ ପ୍ରତିଭାର ଅଯତ୍ନ କେଶରାଶି ଫର ଫର ହୋଇ ଉଡୁଥାଏ । ସେ ହାତ ଘଣ୍ଟାକୁ ଚାହିଁ ଦେଖିଲା, ସକାଳ ପାଞ୍ଚଟା ତିରିଶ ମିନିଟ୍‌ । ସାଙ୍ଗେ, ସାଙ୍ଗେ ସେ ଭାବନା ରାଜ୍ୟରୁ ଫେରି ଆସି କହିଲା—

ଗୋଟିଏ ଗପ କୁହନ୍ତୁ ନା । ବସି, ବସି ଖରାପ ଲାଗୁଛି । ଅନେକ ସମୟ ଅଛି ଆମେ ପହଞ୍ଚିବାକୁ । ଏତେ ସମୟ ଆଉ କିପରି କଟିବ ଭାବୁଛି ।

ଗପ ଫପ ମୋତେ କିଛି ଆସେନା । ସେ ସବୁ ସ୍ତ୍ରୀ ଲୋକ ମାନଙ୍କର ବେଉସା ।

ଖରାପ ଲାଗୁଛି ଯଦି ବହିଟି ଅଛି ବାହାର୍‌ କରି ପଢ଼ ?

ପ୍ରତିଭା; ସାମାନ୍ୟ ରାଗିଯାଇ ଉତ୍ତର ଦେଲା, ଦରକାର ନାହିଁ ।

ତାପରେ ନୀରବତାରେ କିଛି ସମୟ କଟି ଯାଇଥିଲା । ଦୁହେଁ ଚୂପ୍‌ ଚାପ ଥିଲେ । ହେମନ୍ତ ପ୍ରତିଭାର ଢଙ୍ଗ ଦେଖି, ମନେ ମନେ ହସୁଥାଏ ।

Digitized by srujanika@gmail.com

ପ୍ରଭାତ ପୁଣି ଆରମ୍ଭ କଲା—ମୁଁ ଗୋଟିଏ କଥା ପଚାରିବ କହିବେ-ନା ।

ମାତ୍ର ହେମନ୍ତ ଅନ୍ୟ ମନସ୍କ ଥିଲା ପର ଝରକାଆଡ଼କୁ ଚାହିଁ ସିଗାରେଟ ଟାଣିବାରେ ବ୍ୟସ୍ତ ଥାଏ ।

ପ୍ରଭାତ ହେମନ୍ତକୁ ହଲାଇ ଦେଇ—କଣ ଶୁଣୁନ କି ?

କଣ ?

ମୁଁ ଗୋଟିଏ କଥା ପଚାରିବ ସତ କହିବେ ଯଦି ପଚାରିବ ?

କଣ ପଚାର କହିବ ।

ନା ଆପଣ ମୋ ଦେହ ଛୁଇଁ କୁହନ୍ତୁ ନା କହିବେ ବୋଲି ।

ହେମନ୍ତ ପ୍ରଭାତର ହାତକୁ ଜୋରରେ ଚିପି ଧରି କହିଲା— ତୁମେ ଯାହା ପଚାରିବ କହିବ । ମାତ୍ର ସେ ଗପ କି କାହାଣୀ ଶୁଣାଇ ପାରିବ ନାହିଁ ।

ଆପଣ ତ ମୋଠାରୁ ବହୁତ କଥା ଶୁଣିଲେ । ଆପଣଙ୍କର ସେହି ଭଳି ପଡ଼ିବା ବେଳେ ଅଭୁଲା ସ୍ମୃତି ନଷ୍ଟପ୍ରାୟ ଥାଇପାରେ, ତାହା ମୋତେ କୁହନ୍ତୁ ।

ତୁମେ କହିଥିଲ ଏବଂ ମୁଁ କହିବି ଏହାର କିଛି ମାନେ ଥିଲା କା ସରିଥିଲା ?

ନ କହିବେ ଯଦି, କାହିଁକି ଦେହ ଛୁଇଁ କହିଲେ କହିବି ବୋଲି ?

ହେମନ୍ତ, ମନେ, ମନେ ଭାବିଲା ପ୍ରଭାତର ଗଳ୍ପ ଶୁଣିବା ଛଳନାତ୍ମକ । ସେଇଁଥିରେ କିଛି କହିବାର ନଥିଲା ।

ତାର ଗଳ୍ପ ଶୁଣିବା ପରେ ହେବ ସମସ୍ତ ମଧ୍ୟ ବିତିଯିବ ।

Digitized by srujanika@gmail.com

ସିଗାରେଟର ଶେଷ ଅଂଶଟି ତଳେ ଲିଭାଉ ଲିଭାଉ ହେମନ୍ତ ଆରମ୍ଭ କଲା, ଶୁଣ ତେବେ; ପ୍ରତିଭା ଆଗ୍ରହରେ ହେମନ୍ତର ମୁହଁକୁ ଚାହିଁ ରହିଲା ।

ହେମନ୍ତ କହି ଚାଲିଥିଲା; .

ଆଜକୁ ତିନିବର୍ଷ ତଳର କଥା । ତୁମପରି ମୁଁ ସେତେବେଳେ ପଢ଼ୁଥିଲି ବୁର୍ଲା ଇଞ୍ଜିନିୟରିଂ କଲେଜରେ । ମୋର ଜଣେ ଅନ୍ତରଙ୍ଗ ସାଙ୍ଗଥିଲା, ନା'ଟାର ଅଭିମନ୍ୟୁ । ଥରେ ସେ ଟାଇଫଏଡ୍‌ରେ ପଡ଼ିଲା । ତାକୁ ମୁଁ ନେଇଗଲି ହସପିଟାଲ୍‌କୁ । ଭଲ ହେବାପାଇଁ ତାକୁ ମାସଟିଏ ପୁରା ପୁରି ରହିବା ପାଇଁ ପଡ଼ିଥିଲା । ଅଭିମନ୍ୟୁକୁ ହସପିଟାଲରେ ଆଡ୍‌ମିଶନ କରାଇବା ପରେ ପରେ ମୁଁ ମଧ୍ୟ ତା ସାଙ୍ଗରେ ଆଡ୍‌ମିଶନ ହୋଇ ଯାଇଥିଲି ବୋଲି ଭାବୁଥିଲି । କାରଣ ଦିନରେ ଅନ୍ତତ 'ତିନି, ଚାରିଥର ତା ପାଖକୁ ଯିବା ଆସିବା କରୁଥାଏ ମୁଁ । ଏହା ଗୋଟିଏ ନିତ୍ତ ଦିନିଆ ରୁଟିନ୍ ବୋଲି ମୁଁ ଭାବି ନେଇଥିଲି । ଯଦି ଓ ମୋର ପଢ଼ାପଢ଼ିରେ ବ୍ୟାଘାତ ଆସୁଥାଏ । ତଥାପି କର୍ମକୁ ଆଦର ସାଙ୍ଗପାଇଁ ତାହା କର୍ତ୍ତବ୍ୟ ବୋଲି ଭାବି ନେଇଥିଲି ।

× × × ×

ହଠାତ ଦିନେ ଦେଖାହୁଏ, ରୂପସୀ ରଞ୍ଜିତା ସହିତ । ଯେଉଁ ରଞ୍ଜିତା ଆଣି ଦେଇଥିଲା, ମୋର କର୍ମବହୁଳ ଜୀବନରେ ବିରାଟ ବ୍ୟତିକ୍ରମ, ସେହି ନର୍ସ ରଞ୍ଜିତା । ବୟସ ପ୍ରାୟ ଏକୋଇଶ ଟପିଯାଇଥିବ । ତଥାପି ଯେ ଦେଖିଲେ ପନ୍ଦର, ଷୋହଳ ବର୍ଷର ଝିଅ ବୋଲି କହିବ । ଗୋରା ତକ୍ ତକ୍ ଦେହର ବର୍ଣ୍ଣକୁ ଗୋଲ୍ ମୁହଁଟି ତାକୁ ସୌନ୍ଦର୍ଯ୍ୟରେ ଦୁଇଗୁଣ କରି ଦେଇଥିଲା । ଫୁଲ୍‌କା, ଫୁଲ୍‌କା ଗାଲରେ ଅଙ୍ଗୁଳିର ନଖ ବାଜିଲେ, ରକ୍ତ ବାହାରିଲା

Digitized by srujanika@gmail.com

ପରି ଜଣାଇବ ଯେପରି, ଉଚ୍ଚତା ପାଖ ପାଖି ପାଞ୍ଚଫୁଟ ଭିତରେ ହେବ ।

ପୂର୍ବରୁ ଅଶୋକ ବାବୁ (ସରକାରି ପ୍ରେସ୍ସାଙ୍କ୍ଷ୍ଟ) ଙ୍କଠାରୁ ଶୁଣିଥିଲି ମିସ୍ ରଞ୍ଜିତା କଥା । ସେ ଅଭିମନ୍ୟୁର ତତ୍ତ୍ୱାବଧାନ ନେବା ପାଇଁ ତାକୁ କହି ଦେଇଛନ୍ତି । ମାତ୍ର ଯେଉଁଦିନ ମୁଁ ଆଖିରେ ଦେଖିଲି, ଏ ଗୋଟିଏ ନର୍ସ ବୋଲି ଭାବ ନଥିଲି । ସେଦିନ ଥିଲା, ରବିବାର, ସକାଳ ଆଠଟାରେ ଯାଇ ପହଞ୍ଚିଲି ହସପିଟାଲରେ । ଅଭିର କୋଠରୀ ଭିତରେ ପଶି ବା ପାଇଁ ଉଦ୍ୟତ ହେଲି ବେଳେ ହଠାତ କିଛି ସମୟ ପାଇଁ ଦ୍ୱାର ମୁହଁରେ ଠିଆ ହୋଇ ଯାଇଥିଲି । ପାଦ ମୋର ଆଗକୁ ଆଉ ଯାଇ ପାରୁନଥିଲା । ଦ୍ୱାର ମୁହଁରେ ପରଦା ଅନ୍ତରାଳରେ ଲକ୍ଷ୍ୟକଲି ନର୍ସଟିଏ ଅଭିର ମୁଣ୍ଡ ପଟେ ଠିଆ ହୋଇ କଣ ଲେଖିବାରେ ବ୍ୟସ୍ତ । ଧଳା ଶାଢ଼ୀ ଉପରେ, ଧଳା କୋଟଟିଏ । ପାଦ ଦେଶରେ ଅସ୍ପଷ୍ଟ ଭାବରେ ଦେଖା ଯାଉଥିବା ଧଳା ସକ୍ସ ସହିତ କଳା ରଙ୍ଗର ହାଇ ସୁଜ । ବାମ ହାତରେ ଘଣ୍ଟାଟିଏ, ଆଖିରେ ଭରି ରହିଛି, ଅମ୍ଳାନ ଦୃଷ୍ଟି, ଛାତିର ଉଚ୍ଚ ସ୍ଥାନକୁ ପରି ବେଷ୍ଟନ କରୁଥିବା ଧଳା କୋଟର ଗୋଟିଏ ବୋତାମ ଲଗା ହୋଇଥାଏ । ସତେ ଯେପରି ଗୋଟିଏ ନଦୀ ଉପରେ, ଗୋଟିଏ ପୋଲ, ତାପରେ ନଦୀଟି ବନ୍ଧା ଯାଇଛି ।

ନର୍ସଟି ଲେଖି ସାରିବା ପରେ, କଣ ଗୋଟିଏ ଔଷଧ ଆଣି ଅଭିର ପାଟି ମେଲା କରିବା ପାଇଁ ନିର୍ଦ୍ଦେଶ ଦେଲା । ତାପରେ ଖୁଆଇ ଦେଇ ସାଥ ପଚାରିଲା—

ଅଭିବାବୁ । ଆପଣଙ୍କର ସେ ସାଙ୍ଗ ଅଜୟ ଆସି ନାହାନ୍ତି ?

Digitized by srujanika@gmail.com

ଅତି ଧୀର ସ୍ୱରରେ ଉତ୍ତର ଦେଇଥିଲ, କାଲି କହୁଥିଲ ତ ଆଠଟାରେ ଆସିବ ବୋଲି ?

ମୁଁ ଏସବୁ ଦ୍ୱାର ଦେଶ ପରଦା ଅନ୍ତରାଳରେ ଦେଖୁଥିଲି, ଭାବିଲି, ରଞ୍ଜିତା ଚାହେଁଲେ ମୋତେ ଆଗରୁ ଚହ୍ନିଛି । ମୁଁ କିନ୍ତୁ ସେ ସୁବିଧାରୁ ବଞ୍ଚିତ ଥିଲି ।

ଯାହା ହେଉ ଏମାନଙ୍କର କଥାବାର୍ତ୍ତା କିଛି ନଜାଣିଲା ପରି ଭିତରକୁ ପ୍ରବେଶ କଲି, ରଞ୍ଜିତା ସଙ୍ଗେ, ସଙ୍ଗେ ମୋତେ ନମସ୍କାର କଲା; ମୁଁ ମଧ୍ୟ ପ୍ରତି ନମସ୍କାର ଫେରାଉ ଫେରାଉ ପଚାରିଲି, ଅଶୋକ ବାବୁ ଆସିଥିଲେ କି ?

ରଞ୍ଜିତା ଉତ୍ତର ଦେଲା ନା ଆସି ନାହାନ୍ତି । ଦଶଟାରେ ଆସିବେ । ଆପଣଙ୍କୁ କହିଛନ୍ତି ଅପେକ୍ଷା କରିବା ପାଇଁ । ଅଭିବ ବୁକ୍‌ର ବେଟ୍ରେଣ୍ଡ ଚେକ ହେବ ।

ତା' ସହିତ ମୋର ପ୍ରଥମ କଥାବାର୍ତ୍ତା ଆରମ୍ଭ ହୋଇଥିଲା ସେଦିନ ।

ଅନ୍ୟ ଏକ ଦିନର କଥା । ମୁଁ ହସ୍‌ପିଟାଲ୍‌କୁ ଯାଉଥିଲି । ହଠାତ୍ ଅଦୂରରେ ଶୁଣିବାକୁ ପାଇଲି, ହେମନ୍ତ ବାବୁ ! ନମସ୍କାର । ମୋତେ ସେ କଣ୍ଠଟି ଅତି ପରିଚିତ ବୋଲି ମନେ ହେଲା । ଇତଃସ୍ତତ ହୋଇ ପଛକୁ ଚାହିଁ ଦେଖିଲି, ରଞ୍ଜିତା ମୁହଁରେ ସେ ପରି ହସ । ମୁଁ ତାକୁ ଦେଖି ପକାଇ ପ୍ରତିନମସ୍କାର ଜଣାଇ ଥିଲି । ତା' ପରେ ସେ ହସ ହସ ମୁଖରେ କହିଥିଲା—ଆପଣ କ୍ଲବକୁ ମୁଁ ଯାଉଛି ।

ମନ ମୋର ବିଚଳିତ ହୋଇ ଯାଇଥିଲା । ତାର ସେ ମଧୁର କଥା, ହସ ହସ ମୁଖ ପ୍ରଭୃତି ମୋ ହୃଦୟ ମନ୍ଦିରରେ ସବୁ ବେଳେ ଯାଲ୍କଳି ମାନ ହେଉଥିଲା । ଅଙ୍କଲିତାରେ ତାର

Digitized by srujanika@gmail.com

ବିକ୍ଷୁବ୍ଧ ଯୌବନ ବହୁତ ପରିମାଣରେ ଅକୃଷ୍ଟ କରିଥିଲା, ବୁଝି ପାରୁନଥିଲି—ମୋ ଯୁବ ଜୀବନରେ ସେଦିନ ସେକଥା । ମୁଁ ଅଭିମନ୍ୟୁ ପାଖରେ ବସି କଥାବାର୍ତ୍ତା ହେଉଥିଲୁ କିଛି ସମୟ ପରେ ରଞ୍ଜିତା ଆସିଲା, କଣ ଔଷଧଟି ଧରି । ମୁଁ କହିଲି ଔଷଧ ଟିକେ ଦେଲ । ଆସିଲା ବେଳେ ବୁଢ଼ା ଆଙ୍ଗୁଠିଟି...... । ସେହି ପଦକ କଥାରେ, ରଞ୍ଜିତା ଆସନ୍ତୁ କହି ତାଙ୍କୁ ନେଇଥିଲା ଏକ କୋଠରୀକୁ । ମୁଁ ତା ପଛେ ପଛେ ଅନୁସରଣ କଲି । କୋଠରୀ ଭିତରକୁ ପ୍ରବେଶ କରୁ, କରୁ ଦେଖିଲି ସେହି ଦ୍ୱାର ମୁହଁରେ ଲେଖା ହୋଇଥିଲା ନର୍ସିଂ ଡିଉଟି ରୁମ୍ । ଚେୟାରଟିଏ ଆଣି ବସିବାକୁ କହିଲା, ମୁଁ ବସିବା ପରେ ସେ ହାତରେ ବୋତଲଟି ଧରି ପଚାରିଲା, କେଉଁଠି ଦେଖାନ୍ତୁ । ବୋତଲ ମଧ୍ୟରେ କଣ ତରଳ ପଦାର୍ଥ ନାଲି ଦେଖା ଯାଉଥିଲା । ରଞ୍ଜିତାର ପ୍ରଶ୍ନ ଶୁଣି—ମୁଁ ଡାହାଣ ପାଦରୁ ଜୋତା ଖୋଲିବାକୁ ଉଦ୍ୟତ ହେଉଥିଲି; ମାତ୍ର ରଞ୍ଜିତା ବାଧା ଦେଇ ସ୍ନେହରେ କହିଥିଲା ମୁଁ ଖୋଲି ଦେଉଛି; ସକ୍‌ସ ଖୋଲି ସାରିବା ପରେ, ଆଘାତର ଚିହ୍ନ ପାଇନଥିଲା । ପୁଣି ହସି ହସି ପଚାରିଥିଲା କେଉଁଠି ଆଘାତ ଲାଗିଛି ?

ମୁଁ ଉତ୍ତର ଦେଇଥିଲି ବୁଢ଼ା ଆଙ୍ଗୁଳରେ । ମାଉବରେ ତୁଳାରେ ସେ ନାଲି ଔଷଧ ଲଗାଇ ଦେଇଥିଲା ଏବଂ ସକ୍‌ସ ପିନ୍ଧାଇ ଦେଉ ଦେଉ କହିଥିଲା—ଆପଣ ଭାରି ମିଛ କହି ପାରନ୍ତି ? କିନ୍ତୁ ସେଦିନ ତାର ସେହି ହାତର ସ୍ପର୍ଶରେ, ସାରା ଦେହଟି ମୋର କଣ ହୋଇ ଯାଇଥିଲା । ମୁଁ ଭାବୁଥିଲି—ହସପିଟାଲର ଶହ, ଶହ ରୋଗୀଙ୍କ ସହିତ ମୁଁ ମଧ୍ୟ ଜଣେ । ଯେଉଁ ରୋଗର ଔଷଧ ଏ ପର୍ଯ୍ୟନ୍ତ ବାହାରି ନାହିଁ । ଆଉ ଏ ସାମାନ୍ୟ କଥାରେ ମୁଁ ତାହା ପ୍ରକାଶ କରି ପାରୁନା—ସେଦିନର ଅନୁଭୂତି

Digitized by srujanika@gmail.com

ଠିକଣ । ସତେ, ସତେ ପଳାଇ ଆସିଲି ଅଭୟଙ୍କୁ । ଅଭୟ ମୋତେ ଦେଖି ପଚାରିଥିଲେ, ଏତେ ସମୟ କଣ କରୁଥିଲୁ କି ? ମୁଁ ଉତ୍ତର ଦେଇଥିଲି ତୋର ସେକଥା ଶୁଣି ଲାଭ କଣ ? ଭଲ ହୋଇ ଯା’ ଶୁଣିବୁ । ଯଦିଓ ଅଭୟ, ରଞ୍ଜିତା ଓ ମୋର ସମ୍ପର୍କ ଜାଣି ପାରିଥିଲା ତଥାପି କେବେ ହେଲେ କାହାକୁ କହିନାହିଁ ।

କେବଳ ତୁମେ କହି ପାରେନା ।

ଆପଣଙ୍କ ସଙ୍ଗରେ ତେବେ ସେହି ଦିନଠାରୁ ରଞ୍ଜିତା ସହିତ ପ୍ରଣୟ ଆରମ୍ଭ ହେଲା ।

ତା ପରେ ଅଭିମନ୍ୟୁ ହସପିଟାଲରୁ ଡିଲିଭ ହୋଇ ଆସିଲା । ହଠାତ୍ ଦିନେ ରଞ୍ଜିତାଠାରୁ ଚିଠିଟି ପାଇଲି । ଚିଠିର ପ୍ରଧାନ ବିଷୟ ବସ୍ତୁଥିଲା ସେଦିନ ତାର ନାଇଟ୍ ଡ୍ୟୁଟି ଅଛି । ଯିବାକୁ ଅନୁରୋଧ, ଆଗରୁ ମଧ୍ୟ ତାର ଅନେକ ଅନୁରୋଧକୁ ମୁଁ ରକ୍ଷା କରି ପାରିନଥିଲି । ଯଥା—ସମ୍ବଲପୁର ସିନେମା ଯିବା ସାଙ୍ଗରେ ବୁଲାବୁଲି କରିବା ଇତ୍ୟାଦି । ମାତ୍ର ପରିସ୍ଥିତି ମୋତେ ସେପରି କରିବାକୁ ଦେଇ ନଥିଲା । ଗୋଟିଏ ନର୍ସ ସଙ୍ଗରେ ଏତେ ଘନିଷ୍ଠ ହେବା ପାଇଁ ଲେକଚରର, ତଥା ସାଙ୍ଗ ପିଲାମାନେ ଦେଖିଲେ କଣ ଭାବିବେ । ଅବଶ୍ୟ—ମୁଁ ରଞ୍ଜିତାକୁ ଭଲ ପାଉଥିଲି । ମାତ୍ର ମୋର ଭଲ ପାଇବାର ମାପକାଠି କେତେ ଦୂରଥିଲା ଜାଣି ପାରି ନଥିଲି । ଯେହେତୁ ସେ ଗୋଟିଏ ନର୍ସଥିଲା । ମୋର ଭଲ ପାଇବା ଅପେକ୍ଷା—ରଞ୍ଜିତାର ମୋ’ ପ୍ରତି ସ୍ନେହ ମମତା ମୋଠାରୁ ଶତଗୁଣ ଅଧିକ ଥିଲା । ଏପରିକି ମୁଁ ସବୁଦିନ ଯାଇ ତାକୁ ଦେଖା କରନ୍ତି କଥାବାର୍ତ୍ତା ହୁଅନ୍ତି ଇତ୍ୟାଦି । ମାତ୍ର କର୍ତ୍ତବ୍ୟ ଦୃଷ୍ଟିରୁ ଅନ୍ୟାୟ ବୋଲି ଭାବି ଚିନ୍ତି, ବୃନ୍ଦାବନରେ ଥରେ ଦେଖା କରିବା ପାଇଁ ଯାଉଥିଲି । ଏସବୁ ମୋର ସାଙ୍ଗ ପିଲାମାନେ ଜାଣି

Digitized by srujanika@gmail.com

ପାଉଥିଲେ । ମୋତେ ବିରକ୍ତ କରି ପ୍ରତିଦିନ ତଡ଼ାଇବା ସେମାନଙ୍କର ପ୍ରଧାନ ଆନନ୍ଦ ଦାୟକ ବସ୍ତୁ ଥିଲା ।

ଏପରିକି ଡାଇନିଂ ହଲରେ ଖାଇ ବସିଥିଲା ବେଳେ କେତେକ ପାଙ୍ଗ ଚିତ୍କାର କରି କହନ୍ତି— ରଞ୍ଜିତାକୁ ଆଗ ଦିଅ ରଞ୍ଜିତାକୁ ଆଗ । କ୍ଲାସରେ ଲେକ୍‌ଚରର ନଥିଲା ବେଳେ ମଧ୍ୟ ସେହି ପୂର୍ବ ଧ୍ୱନି—ଏ ରଞ୍ଜିତା ! ଏ ରଞ୍ଜିତା । ଯାହା ହେଉ ହଷ୍ଟେଲ ଜୀବନରେ ଏ ସବୁକୁ ମୁଁ ଭ୍ରୂକ୍ଷେପ କରି ନଥିଲି । ଦୁନିଆରେ ସବୁ ବେଳେ ସବୁ କଥା ଧରି ବସିଲେ ହେବ କିପରି ? ଏହା ଭାବି ନୀରବ ରହୁଥିଲି ।

ଯେତେ ବେଳେ ରଞ୍ଜିତା ଠାରୁ ଏହି ଚିଠି ପାଇଲି, ଉଦ୍‌ବେଳିତ ହୃଦୟରେ ମୁଁ ଶୀଘ୍ର ଖାଇ ନେଇ ବାହାରିଲି । ରାତି ସେତେବେଳକୁ ଏଗାରଟା । ସାଇକେଲଟି କାର୍ଡ଼ ଅଗ୍ରସର ହେଲି ।

ହସ୍‌ପିଟାଲରେ ପହଞ୍ଚି ଖୋଜିଲି । ରଞ୍ଜିତା ପଛପଟୁ ଆସି ମୋ' ହାତ ଧରିପକାଇ ହସି ହସି କହିଲା—ଆସନ୍ତୁ । ମୁଁ ତା' ଜାଗରେ ହାତରଖି ସଙ୍ଗରେ ଗଲି । ତା' ଘରେ ପହଞ୍ଚିଲୁ— ହସପିଟାଲର ତିନି ମହଲା କୋଠା ଉପରେ । ଖରାଦିନ । ଅଦୂରରୁ ଭାସି ଆସୁଥାଏ—ହିରାକୁଦ ଅତଳ ଜଳର ଅଣ୍ଡାଦିବନ । ଆକାଶରେ ନଥିଲା ଚନ୍ଦ୍ର । ଉଜ୍ଜ୍ୱଳ ତାରକାଙ୍କର ମିଟି ମିଟି ଚାହାଣୀ । ଚତୁର୍ଦ୍ଦିଗ ଅନ୍ଧକାର, କେବଳ ହିରାକୁଦ ବନ୍ଧ ଉପରେ କେତେଗୁଡ଼ିଏ ଆଲୁଅ ବ୍ୟତିତ କିଛି ଦେଖା ଯାଉନଥିଲା । ମୋ' ଯୌନ ଜୀବନରେ ସେପରି ସୁବିଧା ଭାଗ୍ୟରେ ଯୁଟି ନଥିଲା ।

ତା' ପରେ ଆମେ ବସିଲୁ ଏହି କୋଠା ଉପରେ । ମୋ' କୋଳରେ ଶୋଇଥିଲା ସେ । କେତେ ଅଭିମାନ, କେତେ ହସରିହ

Digitized by srujanika@gmail.com

ସେ ଗୃହ ଯାଇଛନ୍ତି । ସେଦିନ ରଞ୍ଜିତା କେଶଗୁଚ୍ଛିରେ କ ତେଲ ଲଗାଇ ଥିଲା କେଜାଣି—ଯେଉଁ ସୁବାସିତ ତେଲ ମଧ୍ୟରୁ ସୁରଭି ମୋର ପ୍ରାଣେନ୍ଦ୍ରିୟକୁ ପରିବର୍ତ୍ତନ କରି ଦେଇଥିଲା ସେ ।· ମୋର ସେହି ଟେରିକଷ୍ଟନ ପେଣ୍ଟରୁ ଅଜପର୍ଯ୍ୟନ୍ତ ସେହି ମଧୁର ସୁରଭି ହଜ ଯାଇନାହିଁ । ଅସଂଖ୍ୟ ଚୁମ୍ବନରେ ଭରି ଦେଇଥିଲି ତାର ମୁଖମଣ୍ଡଳ । ପଚାରିଥିଲି କଣ ପାଇଁ ଡାକିଥିଲ ରଞ୍ଜିତା । ରଞ୍ଜିତାର କଣ୍ଠ ଥରି ଉଠିଥିଲା । ଦେହର ଉତ୍ତେଜନା ମଧ୍ୟ ବଢ଼ି ଯାଇଥିଲା । ଚକିତ ସ୍ୱରରେ ଉତ୍ତର ଦେଇଥିଲା – ଗୋଟିଏ ନାରୀ ଏତେ ରାତିରେ ଗୋଟିଏ ପୁରୁଷ ପାଖକୁ ଆସିବା କାରଣ କଣ ହୋଇପାରେ ? ତା' ପରେ ତା' ଓଠରେ ଭାଷା ନଥିଲା । ହିଁ···ଅ ···କ ଚମତ୍କାର ସେଦିନ । ଭାବିଲି ରଞ୍ଜିତା ମୋତେ ଦୁର୍ବଳ ମନେକଲା । ଦୈହିକ ସମ୍ଭୋଗ ସମୟରେ ମୁଁ ଭାବିଥିଲି ସତେ ଯେପରି ତିନ ମହଲା କୋଠା ଉପରେ ମୁଁ ନାହିଁ । ଲୁହା ଝୋଳ ଥିବା ଗୋଟାଏ ଆଠଚକ ବିଶିଷ୍ଟ ଗାଡ଼ିରେ ଚନ୍ଦ୍ରମଣ୍ଡଳ ଭ୍ରମଣ କରୁଛି ।

ତା' ପରେ ରଞ୍ଜିତାର ପ୍ରଶ୍ନ ଥିଲା ଅତିବ ଗୁରୁତ୍ୱପୂର୍ଣ୍ଣ ।

ଯେଉଁ ପ୍ରଶ୍ନର ଉତ୍ତର ଦେଇ ନପାରି, ସେଦିନ ସେଠାରୁ ଚାଲି ଆସିଥିଲି । ସେତେବେଳକୁ ରାତି ନଅଟା ବାଜି ଯାଇଥାଏ । ହଷ୍ଟେଲରେ ଆସି ବହୁତ ଭାବିଥିଲି । ପାଇନଥିଲି । ସେଦିନ ଠାରୁ ରଞ୍ଜିତା ପାଖକୁ ଯିବା ସବୁଦିନ ପାଇଁ ବନ୍ଦକରି ଦେଇଥିଲି । ସେ ପ୍ରଶ୍ନଥିଲା—ବିବାହ । କଣ କରିବି ଜାଣି ପାରୁନଥିଲି । ପ୍ରତିଶ୍ରୁତି ମନଥାଏ, ରଞ୍ଜିତାକୁ ଯାଇ ଦେଖା କରି ଆସିବି ଏବଂ କହିବି ତୁମ ପ୍ରଶ୍ନର ଉତ୍ତର ଦେବାପାଇଁ ମୁଁ ଅକ୍ଷମ । ଯାଇ ପାରି ନଥିଲି, କି କହି ପାରି ନଥିଲି ।

Digitized by srujanika@gmail.com

ମାସଟିଏ ବିତିଗଲା । ରଞ୍ଜିତାଠାରୁ ଚାଲିଲି ଚିଠିଟିଏ । ହିଁ ସେଇ ଚିଠି, ଶେଷ ଚିଠି, ସଂକ୍ଷିପ୍ତ ଚିଠିର ତିକ୍ତ ବିରହ ! ଆଗରୁ ପାଇଛି ବହୁତ ପ୍ରଣୟ ପତ୍ର । କିନ୍ତୁ ଏ ପ୍ରଣୟ ପତ୍ର ନଥିଲା । ମୋ ଭବିଷ୍ୟତ ପାଇଁ ଏକ ସାର୍ଟିଫିକେଟ୍ କହିଲେ ଅତ୍ୟୁକ୍ତି ହେବନାହିଁ, ତାହା କୌଣସି ଚିଠିରେ ମୁଁ ଅନୁଭବ କରି ନଥିଲି । ଆଖି ଆଗରେ ନାଚି ଉଠିଲା ତାର ସେହିର ଅନୁରୋଧ ।

ଛଳ ଛଳ ଆଖି ଆଉ ଅଭିମାନ । ମୋର ସ୍ପର୍ଶ ତାକୁ ମଳିନ କରି ନଥିଲା । କି ବିଚିତ୍ର ଝିଅମାନଙ୍କର ସ୍ୱପ୍ନ । ତାହା ରଞ୍ଜିତାର ସ୍ୱପ୍ନ କି ରହସ୍ୟ ଆଜି ସୁଦ୍ଧା ବୁଝି ପାରି ନାହିଁ । ଜୀବନରେ ବହୁତ ଆଘାତ ସହିଛି । ମାତ୍ର ଚିଠି ଗୋଟିଏ ଆଘାତ ନା ଏକ୍‌ସିଡେଣ୍ଟ କିଣ ? ସ୍ଥିର କରି ପାରି ନଥିଲି । ଗୋଟିଏ ନର୍ସ ସେତେ ବୁଦ୍ଧିମତୀ ନହେଲେ ମଧ୍ୟ ତାକୁ ଧନ୍ୟବାଦ ନଦେଇ ରହି ପାରିନାହିଁ ! ସେହି ଚିଠିକୁ ଆଜି ପର୍ଯ୍ୟନ୍ତ ସାଇତି ରଖିଛି । ପ୍ରକୃତରେ କି ଦାର୍ଶନିକ ତତ୍ତ୍ୱରେ ପୁର୍ଣ୍ଣଥିଲା ସେ ଚିଠି । ବାରମ୍ବାର ପଢିଛି ହେଲେ ସେଥିରୁ ଅନେକ ବୁଝି ପାରିଲି ନାହିଁ କି ତାର ଅର୍ଥ ନିଜରେ କାହାରିକୁ ପଚାରି ପାରି ନଥିଲି । ସେହିପରି ରଖିଛି ସେ ଚିଠି ଆଜି ପର୍ଯ୍ୟନ୍ତ ଯାହାର ଅର୍ଥ ସୁଦୂର ଅତୀତରେ ଖୋଜିଲେ ମଧ୍ୟ ପାଇ ହେବ ନାହିଁ । ସତେ ଯେପରି ସେହି ଚିଠିର ଉତ୍ତର, ଦୂର ଦିଗ୍‌ବଳୟ ତଳେ ଲୁଚି ରହିଛି । ମାରିଷଣି କରିଥିଲି ବହୁତ ସମସ୍ତ ଧରି । ପାଇ ନଥିଲି । ତାପରେ ପଢ଼ା ଶେଷରେ ଚାଲି ଆସିଥିଲି ଘରକୁ, ଦେଖା କରି ନଥିଲି ରଞ୍ଜିତାକୁ ।

କିନ୍ତୁ ସେହି କର୍ମ ବହୁଳ ଇଞ୍ଜିନିୟର ଆଜି ଆଗେଇ ଚାଲିଛି ତାର କର୍ତ୍ତବ୍ୟ ପଥରେ । ସେହି ଦେଶ ସେବା ନର୍ସ

Digitized by srujanika@gmail.com

ରଞ୍ଜିତା । ସେ ମଧ୍ୟ ଆଗେଇ ଚାଲିଛି ତାର ଦେଶ ସେବାରେ । ତାହାର ମନ ମଧ୍ୟରେ ଆବିଳତା ନାହିଁ । ଅବହେଳା ନାହିଁ କିନା ବିଧାରେ ଚାଲିଛନ୍ତି ଆଗେଇ, ଆଗରେ ଭବିଷ୍ୟତ ସବୁଜ ସ୍ୱପ୍ନ କେବଳ ଦୁହିଁଙ୍କ ହୃଦୟରେ ଭରି ଯାଇଛି ଅମ୍ଳାନ ସ୍ମୃତି ଟିକକ ।

ପ୍ରତିଭା ଆଗ୍ରହରେ ପଚାରିଲା 'କଣ ତେବେ ସେ ଚିଠି ? ରଞ୍ଜିତା ଏପରି କଣ ଚିଠି ଲେଖିଥିଲା ଯେଉଁ ଚିଠି ଦର୍ଶନ ଶାସ୍ତ୍ରରେ ପୂରି ରହିଥିଲା ।

ହଁ ପ୍ରତିଭା ? ସେ ଚିଠିର ତନ୍ନ ତନ୍ନ ଶବ୍ଦ ମୋର ମନେ ଅଛି ? ଶରୀରରେ ଅଙ୍ଗ ପ୍ରତ୍ୟଙ୍ଗରେ ତାହା ଖେଳି ବୁଲୁଛି । ତୁମେ ନାରୀ—

କହି ପାରିବ—ଗୋଟିଏ ନାରୀର ଅକୁହା କଥା ???

କୁହନ୍ତୁ ଦେଖି କଣ ସେ ଲେଖିଥିଲା ସେ ଚିଠିରେ ।

ଶୁଣ ତେବେ ରଞ୍ଜିତାର ସେହି ପ୍ରଣୟ ଚିଠିର ଉତ୍ତର:—

ପ୍ରିୟ;

ହେମନ୍ତ ବାବୁ ! ଏହି ସୁଦୂର ଗ୍ରାମ କୋଠରୀରୁ ହତଭାଗିନୀର ନମସ୍କାର ନେବେ । ଦୀର୍ଘ ଦିନର ନୀରବତାକୁ ଭଙ୍ଗକରି ଏ ଚିଠି ଖଣ୍ଡି ଲେଖୁଛି । ହୃଦୟର କେନ୍ଦ୍ରୀଭୂତ ଭାବନାକୁ ଏ ଚିଠି ମାଧ୍ୟମରେ ଆପଣଙ୍କ ପାଖକୁ ଲେଖିଲି, ଆପଣଙ୍କ ମନରେ କି ପ୍ରକାର ପ୍ରତିକ୍ରିୟା ହେବ ଜାଣି ପାରୁନି । ଏହି ଚିଠି ଶେଷ ଚିଠି କି, ପ୍ରଥମ ଚିଠି ତାହା ଆପଣ ବିଚାର କରିବେ । ଆପଣଙ୍କ ଉପରେ ସବୁ ନିର୍ଭର କରେ । ଗତ ରାତିରେ ଗୋଟିଏ ସ୍ୱପ୍ନ ଦେଖିଲି । ଭାବିଥିଲି ଲେଖିବି ନାହିଁ ବୋଲି । କିନ୍ତୁ ନଲେଖି ରହି ପାରୁନି । ଆଖିରୁ ଝରି ଆସେ···ତଥାପି ଲେଖୁଛି ସେ ସ୍ୱପ୍ନଟି କଣ ?

Digitized by srujanika@gmail.com

ଗତ ରାତିରେ ସ୍ୱପ୍ନରେ ଦେଖିଲି, ଅବଶ୍ୟ ମୁଁ ଦେଖିଥିବା ସ୍ୱପ୍ନ ଆପଣଙ୍କୁ ମିଛ ଭଳି ଲାଗି ପାରେ ହେଲେ ମୋତେ··· ? ମୋତେ ସେ ସବୁ ସତ ଭଳି ଲାଗୁଥିଲା । ଆପଣ ଯୌବନର ଚପଳତାରେ ଯୌନ କ୍ଷୁଧାକୁ ମେଣ୍ଟାଇବା ପାଇଁ ମୋର କୁଆଁରୀ ମନକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଝିଙ୍କୁଲା ଯୌବନକୁ ତିଳ ତିଳ କରି ଉପଭୋଗ କଲେ । କିନ୍ତୁ ଯେତେବେଳେ ମୁଁ ଗର୍ଭବତୀ ହେଲି ସେତେବେଳେ ତମେ ମୋ ଗର୍ଭର ସନ୍ତାନକୁ ତୁମର ବୋଲି ସ୍ୱୀକାର କରିବାକୁ ରାଜି ହେଲନି । ମୋତେ କହିଲ 'ସାମାନ୍ୟ ଜଣେ ନର୍ସକୁ ମୋ ଭଳି ଜଣେ ଇଂଜିନିୟର କେବେ ବିବାହ କରି ପାରେ ନା ! ତାପରେ ତମେ ସମାଜର କୁତ୍ସାରଟନାକୁ ଏଡ଼ିବା ପାଇଁ ତଥା ନିଜକୁ ଦୋଷମୁକ୍ତ କରିବା ପାଇଁ ମୋତେ ଦୂରେଇ ଦେଲ । ତାପରେ··· । ତା' ପରେ ମୋ ନିଦ ଭାଙ୍ଗିଗଲା, ଆଉ କିଛି ମୁଁ ଜାଣେନା । ଇତି ।

ଆପଣଙ୍କର
ରଞ୍ଜିତା

ଏହାପରି ଭାବରେ ସେ ଚିଠିଟି ଲେଖିଥିଲା । କହି ପାରିବ ପ୍ରତିଭା ଗୋଟିଏ ନାରୀର ମନକଥା ? କେଉଁ ଉଦ୍ଦେଶ୍ୟରେ ସେ ଚିଠିଟି ଲେଖିଥିଲା ।

ସେତେବେଳକୁ ଟ୍ରେନଟି ହଠାତ୍ ଏକ ବଣ ମଝିରେ ଠିଆ ହୋଇଗଲା । ହେମନ୍ତ ପ୍ରତିଭାକୁ ପୁଚ୍ଛିଁ କହିଲା, ତେବେ ଜଣା ହେଲା ନା କଣ ?

ସାମାନ୍ୟ ଚିନ୍ତିତ ହୋଇ ପ୍ରତିଭା ଉତ୍ତର ଦେଲା—ଶୁଣନ୍ତୁ ସେ ଚିଠିର ଉତ୍ତର । ଯେଉଁ ଚିଠି ଆପଣଙ୍କ ମନରେ ସୃଷ୍ଟି କରିଛି ଆତଙ୍କ ।

Digitized by srujanika@gmail.com

— ତେବେ କୁହ…

ରଞ୍ଜିତା ଆପଣଙ୍କୁ ଭଲ ପାଉଥିଲା ଭବିଷ୍ୟତର ଏକ ବିରାଟ ଆଶା ନେଇ । ଆଶାଥିଲା ବିବାହ କରିବ ସେଇଥିପାଇଁ ସେ ପଚାରିଥିଲା ଆପଣଙ୍କୁ କିନ୍ତୁ ଉତ୍ତର ପାଇ ନଥିଲା । ତାପରେ ଆପଣଙ୍କର ଦର୍ପ ଭବନର ମାରବନ୍ତରେ ସେ ଦୁଃଖର ଛୁଟୁଁରେ ଅଭିଭୂତ ହୋଇଥିଲା । ତାର ଭଲ ପାଇବା ଏତେ ପ୍ରଗାଢ଼ ଥିଲା ଯେ, ଯାହା ଫଳରେ ସେ ଆପଣଙ୍କୁ ଭୁଲି ପାରି ନଥିଲା । ତଥାପି ତାର ଆଶା ଥିଲା ଉଚିତ ପାଇବ ବୋଲି କିନ୍ତୁ…ରହସ୍ୟ ଜାଣି ପାରିଥିଲେ ଡାକ୍ତର ଅଶୋକବାବୁ । ଉପଦେଶ ଦେଇଥିଲେ, ପରେ ଜାଣିଲା ଯେ, ସେ ହୃଦୟରେ ଯେଉଁ ଆବେଗ ରଖି ଆସେବ ଗୁଣବନ୍ତ ହେମନ୍ତଙ୍କୁ ବିବାହ କରିବ ଏହା ଅସମ୍ଭବ । ନର୍ସ ହୋଇ ଇଞ୍ଜିନିୟରଙ୍କୁ ବିବାହ କରିବ । ଏକଥା ଜାଣିବାକୁ ତାର ବାକି ନଥିଲା । ଆପଣ ତାଙ୍କୁ ବିବାହ ପାଇଁ ରାଜି ନଥିଲେ । ନାରୀର ହୃଦୟ ଆପଣ ବୁଝି ପାରି ନଥିଲେ । ନାରୀର ମନ ଯେତେ କଠୋର ହେଲେ ମଧ୍ୟ ଅନ୍ତରରେ ଭରି ରହିଥାଏ ସ୍ନେହ ମମତା, ସେ ନର୍ସ ଥିଲେ ମଧ୍ୟ କଳୁଷିତା ନଥିଲା, ଚରିତ୍ର ହୀନା ନଥିଲା । ଅଳ୍ପ ଶିକ୍ଷିତା ଥିଲେ ମଧ୍ୟ ବୁଦ୍ଧିମତୀ ଥିଲା । ତାର ଶ୍ରେଷ୍ଠ ବୁଦ୍ଧିରେ ଲେଖିଥିଲା, ସେ ପ୍ରହେଳିକା ଚିଠି । ପ୍ରକୃତରେ ସ୍ୱପ୍ନ ଦେଖି ନଥିଲା । ସ୍ୱପ୍ନର କୁହେଳିକା ତଳରେ ଦୂରେଇ ଯାଉଥିଲା । ଜୀବନରେ ଭୁଲ କରିଛି ବୋଲି ଭାବିଥିଲା । ଚିଠି ଲେଖିଲା ବେଳେ କାନ୍ଦୁଥିଲା, ତାର ସାଙ୍ଗମାନେ ଜାଣି ହସିଥିଲେ । ପରେ ଯେତେବେଳେ ଜାଣିଲା ଯେ ସେ ଦୂରେଇ ଯାଉଛି ଆପଣଙ୍କ ଠାରୁ ମନେ, ମନେ ଖୁସି ହୋଇଥିଲା । ମାତ୍ର ଆପଣଙ୍କ ଧାରଣା ଭୁଲ । ଆପଣ ଯଦି ଓ, ରଞ୍ଜିତାକୁ ଭଲ ପାଉଥିଲେ, ମାତ୍ର

Digitized by srujanika@gmail.com

ମଣିଷ ସମାଜରେ ତାକୁ ନେଇ ଜୀବନ କଟାଇବାକୁ ଲଜ୍ଜ୍ୟା ବୋଧ କରୁଥିଲେ । ମନରେ କେବଳ ଗୋଟିଏ ମସ୍ତବଡ଼ ଭୁଲ ଧାରଣା ଥିଲା ଯେ, ରଞ୍ଜିତା ନର୍ସ । ଆପଣ ରଞ୍ଜିତାକୁ ଭଲ ପାଉଥିଲେ । ମାତ୍ର ନର୍ସ ଶବ୍ଦଟି ଭବିଷ୍ୟତର ଦ୍ୱାରକୁ ଚିରମାର କରି ଦେଇଥିଲା । ଏହା ବୁଝେଁ କି ?

ହେମନ୍ତ ନୀରବରେ ସିଗାରେଟର ଧୂଆଁ ଛାଡ଼ିବାରେ ଲାଗିଥାଏ । ମୁଖମଣ୍ଡଳରେ ଅମ୍ଳାନ ଶାନ୍ତି । ହୃଦୟରେ ଭରି ରହିଛି, ଭବିଷ୍ୟତର ଆଶଙ୍କାହୀନ ରେଖା । ଝରକା ବାଟ ଦେଇ ମିଳାଇ ଯାଉଥାଏ ।

ବୁଢ଼ୀଲୋକ ନୀରବ ଥିଲେ ।

× × × ×

ସକାଳ ସାଢେ଼ ବାଜି ପଚିଶ ମିନିଟ, ଆଗେଇ ଚାଲିଛି ଏକ୍ସ ନର୍ଜିବ ଗାଡ଼ିଟି । ଟ୍ରେନର ଝରକା ଦେଇ ପଡ଼ୁଥାଏ ସୂର୍ଯ୍ୟଙ୍କର ବିଚ୍ଛୁରିତ କିରଣ । ସେହି ସୁନେଲି କିରଣ ଟିକଟପ୍ରତିଟିର ମୁଖମଣ୍ଡଳରେ ପଡ଼ି ଗୁଣିତ କରି ଦେଇଥିଲା ତାର ସୌନ୍ଦର୍ଯ୍ୟକୁ । ଯେତେ ଯେପରି ବିରାଟ ଫୁଲ ଉଦ୍ୟାନ ମଧ୍ୟରେ ଗୋଟିଏ ପ୍ରସ୍ଫୁଟିତ ଗୋଲାପ । ଆଉ ପାଖରେ ଭ୍ରମର··· ।

ଅଯତ୍ନ କେଶରାଶିକୁ ସହଯୋଗ କରୁଥିବା ଫୁଟିଲା ଯୌବନ । ଯେଉଁ ପ୍ରସ୍ଫୁଟିତ ଫୁଲର ସୁରଭି ଭ୍ରମରମାନେ ପାଇ ତାର ନାହାନ୍ତି । ଗତ ରାତିର ଅନିଦ୍ରା, ଆଖିରେ ରହିଛି ଅମ୍ଳାନ ମାଦକତା । ହେମନ୍ତ ଏସବୁ ଲକ୍ଷ୍ୟ କରୁ କରୁ ହାତ ଘଣ୍ଟାକୁ ଚାହିଁ କହିଲା—

ଆମେ ହୁଏତ ଆଉ ଅଳ୍ପ ସମୟ ପରେ ରାଉରକେଲା, ପହଞ୍ଚିବା । ତା' ପରେ···

Digitized by srujanika@gmail.com

ତା' ପରେ ମୁଁ ହଷ୍ଟେଲ ଯିବ ପ୍ରସ୍ତାବ ଉତ୍ତର ଦେଲି ।

ଏହି ଶବ୍ଦଟି ସତେ ଯେପରି ହେମନ୍ତକୁ ବିବ୍ରତ କରି ଦେଲା । ସାମାନ୍ୟ ଆଘାତ ପାଇଲା ପରି କହିଲା—

ନା ପ୍ରତିଭା; ତୁମକୁ ମୋ' ସଙ୍ଗରେ ଯିବା ପାଇଁ ହେବ, ତୁମକୁ ଛାଡ଼ି ··

କଦାପି ମୁଁ ରହି ପାରିବ ନାହିଁ ।

ଆପଣ ଏମିତି ଅମାନିଆ ହେଲେ ଚଳିବ ? ମୁଁ ଏତେ କରି କହିଲା ଅବିବାହିତ ଅବସ୍ଥା ରେ କିପରି ଯିବ ? କିଏ କେତେ ବେଳେ ଦେଖି କଣ ଭାବିବ···

ହଁ ପ୍ରତିଭା; ଘରେ ତୁମେ ଏତେ ଦିନ ରହିଲ, ଅଥଚ ମୋ ପାଖରେ ଦୁଇଦିନ ରହି ପାରିବ ନାହିଁ··· । ଆଜିକାଲି ବିବାହିତା ନାରୀର ଲକ୍ଷଣ ସହିତ ଅବିବାହିତା ନାରୀର ଲକ୍ଷଣ ସବୁ ସମାନ । ଦେଖୁଛ ତ ବିବାହିତାମାନେ ମଧ୍ୟ ମୁଣ୍ଡରେ ସିନ୍ଦୂର କିମ୍ବା ହାତରେ ଚୂଡ଼ି ଲଗାଉଥାନ୍ତି । ଆଉ ମୁଣ୍ଡରେ ଲୁଗା ଦେବା ପ୍ରଥା ଭାରତ ସ୍ୱାଧୀନ ପରେ ପରେ ଇଂରେଜମାନେ ନେଇ ଯାଇଛନ୍ତି । ରାଉରକେଲା ପରି ଇସ୍ପାତ ନଗରୀରେ କିଏ କାହା କଥା ବୁଝୁଛି ଯେ, କିଏ କାଶିଲା; କିଏ ଛିଙ୍କିଲା, ଲକ୍ଷ, ଲକ୍ଷ ଲୋକ ଗହଳି ମଧ୍ୟରେ ଖୋଜିଲେ ମଧ୍ୟ ଜଣକୁ ପାଇବନି । ଦେଖି ତ ଆସୁଛି । ତା ଛଡ଼ା ମୋ କ୍ୱାର୍ଟର ପାଖରେ ଦୁଇଜଣ ଅଣ ଓଡ଼ିଆ ଲୋକ ରହନ୍ତି । ସେମାନଙ୍କ ସଙ୍ଗରେ ମଧ୍ୟ ମୋର କଥାବାର୍ତ୍ତା କମ୍ ।

ପ୍ରତିଭା ଦେଖିଲା, ହେମନ୍ତର ଜିଦ୍ ଗୋଟିଏ କଣ କରିବ ଠିକ୍ କରି ପାରିଲା ନାହିଁ । ନାରୀର ପରିକଳ୍ପିତ ରଙ୍ଗମଞ୍ଚ ତା' ସ୍ୱାମୀର ସଂସାର । ଆଜି ବିବାହ ହୋଇ ନଥିଲେ ବି କାଲି ହେବ ।

Digitized by srujanika@gmail.com

ସିଏ ହେବ ତାର ପ୍ରାଣର ପ୍ରିୟ । ଜୀବନର ସର୍ବସ୍ୱ । ଯାହାଙ୍କ ମାଦ ଚଲେ ବଞ୍ଚିବ ତାର ସାରା ଜୀବନ । ତାଙ୍କୁ ଏପରି ଅସନ୍ତୁଷ୍ଟ କରିବା ପାଇଁ ବାଦବାକି ତାର ପନ୍ଥ ଘୁଞ୍ଚା ହେଲା । ଯାହା ମନରେ କିଛି ଆବିଳତା ନରଖି ସବୁକଥା କହିଗଲା । ହୃଦୟରେ କପଟ ନାହିଁ, ମନରେ ଗର୍ବ ନାହିଁ, କେତେ ସରଳ, ଆଜି ଯଦି ତାଙ୍କ କଥା ଯେ ନମାନେ ପରେ ହୁଏତ ସେ ଘୃଣା କରି ପାରନ୍ତି । ଯାଙ୍କେ ସଙ୍ଗେ କହିଲା ଦେଖୁଛନ୍ତି ତ ସାଙ୍ଗରେ କିଛି ଆଣିନାହିଁ । ପାଖରେ ଅଧିକା ଶାଢ଼ୀ ମଧ୍ୟ ଆଣି ନାହିଁ । ସେଠାରେ ଯାଇ ଦୁଇଦିନ ଚଳିବ କିପରି ? ଆପଣ ମଧ୍ୟ ଅଧିକା ଖର୍ଚ୍ଚାନ୍ତରେ ପଡ଼ିବେ ।

ସେ ସବୁ ତୁମର କିଛି ଭାବିବା ଦରକାର ନାହିଁ । ତୁମପାଇଁ ଖର୍ଚ୍ଚାନ୍ତରେ ମୁଁ ପଡ଼ିବି କି ନ ପଡ଼ିବି ସେକଥା ମୁଁ ଜାଣେ ? ସେତେବେଳକୁ ପ୍ଲାଟଫର୍ମରେ ଗାଡ଼ି ଛିଡ଼ା ହେଲା ।

× × × ×

ଦୁହେଁ ଟ୍ୟାକସିରେ ଯାଇ ବସିଲେ । ଟ୍ୟାକ୍ସିଟି ଆଗେଇ ଚାଲିଲା ସମତଳ ପିଚୁ ରାସ୍ତା ଉପରେ । ରାସ୍ତାର ଦୁଇ ପାଖରେ ଲାଇଟ ପୋଷ୍ଟଗୁଡ଼ିକ ବାଦ ଯାଇ ନଥାଏ । ଟେକସି ଯାଇ ପହଞ୍ଚିଲା ସେକଟର ଅଠର ନମ୍ବରରେ । ହେମନ୍ତ ଡ୍ରାଇଭରକୁ ପାଞ୍ଚଟଙ୍କିଆ ନୋଟ ଖଣ୍ଡେ ବଢ଼ାଇ ଦେଇ ଦେଇ କହିଲା ଠିକ ହେବ ନା ?

ଡ୍ରାଇଭରଟି ସାମାନ୍ୟ ହସି ଜୀ ହାଁ କହି ଲମ୍ବା ନମସ୍କାରଟିଏ ବାବୁଙ୍କୁ ମାରି ଅଦୃଶ୍ୟ ହେଲା ।

ହେମନ୍ତ ପକେଟରୁ ଚାବି ବାହାର କରି ଦ୍ୱାର ଖୋଲିବାକୁ ଲାଗିଲା । ପ୍ରତିଭା କ୍ୱାଟରକୁ ପଶୁ ପଶୁ ଲକ୍ଷ୍ୟ କଲା । କ୍ୱାଟରର ଦ୍ୱାର

Digitized by srujanika@gmail.com

ପାଖରେ ସୁନ୍ଦର ଫୁଲ ଉଦ୍ୟାନଟିଏ । ଉଦ୍ୟାନ ମଧ୍ୟରେ ସ୍ଥାନ ପାଇଛି କେତେଗୁଡ଼ଏ ବିଦେଶୀ ଫୁଲର ସୁବାସିତ ମହକ । କ୍ଷଣିକ ଆନନ୍ଦରେ ସେ ଭୁଲିଗଲା । ଦ୍ୱାର ମୁହଁରେ ଦେଖିଲା ଧଳା ଧଳା ଅକ୍ଷରରେ ଲେଖା ହୋଇଛି । ଏଚ୍: କେ: ମହାପାତ୍ର ଇଲେକ୍‌ଟ୍ରି ଇଞ୍ଜିନିୟର । ନେମ ପ୍ଲେଟ ପାଖକୁ ଲାଗି କଲିଙ୍ଗ୍ ବେଲ୍‌ଟିଏ । ସେ ରାଉରକେଲାରେ ବର୍ଷଟିଏରୁ ବେଶୀ ରହିଲାଣି । ଅଥଚ କାହାର କ୍ୱାଟରକୁ ଯିବା ସୁବିଧା ପାଇନଥିଲା । ହେମନ୍ତର କ୍ୱାଟର ଆଜି ତା ପାଇଁ ରାଉରକେଲାରେ ପ୍ରଥମ ।

ତାଲା ଖୋଲି ଭିତରକୁ ପଶିଲେ । ହେମନ୍ତ ଜିନିଷ ପତ୍ର ରଖି ରଖି କହିଲା ଶିଘ୍ର କାମ ସାରିନିଅ । ରେଡ଼ିଓ ପାଖ ଲେଦର ବକ୍‌ସଟିରେ ଧୋତିଟିଏ ଅଛି ପିନ୍ଧିବ ଗାଧୋଇ ସାରି, ମୁଁ ଯାଉଛି ଶାଢ଼ୀଟିଏ କିଣି ଆଣେ । ତା ସହିତ ଖାଇବା ପାଇଁ ମଧ୍ୟ ହୋଟେଲରୁ ମିଲ ନେଇ ଆସିବି ।

ଆପଣ ଗାଧୋଇ ସାରି ଗଲେ ହେବନି ? ରାଜ୍ୟର ଅଜଣା । ନା ମୁଁ ଶିଘ୍ର ଫେରିବି । ଅଳ୍ପ ଦୂରରେ ମୋ ସଙ୍ଗ ସନ୍ତୋଷ ବାବୁଙ୍କ ପାଖରେ ମଟର ସାଇକେଲଟି ଅଛି । ସେଠାରୁ ନେଇ ଶୀଘ୍ର ଫେରିବି । ତୁମେ ଶୀଘ୍ର କାମ ସାର ।

ହେମନ୍ତ ଗଲା ପରେ କବାଟ ବନ୍ଦକଲା ପ୍ରତିଭା । ପ୍ରତି କୋଠରୀ ଭଲ ଭାବରେ ବୁଲି ଦେଖିଲା । ଅସ୍ତବ୍ୟସ୍ତ ଅବସ୍ଥାରେ ପଡ଼ିଛି କେତୋଟି ଚେୟାର ଓ ଇଂ ଡ୍ରମ୍‌ । ଯେଉଁଠି ଆସିଲା ଗଲା ଲୋକ ବସନ୍ତି । ପାଖକୁ ଲାଗି ଦୁଇଟି ବେଡ଼ ରୁମ । ଗୋଟିଏ ବେଡ଼୍ ରୁମଖାଲି । ଅନ୍ୟଟିରେ ସୋଫା ସେଟ୍‌ଟିଏ । ସୋଫା ସେଟକୁ ଲାଗି ଟେବୁଲ ଉପରେ ରେଡ଼ିଓ । ତା' ସହିତ କେତେକ ପୋଷାକ ଓ ଦର୍ପଣ ପ୍ରଭୃତି କେତେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ

Digitized by srujanika@gmail.com

ବ୍ୟକ୍ତିର ଆଉ କଷ୍ଟ ନଥିଲା । ସେଗୁଡ଼ିକର ପୁଣି ଅସ୍ୱଚ୍ଛ ଅବସ୍ଥା । ବହୁତ ଦିନ ହେଲା ଯତ୍ନ ଅଭାବରୁ ତାହା ସେପରି ହୋଇଛି ବୋଲି ବୁଝିବାକୁ ବାକି ରହିଲା ନାହିଁ । ବୋଧହୁଏ ଏହି କୋଠରୀରେ ସେ ଶୁଅନ୍ତି । ସେ ମଧ୍ୟ ଶୋଇବ ମନେ ମନେ ଲାଜ କଲା । ସେ ପାଖରେ ବାଥରୁମ । ବାଥ ରୁମକୁ ସଂଯୋଗ କରୁଥିବା କୋଠରୀଟି କେତେକ୍ ରୁମ ତାକୁ କିପରି ଅଲଗା ଅଲଗା ଲାଗିଲା । ମନେ ମନେ ଭୟକଲା । ମନକୁ ମନ ପ୍ରଶ୍ନ କଲା ? ଏହି ତିନି କୋଠରୀ ମଧ୍ୟରେ ହେମନ୍ତ ସହିତ ଦିନ କଟାଇ ପାରିବ ତ ?

ତେଣୁ ନିଜର ଅଯତ୍ନ ହୋଇଥିବା କୋଠରୀଗୁଡ଼ିକ ପରିଷ୍କାର କରିଦେଲା । ତାପରେ ବାଥରୁମକୁ ଗଲା ଗାଧୋଇ ଗତ ରାତିରେ ବ୍ୟବହାର କରିଥିବା ଶାଢ଼ୀ, ସାୟା, ବ୍ଲାଉଜ, ବ୍ରେସିୟର ପ୍ରଭୃତିକୁ ଧୋଇବାକୁ । ବାଧ୍ୟ ହୋଇଥିଲା ପ୍ରାଣ ପ୍ରିୟାର ନିର୍ଦ୍ଦେଶ ମତେ ଧୋତିଟି ଆଣି ଗାଧୋଇଲା ପରେ ପିନ୍ଧିବାକୁ । ଦର୍ପଣ ପାଖରେ ଠିଆ ହୋଇ ନିଜକୁ ନିଜେ ଲାଜକଲା ।

ସେହି ସମୟରେ ମଟର ସାଇକେଲର ଶବ୍ଦ ଶୁଣାଗଲା । ତା ପରେ କଲିଂ ବେଲର କିଂ କିଂ ଦୁଇଥର ଶବ୍ଦ । ହେମନ୍ତ ଭିତରକୁ ପଶି ଆସୁ ଆସୁ ପଚାରିଲା କଣ ସବୁ ନିତ୍ୟକର୍ମ ଶେଷ ତ ?

ପ୍ରତିଭା ଧୀର ସ୍ୱରରେ ହୁଁ ଟି ମାରିଲା । ତାର ଦୁଇ ହାତକୁ ବୁକୁରେ ଛନ୍ଦି ଦେଇ କହିଲା ଯାଆନ୍ତୁ ଶିଘ୍ର କାମ ସାରିବେ । ବୋଧହୁଏ ଧୋତିଟି ତାକୁ ଅଡୁଆ ଅଡୁଆ ଲାଗୁଥିଲା । ହେମନ୍ତ ପାଖରେ ଠିଆ ହୋଇ ବହୁତ ଲାଜ କରୁଥିଲା । ହେମନ୍ତ ତୁରନ୍ତ ହାତକୁ ଶାଢ଼ୀଟି ବଢ଼ାଇ ଦେଉ ଦେଉ ଟିପତ ହସ ଖେଳାଇ କହିଲା ଦେଖିଲ ଶାଢ଼ୀଟି ପସନ୍ଦ ହେଉଛି କି ନାହିଁ ?

Digitized by srujanika@gmail.com

ଆପଣଙ୍କର ଯଦି ପସନ୍ଦ ହୋଇଛି ମୋର କାହିଁକି ନ ହେବ । ସବୁବେଳେ ମୋର ପସନ୍ଦ ମୁତାବକ ଜିନଷ ଆଣି ଦେଇ ପାରିବେ ତ ?

କବାଟ ବନ୍ଦକରୁ କରୁ ହେମନ୍ତ ପଚାରିଲ ମାନେ ? ତେବେ ମୋର ପସନ୍ଦ କଥା କାହିଁକି ଉଠୁଚନ୍ତି । ଆପଣଙ୍କର ଯେତେ ବେଳେ ପସନ୍ଦ ହୋଇଛି ମୋର ବା କାହିଁକି ନ ହେବ ? ପ୍ରତିଭା କାନ୍ଧରେ ହାତରଖି କହିଲା ଶୁଭ ବେଡ୍ ରୁମକୁ । ପ୍ରତିଭା ହେମନ୍ତର ସାର୍ଟର ବୋତାମ ଖୋଲୁଥିବା ସମୟରେ ହେମନ୍ତ । ଲକ୍ଷ୍ୟକଲ ପ୍ରତିଭା ଯୋଉଟି ପିନ୍ଧିଛି ସତ । କନ୍ତୁ ସୁବିଧାର ଉଲଗ୍ନ ପରି ଦେଖା ଯାଉଛି । ଗୁଡି ଦେଶରେ ସ୍ଥାନ ପାଇଛି ଦୁଇଟି ଗ୍ଲୋବ ଗ୍ଲୋବ ମାଂସଳ ସ୍ତନ । ତାହା ଯେପରି ଯୋଉ ମଧ୍ୟରେ ଆତ୍ମ ଗୋପନ କରିନାହିଁ କେବଳ ପରଦା ଅନ୍ତରାଳରୁ ଥାଇ ଉଙ୍କି ମାରୁଛି । ଦୁଇ ହାତରେ ପ୍ରତିଭାର ଗାଲଟି ଟିକେ ଚିପି ଦେଇ କହିଲ ।

ବହୁତ ସୁନ୍ଦର ଦେଖାଉଛ ନୁହେଁ ?

ଥାଉ ଥାଉ ସେ ବାହାଦୁରି ଶୀଘ୍ର ଗାଧୋଇବେ ଯାଆନ୍ତୁ କହୁଛି ମୋତେ ନିଦ ଲାଗିଲଣି ।

ହଁ ଯାଉଛି । ମଟର ସାଇକେଲ ପଛପଟ କେରିଅରରେ ଟିଫିନ୍ କେରିଅରଟି ଅଛି ଅଣି ଖାଇନଅ କହି ଟାୱେଲଟି ଧରି ବାଥ୍‌ରୁମରେ ।

ଟିଫିନ୍ କେରିଅରଟି ଅଣୁ ଅଣୁ ପ୍ରତିଭା ଦେଖିଲ ସୁନ୍ଦର ରାଜଦୁତ ମଟର ସାଇକେଲଟିଏ । ବୋଧହୁଏ ଅଳ୍ପଦିନ ହେଲ କଣା ହୋଇଛି । କଳା ରଙ୍ଗରେ ଚକ୍ ଚକ୍ କରୁଛି । ସ୍ପିନ୍‌ର ପଛପଟକୁ ରନ୍‌ର ବୋଲି ଲେଖା ଯାଇଛି ।

Digitized by srujanika@gmail.com

ବାଥ ରୁମରୁ ହେମନ୍ତ ଆସି ମୁଣ୍ଡ କୁଣ୍ଡାଉ କୁଣ୍ଡାଉ କହିଲା କହିଲା ପରି ଶିଘ୍ର ଖାଇ ନେବାକୁ । ମୋତେ ଅପେକ୍ଷା କରିବନା । ଏଗାରଟା ବାଜିଲାଣି ଦେଖୁନ । ଟିକେ ବିଶ୍ରାମ ନ ନେଲେ ଆଖି ଗୁଡ଼ିକ ଜଳିଲାଣି ।

ସେତେବେଳକୁ ପ୍ରତିଭା ଟେବୁଲ ଉପରେ ଖାଇବା ସାମଗ୍ରୀଗୁଡ଼ିକ ଠିକ୍ କରି ରଖିଥାଏ । ଦୁଇଜଣଯାକ ଖାଇ ବସିଲେ ପ୍ରତିଭା ଟିକେ ଲାଜ କରୁଥାଏ । ସମ୍ବଲପୁରୀ ନୂଆ ଶାଢ଼ୀଟି ପିନ୍ଧିଥାଏ । ଦେହରେ ନଥାଏ ବ୍ଲାଉଜ କିମ୍ବା ବ୍ରେସିୟର । ସେଗୁଡ଼ିକ ଗତ ରାତିର ବ୍ୟବହାର ପରେ ସଫା କରା ଯାଇଛି । ଯାହାକୁ ପିନ୍ଧିବାର ସୁଯୋଗ ପାଇ ନଥାଏ । ତେଣୁ ଖାଇବା ବେଳେ ହେମନ୍ତ ମୁହଁକୁ ଚାହିଁ ସଂଯତ ହୋଇ ଯାଉଥାଏ । ଦୁଇଜଣଯାକ ଗୋଟିଏ ସ୍ଥାନରେ ଖାଉଥିଲେ ମଧ୍ୟ ସଙ୍କୋଚରେ ପ୍ରତିଭା ଭଲ ଭାବରେ ଖାଇ ପାରୁନଥିଲା । ଏହିପରି ଭାବରେ ଦୁଇଜଣଙ୍କର ଖାଇବା କାର୍ଯ୍ୟ ନୀରବରେ ସମାପ୍ତ ହୋଇଥିଲା ।

ହେମନ୍ତ ସିଗାରେଟରେ ଅଗ୍ନି ସଂଯୋଗ କଲା ପରେ ଫ୍ୟାନର ରେଗୁଲେଟରଟିରେ ସ୍ପିଡ୍ କମାଇ ସୋଫାସେଟରେ ଶୋଇ ପଡ଼ୁ ପଡ଼ୁ କହିଲା ଏଟେଚରେ ଚଦରଟି ଅଛି ଆଣ । ପ୍ରତିଭା ଚଦରଟି ଆଣି ହେମନ୍ତକୁ ଘୋଡ଼ାଇ ଦେଲା । ତା ପରେ ଠିଆ ହୋଇ ପ୍ରତିଭାର ହାତକୁ ଟାଣିଆଣି ହେମନ୍ତ ଧୀର ସ୍ୱରରେ ପଚାରିଲା ତୁମେ ଶୋଇବ ନାହିଁକି ? ଏହା କହି ପ୍ରତିଭାକୁ ଚଦରଟି ଘୋଡ଼ାଇ ଦେଲା ।

ଛାଡ଼ କହିଲା ଆପଣ ଏପରି ଅଭଦ୍ର ଜାଣି ଥିଲେ ·· ।

ଜାଣିଥିଲେ··· ?

Digitized by srujanika@gmail.com

ଯାଚ୍ଛି ନକର ଧୀରେ ଶୋକପଡ଼ ସୂନା ଛୁଆଟି ପର ନହେଲେ ଦେଖିବ ।

ଦୁଇଜଣ ନବ ଯୌବନ ତରୁଣ ତରୁଣୀ ଆଶ୍ରୟ ନେଇ ଥିଲେ ନନ୍ଦା ଦେବୀଙ୍କ କୋଳରେ । ଘର୍ଘ ସମୟର ଅନିଦ୍ରାକୁ ଗୋଟିଏ ଚଦର ତଳେ ଆତ୍ମଗୋପନ କରିଥିଲେ କ୍ଳାନ୍ତର ଅବସାଦ ପାଇଁ । ଦୁହିଁଙ୍କ ଦେହର ହୃଦୟରେ ନଥିଲା ପ୍ରଣୟର ଦାଗ । ଆଶ୍ଚର୍ଯ୍ୟ ।

+ + + +

ସନ୍ଧ୍ୟା ଆଗତ ହୋଇଗଲାଣି । ବହୁତ ଦୂରରୁ ନିକଟବର୍ତ୍ତୀ ମନ୍ଦିରରୁ ଭାସି ଆସୁଛି ଶଙ୍ଖ ଘଣ୍ଟାର ଧ୍ୱନି । ମଝିରେ ମଝିରେ ମଟର ଗାଡ଼ିର ପେଁ ପେଁ ଶବ୍ଦ । ହେମନ୍ତର ନୀଡ଼ ଭାଙ୍ଗି ଯାଇଛି । ମୂଣ୍ଡ ପାଖ ସୁଇଚରେ ହାତମାରି ଲାଇଟ୍ଟି ଜଳାଇଲା । ଘଣ୍ଟାକୁ ଦେଖିଲା ସାତଟା ବାଜି ତିନି ମିନିଟ୍ । ନିକଟରେ ଲାଗି ଶୋଇଛି ପ୍ରତିଭା ଗତ ରାତିର ନିଦ୍ରା ଏ ପର୍ଯ୍ୟନ୍ତ ହୁଏତ ମେଣ୍ଟି ନାହିଁ । ଅଙ୍ଗଲତାରେ ନଥିଲା ଶାଢ଼ୀ ପ୍ରଚୁର ଉଲଗ୍ନରେ ନିକ୍ଷିତ ଅଛି ।

ପ୍ରତିଭାକୁ ସାମାନ୍ୟ ହଲାଇ ଦେଇ ଡାକିଲା । ଅସଂଯତ ଅବାସ୍ଥାରେ ପ୍ରତିଭା ଉଠିପଡ଼ି ପଚାରିଲା କେତେଟା ବାଜିଲାଣି । ସାତଟା ପଦର କଥା ହେମନ୍ତ ପ୍ରତିଭାକୁ ନିଜ କୋଳରେ ଶୋଇ ଦେଇ କହିଲା ବୁଝିଲ ପ୍ରତିଭା । ଠିକ ସମୟରେ ଖାଦ୍ୟରୁ ଯେ ସ୍ୱାଦୁ ମିଳିଥାଏ ଡେରିକ ପରେ ସେ ସ୍ୱାଦୁ ଖାଦ୍ୟରୁ ମିଳିନଥାଏ ।

ପ୍ରତିଭା ଆଖି ମଳି ମଳି ଉତ୍ତର ଦେଲା କିନ୍ତୁ ଖାଦ୍ୟ ଆପଣଙ୍କ ପାଇଁ ଯଦି ତିଆରି ହୋଇ ନଥାଏ କିମ୍ବା ଆପଣ ଖାଇବା ପାଇଁ ଉପଯୁକ୍ତ ଯଦି ନୁହଁନ୍ତି ? ତା' ପରେ ଅସଂଖ୍ୟ ଚୁମ୍ବନରେ ଛୁଇଁ ଦେଇଥିଲା ପ୍ରତିଭାର ମାଂସଳ ଗାଲରେ କିନ୍ତୁ ପ୍ରତିବାଦ କରି

Digitized by srujanika@gmail.com

ପାରି ନଥିଲା ପ୍ରତିଭା । ହେମଂତର ବାହୁବନ୍ଧନ ତାର ଅଳସ ନିଦ୍ରାକୁ ପୁରାପୁରି ଜାଗ୍ରତ କରି ଦେଇଥିଲା । କିନ୍ତୁ ସମସ୍ତ ପରେ ହେମଂତ ଜାଣିଲା ଶୀଘ୍ର ବାହାରି ବୁଲିପିବା ପେଇଆଣ୍ଡୁ ଖାଇକରି ହୋଟେଲରୁ ମଧ୍ୟ ଆସିବା ।

× × × ×

ମଟର ସାଇକେଲଟି ପେଚ ସ୍ପିଡରେ ଛୁଟିଥିଲା ଆଗକୁ । ବାଟରେ କେତେ ବସ, କାର, ସ୍କୁଟର ପ୍ରଭୃତିକୁ ପଛରେ ପକାଇ ଧାଇଁଥାଏ ରାଜଦୂତ ଗାଡ଼ି ଖଣ୍ଡିକ । ଗାଡ଼ି ଉପରେ ହେମନ୍ତ ଓ ପ୍ରତିଭା କାହାରି ପ୍ରତି ସେମାନଙ୍କର ଯେପରି ଭ୍ରୂକ୍ଷେପ ନଥାଏ । ହେମନ୍ତର ପଛ ପଟେ ପ୍ରତିଭା ବସି ଗୋଟିଏ ହାତ ହେମନ୍ତର କାନ୍ଧରେ ରଖିଥାଏ । ଗାଡ଼ିର ଦ୍ରୁତ ଗତିରେ ସମ୍ବଲପୁରୀ ଶାଢ଼ୀର ଅର୍ଦ୍ଧାଂଶ ପବନରେ ଉଡ଼ି ବୁଲୁଥାଏ । ଅଙ୍ଗଲତାରେ କେବଳ ଲାଲ ବ୍ଲାଉଜ ମଧ୍ୟରେ ଧଳା ବ୍ରେସିୟର ଖଣ୍ଡିକ । ତା ବ୍ୟତୀତ ଆଉ କିଛି ପ୍ରାପ୍ତ ନଥିଲା । ଅନ୍ୟ ହାତରେ ପ୍ରତିଭା ପବନରେ ଉଡି ବୁଲୁଥିବା ଶାଢ଼ୀଟିକୁ ଧରି ଆଗକୁ ଅଣାଇ ରଖିଥାଏ । ତାର ଉନ୍ନତ ଯୌବନ ହେମନ୍ତର ପିଠିରେ ଅନବରତ ଧକ୍କା ଦେବାରେ ଲାଗିଥାଏ । ଉଦନେ ନୁହେଁ ସବୁଦିନ ହେମନ୍ତ ଯେତେବେଳେ ଏକୁଟିଆ ମଟର ସାଇକେଲରେ ଯାଉଥିଲା ଏଣ୍ଡ୍ରା ଇସ୍ପାତ ନଗରୀ ରାସ୍ତାରେ । ଦେଖେ କେତେ ତରୁଣ, ତରୁଣୀ, ତା ଆଗରେ ମଟର ସାଇକେଲରେ ବସି ଚାଲି ଯାଉଛନ୍ତି । ଯେଉଁ ତରୁଣୀଙ୍କର ଦେହରେ ଲୁଗାର ଆବରଣ ନଥାଏ । ଉନ୍ମୁକ୍ତ ଯୌବନ ହସ୍ତକୁ ଘୋଡ଼ାଇ ରଖିଥାଏ କେବଳ ବ୍ଲାଉଜ ଓ ବ୍ରେସିୟର । ମାରିବରେ ସେମାନଙ୍କର ଅନୁସରଣ କରି ଚାଲି ଯାଉଥିଲା ତାର ବୁଦ୍ଧି

Digitized by srujanika@gmail.com

କୋଠରୀକୁ । ମନେ ମନେ ଭାବୁଥାଏ ଏ ଦିନଟି ତା ପକ୍ଷରେ କେବେ ଆସିବ । ଏସବୁ ଦେଖି ଦେଖି ତାର ନିତିଦିନିଆ ଅଭ୍ୟାସ ଗତ ହୋଇ ଯାଇଥିଲା । ମାତ୍ର ସେ ଦିନଟି ଯେ ଆଜ ହେମନ୍ତ ଭାଗ୍ୟରେ କିଛି ବିଶେଷତା ପାଇଲା ନାହିଁ । ହଠାତ୍ ମଠର ସାଇକେଲରେ ବ୍ରେକ୍ ଦେଲା ।

ଏତେ ବାହାଦୁରୀ କାହିଁକି ସେ ଧୀରେ ଧୀରେ ଚଳାଇଲେ ହୁଅନ୍ତାନି ?

ଆଗରେ ପଥରଟାଏ ପଡ଼ିଲା ସେ, ହେମନ୍ତ ଉତ୍ତର ଦେଲା ।

ଏହି ସେହି ଇସ୍ପାତ ନଗରୀ ରାଉରକେଲା । ଯେଉଁ ସ୍ଥାନ, ଦିନେ ପାହାଡ଼ ପର୍ବତରେ ପୂର୍ଣ୍ଣଥିଲା ନ ଥିଲା ତାର ନାମ । ନଥିଲା ତାର ଆକାର । ମାତ୍ର ଆଜି । ଆଜି ତାର କି କମନୀୟ ରୂପ । ପ୍ରକୃତିର ସୃଷ୍ଟି କି ବିଚିତ୍ର । ବିଧାତାର ବିଧାନ କି ଅପୂର୍ବ । ଯେଉଁଠି ନାହିଁ ରାତି ଦିନ ସବୁ ସମାନ । ଯେଉଁ ସ୍ଥାନକୁ ବହନ କରିଛି ଏହି ଇସ୍ପାତ ନଗରୀ । ଲକ୍ଷ ଲକ୍ଷ ଲୋକଙ୍କର ଯେଉଁଠି ବିପୁଳ ସମାଗମ ହୋଇପାରିଛି । ଅଦୂରରୁ ଶୁଭେ ଆସୁଛି ଲୁହା କାରଖାନାର ପ୍ରଳୟଙ୍କରୀ ଗର୍ଜନ । ଯେଉଁଠାରେ ଯାନବାହନର ଅନବରତ ସମାଗମ । କାହାରି ମନରେ ହିଂସା ନାହିଁ । କପଟତା ନାହିଁ, ସୌନ୍ଦର୍ଯ୍ୟ ମଧୁ ଜୀବନକୁ ଉଜ୍ଜ୍ୱଳ କରିବା ଲାଗି ଆଗେଇ ଚାଲିଛନ୍ତି । ଏହି ରାଜ୍ୟର ଅଧିବାସୀ ଏହାରେ ନାମ ରାଉରକେଲା । ସେହି ଜଳବାୟୁରେ ମଧ୍ୟ ଗଢ଼ି ହୋଇ ଯାଇଛନ୍ତି ଦୁଇଜଣ ପ୍ରେମିକ ଆଗରେ ସବୁଜସ୍ୱପ୍ନ । ସବୁଜ ସ୍ୱପ୍ନ ଆଗରେ ଅନ୍ଧାର ଭବିଷ୍ୟତ ।

ରାସ୍ତା ଅତ୍ୟନ୍ତ ଭଲ ତା' ଉପରେ ଯାନବାହନ ଯିବା ଆସିବା କରୁଥାଏ । ବିଜୁଳି ଆଲୋକରେ ଅଲଙ୍କୃତ ସୁରମ୍ୟ

Digitized by srujanika@gmail.com

ଦୋକାନମାନ । କେତେ ପ୍ରକାର ଶବ୍ଦ ତଳେ ଲୁଚି ଯାଉଥିଲା ହେମନ୍ତ ମଟର ସାଇକେଲ ହରନ । ବିରାଟ ଜନସମାଗମ ସହିତ କୋଳାହଳରେ କମ୍ପି ଉଠୁଥାଏ ଚତୁର୍ଦ୍ଦିଗ । ଆକାଶରେ ଧୂଳି ଧୂଆଁରେ ଘୁରିଯାଇ ତାହା ଖଣ୍ଡ ଖଣ୍ଡ ମେଘମାଳ ପରି ହସି ବୁଲୁଥାଏ । ଦେଖା ଯାଉନଥାଏ ଚନ୍ଦ୍ର, ଦେଖାଯାଉ ନଥାଏ ତାରାଙ୍କର ମିଟି ମିଟିକା ଆଖି ମରା ।

ପ୍ରକୃତ୍ତି ସାମାନ୍ୟ ବଦଳତ ହୋଇ ପଥପଟ ନିର୍ଦ୍ଦେଶ ଦେଉଥାଏ । ସାବଧାନରେ ଚଳାନ୍ତୁ । କେତେ ଉଚ୍ଚ ମଟର ସାଇକେଲଟି ଯାଇ ବନ୍ଦ ହେଲା ଏକ ସୁରମ୍ୟ ଦୁଇ ମହଲା ହୋଟେଲ ପାଖରେ । ହୋଟେଲ ଭିତରକୁ ପଶି ଯାଉ ଯାଉ ପ୍ରତିଭା ଦେଖିଲା ଲେଖା ଅଛି 'ହୋଟେଲ ନଭର୍ଟର୍କ' ମେନ୍ ରୋଡ୍ ରାଉରକେଲା ।

ଖିଆ ପିଆ ଶେଷ ପରେ ଦୁହେଁ ଆସିବାକୁ ବାହାରିଲେ । ମଟର ସାଇକେଲଟି ଷ୍ଟାର୍ଟ କରିବାକୁ ଉଦ୍ୟତ ହେଲା ବେଳେ ଅଦୂରରୁ ବହୁ ନମସ୍କାର ଶବ୍ଦଟି ଶୁଣିବାକୁ ପାଇଲା ହେମନ୍ତ ।

ଶବ୍ଦ ଅତି ପରିଚିତ ମନେ କରି ଅନାଇ ଦେଖିଲା ରାଉତ ରାଏ ବାବୁ । ସଙ୍ଗେ ସଙ୍ଗେ ପ୍ରତି ନମସ୍କାର ଜଣାଇଲା । ପ୍ରତିଭାକୁ ଚିହ୍ନାଇ ଦେଲା ହେମନ୍ତ ଏ ମୋର ପଢ଼ା ବେଳର ସାଙ୍ଗ । ପ୍ରତିଭା ନମସ୍କାର କଲା ।

ରାଉତ ରାୟ ବାବୁ ହସି ହସି କହିଲେ ନୂଆ ଭାଉଜଙ୍କୁ କେବେଠାରୁ ଆଣିଲ ?

ହେମନ୍ତ କହିଲା ତୁମ ଭାଉଜ ଲମ୍ବାକଳା ରହିଥିବା ଲୋକଙ୍କୁ ଦେଖିଲେ ଡରୁଛନ୍ତି । ତେଣୁ ତମ ପାଖକୁ ଖବର ଦିଅନ୍ତି କାହିଁକି ?

Digitized by srujanika@gmail.com

ଗଉଡ଼ଚନ୍ଦ୍ର ବାବୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ ତମେ ତା' ହେଲେ ଭଉଜର ମନକଥା ଆଗରୁ ଜାଣି ପାରିଥିଲ ନୁହେଁ ?

ପ୍ରତିଭା ନିକଟରେ ଠିଆ ହୋଇ ହସୁଥାଏ ।

ଗଉଡ଼ଚନ୍ଦ୍ର ବାବୁ ନମ୍ବର ଟେନ ପକେଟଟି ହେମନ୍ତ ହାତକୁ ବଢ଼ାଇ ଦେଉ ଦେଉ କହିଲେ ମୁଁ ବର୍ତ୍ତମାନ ଟିଟିଲାଗଡ଼ ପେପର ମିଲରେ ଅଛି । ବିଶେଷ କାମ ଥିବାରୁ ଆଜ ସକାଳ ଆଠଟାରେ ଓହ୍ଲାଇଥିଲି । ପୁଣି ଉତ୍କଳ ଏକସପ୍ରେସରେ ଫେରି ଯିବି । ବାଇଚାନ୍ସ ଆପଣଙ୍କ ସହିତ ଦେଖା ହୋଇଗଲା ।

ହଠାତ୍ ଉତ୍କଳ ଏକସପ୍ରେସ ନା ଶୁଣି ଚମକି ପଡ଼ିଲା । ତଣ୍ଟି ତାର ଶୁଖିଗଲା । ହାତ ଘଣ୍ଟାକୁ ଚାହିଁ ଦେଖିଲା ରାତି ସାଢ଼େ ଦଶଟା । ନମ୍ର ସ୍ୱରରେ ପଚାରିଲା ବର୍ତ୍ତମାନ କେଉଁଠି ଉତ୍କଳ ଏକସପ୍ରେସ ଅଛି ଯେ ।

ଆଜି ପରା ଗାଡ଼ି ଛଅଘଣ୍ଟା ଲେଟ୍ ଅଛି । ଏଠାରେ ଆସି ଏଗାରଟାରେ ପହଞ୍ଚିବ ।

ଗଉଡ଼ଚନ୍ଦ୍ର ବାବୁ କହିଲେ—ଭାଉଜ ତ ତାଙ୍କୁ ଛାଡ଼ାନ୍ତି ଆପଣ କହୁଛନ୍ତି ଯିବାକୁ । ମୁଁ ଜାଣେ ପରା ଗଲେ ଖାଇବାକୁ ଦେବାକୁ ପଡ଼ିବ ବୋଲି ତାଙ୍କୁ ନାହାନ୍ତି ।

ଗଉଡ଼ଚନ୍ଦ୍ର ବାବୁଙ୍କ କଥା ଶୁଣି ହସି ହସି ପ୍ରତିଭା କହିଲା — ସ୍କୁଲରୁ ମୁଁ କଣ ମନା କଲି ଖାଇବାକୁ ଦେବାକୁ ।

ସିଗାରେଟ ଧୂଆଁ ଛୁଡ଼ୁଛୁଡ଼ୁ ବନ୍ଧୁ ଗଉଡ଼ଚନ୍ଦ୍ର ବାବୁ କହିଲେ ନା ଭାଉଜ ଟ୍ରେନ ଟାଇମ ହୋଇଗଲାଣି ଯାଉଛି । ଆଉ କେବେ ଆସିଲେ ଯିବି ।

Digitized by srujanika@gmail.com

ହେମନ୍ତ ଗାଡ଼ିରେ ଷ୍ଟାର୍ଟ ଦେଉ ଦେଉ ସବଲ ଯାହାହେଉ ପ୍ରତିଭା ସିନ୍ଦୁର ପିନ୍ଧିଥିବାରୁ ଜଣାପଡ଼ିଲା ନାହିଁ । ଆଜିକାଲି ଯୁଗରେ ବିବାହିତା କି ଅବିବାହିତା ଚିହ୍ନିବା ବହୁତ ମୁସ୍କିଲ୍ ।

× · × × ×

ଏହା ମଧ୍ୟରେ ପ୍ରତିଭାର ରହିବା ଦୁଇଦିନ ହୋଇଗଲାଣି । ଆସନ୍ତା କାଲି ଯିବ ବୋଲି ହେମନ୍ତକୁ କହି ସାରିଛି । ତେଣେ କଲେଜରେ ପରସେଣ୍ଟେଜ୍ ସର୍ଟ ହେବ ବୋଲି ବ୍ୟସ୍ତ ହୋଇ ପଡ଼ୁଛି । ବହୁତ ଦିନ ରହିଗଲାଣି । ଘରୁ ଦୁଇଦିନ ହେଲା ଆସିଲେ ମଧ୍ୟ ଚିଠିଟିଏ ଦେଇ ନାହିଁ । ଏହିଟଉ କେତେ କଣ ଭାବୁଛି ସେ ।

ସେଦିନ ରାତିରେ ହେମନ୍ତ ଶାର୍ଟ ବୋତାମ ଖୋଲୁ ଖୋଲୁ ପ୍ରତିଭା କହିଲା — ଆଜି ଶେଷ ରାତି । କାଲି ଆପଣଙ୍କର ବୋତାମ କିଏ ଖୋଲି ଦେବ ? ମୋ କଥା ମନେ ପକାଇବତ ?

ପ୍ରତିଭାକୁ ନିଜ ଛାତିରେ ଜାକିଧରି ହେମନ୍ତ ଉତ୍ତର ଦେଲା "ମୁଁ ସେଇ କଥା ଭାବୁଛି । ତୁମ ପରେ ଏ କୋଠରୀ ମତେ ଅନ୍ଧକାର ଦେଖା ଯିବ । କିଏ ଆଲୁଅ ଦେଖାଇବ । କିପରି ଦିନ କାଟିବି । ତୁମର ଅନୁପସ୍ଥିତି ମୋତେ ଆଣିଦେବ ଚରମ ପ୍ରହେଳିକା ।"

ଉଭୟଙ୍କ ମନରେ ଭରି ଯାଇଥିଲା ଦୁଃଖର ଝଡ଼ । ଭବିଷ୍ୟତ ବିବାହ ଶବ୍ଦଟିକୁ କେନ୍ଦ୍ରକରି ଉଭୟେ ଭୁଲି ଯାଇଥିଲେ ସମସ୍ତ ଗ୍ଲାନିକୁ । ମାତ୍ର କେହି ସମାଧାନ କରି ପାରୁ ନଥିଲେ କି କେହି କାହାକୁ କହି ପାରୁ ନଥିଲେ । ସେ ବନ୍ଧନଟି କେତେ-ବେଳେ କେବେ ଓ କିପରି ?

Digitized by srujanika@gmail.com

କେବଳ ସନ୍ଦେହରେ କ୍ଷଣିକ ଅବସାଦ ଦୂରକମିତ ଆଶ୍ରୟ ନେଇଥିଲେ ସୋଫା ସେଟ ଉପରେ ।

ପରଦିନ ସକାଳ ସାତଟା । ଝରକାର କେଉଁ ଏକ ଛିଦ୍ର ଫାଙ୍କରୁ ଘର ଭିତରେ ପଡ଼ୁଛି ସୂର୍ଯ୍ୟଙ୍କର କିରଣ । ରାସ୍ତାଘାଟ ପ୍ରାୟ ଜନଗହଳରେ ପୂର୍ଣ୍ଣ ହୋଇଗଲାଣି । ଯାନ ବାହନର ଚହଳବହଳ ଶବ୍ଦ । ହଠାତ୍ ସୂର୍ଯ୍ୟକିରଣ ଦେଖି ପ୍ରତିଭାର ନିଦ ଭାଙ୍ଗିଗଲା । ଏପର୍ଯ୍ୟନ୍ତ ହେମନ୍ତ ଉଠିନାହାଁନ୍ତି । ବସ୍ତ୍ରାଞ୍ଚଳକୁ ସଜାଡ଼ି ନେଇ ନେଇ ଦେଖିଲା ଝରକା ଫାଙ୍କଦେଇ ଆସୁଥିବା ସୂର୍ଯ୍ୟଙ୍କର ସୁନେଲି କିରଣ ତୁଛ କୋଠରୀକୁ ସତେ ଯେପରି ଆଲୋକିତ କରି ଦେଉଛି । ଘଣ୍ଟାଟି ରେଡ଼ିଓ ଉପରୁ ଆଣି ଦେଖିଲା ସାତଟା ବାଜି ପାଞ୍ଚ ମିନିଟ୍ । ସଙ୍ଗେ ସଙ୍ଗେ ହେମନ୍ତଙ୍କୁ ହଲାଇ ଉଠାଇଲା ।

ଉଠନ୍ତୁ ମୁଁ ଯିବ ସବୁ ଦଶଟା ବେଳେ ମୋର କ୍ଲାସ ଅଛି । ଏହି ଯିବା ଶବ୍ଦଟି ପ୍ରତିଭା ଠାରୁ ଶୁଣି ହେମନ୍ତ ମନରେ ଭୀଷଣ ଦୁଃଖ ହେଲା । କେତେ ଘଣ୍ଟା ତଳେ ଶୁଣିଥିଲେ ମଧ୍ୟ ମନରେ ଏତେ କଷ୍ଟ ହୋଇ ନଥିଲା । କିନ୍ତୁ ପ୍ରତିଭା ଯିବାପାଇଁ ଏତେଶୀଘ୍ର ପ୍ରସ୍ତୁତ ହେବ ସେ ଭାବି ନଥିଲା । ସେ ପ୍ରତିଭାକୁ ନିଜ ଛାତିରେ ଚୋଇଦେଇ ଅସ୍ପଷ୍ଟ ସ୍ୱରରେ କହିଲା— ମୁଁ ମଧ୍ୟ ଇଚ୍ଛା କରୁନି ବେଶୀଦିନ ତମେ ମୋ ପାଖରେ ରହିବା ପାଇଁ ।

ଯାଆନ୍ତୁ ଶୀଘ୍ର କାମ ସାରିବେ କହି ପ୍ରତିଭା ଉଠିଗଲା ।

ହେମନ୍ତ ଗାଧୋଇ ଆସୁ ଆସୁ ପ୍ରତିଭା ସଜବାଜ ହୋଇ ସାରିଥାଏ । ପ୍ରତିଭା ହାତରେ ଶାର୍ଟଟି ଧରି ଶୀଘ୍ର ପିନ୍ଧନ୍ତୁ କହି ହେମନ୍ତଙ୍କୁ ପିନ୍ଧାଇ ଦେଲା । ଦୁହେଁ ମଟର ସାଇକେଲ ପାଖକୁ ଆସିଲେ ।

Digitized by srujanika@gmail.com

ବାସ୍ତବିକ ବିଶେଷ ଜୀବନରେ ବିଦାୟ ଓ ଦୁଃଖଦାୟକ ଯନ୍ତ୍ରଣା ସେଦିନଠାରୁ ହେମନ୍ତଙ୍କୁ ଅସହ୍ୟ ବୋଧ ହେଉଥିଲା । ପ୍ରତିଭା ହେମନ୍ତର ପାଦଧୂଳି ନେଇ ମୁଣ୍ଡରେ ଲଗାଇଲା ଏବଂ ହେମନ୍ତ ଗୁଣ୍ଡରେ ମୁଣ୍ଡ ରଖି ଅସ୍ପଷ୍ଟ ସ୍ୱରରେ କହିଲା—ଦୁଃଖ କରିବ ନାହିଁ ହେମନ୍ତବାବୁ ! ସେତେବେଳକୁ ଆଖିରୁ ତାର ଧାର ଧାର ଲୁହ ଛୁଟି ଚାଲିଥାଏ । ଆଜି ଆମ୍ଭର ବିଚ୍ଛେଦ ହେଲେ ମଧ୍ୟ କାଲି ମିଳନ ହେବ ଏଥିରେ ସନ୍ଦେହ ନାହିଁ । ଆପଣ ମୋ ବିଷୟ ନେଇ ମନ କଷ୍ଟ କରିବେ ନାହିଁ । ହେମନ୍ତର ଆଖିରେ ମଧ୍ୟ ଲୁହ ।

ହେମନ୍ତ ପ୍ରତିଭାକୁ ବାହୁ ବନ୍ଧନ ମଧ୍ୟରେ ଜାକିଧରି, ଆଙ୍କି ଦେଇଥିଲା ବିଦାୟ ବେଳର ଶେଷ ଚୁମ୍ବନ ଟିକକ । ଯେଉଁ ଚୁମ୍ବନର ମୂଲ୍ୟ କୋଟି କୋଟି ଟଙ୍କାରୁ ଅଧିକ ମୂଲ୍ୟବାନ ଥିଲା ଉଭୟଙ୍କ ପାଖରେ ।

ହେମନ୍ତ ଅତି ନମ୍ର ସ୍ୱରରେ କହୁଥାଏ ଏତିକି ମନେରଖ ପ୍ରତିଭା ! ତୁମେ ମୋର ସବୁଦିନ ପାଇଁ ତୁମକୁ ନେଇ ମୁଁ ଆଗେଇ ଯିବି ଆରାଧନାର ପ୍ରହେଳିକା ଉପରକୁ । ଯେଉଁଠି ମନୁଷ୍ୟ ସମାଜ ମଧ୍ୟରେ ନ ଥିବ ହିଂସା, ଦ୍ୱେଷ, ବାଧା, ବିଘ୍ନ ଝଡ଼ ବତାସ ଆଉ ଅବିଶ୍ୱାସ । ସେହି ରଙ୍ଗମଞ୍ଚରେ ଆମେ କେବଳ ଦୁଇଜଣ ।

ହେମନ୍ତର କୋମଳ ବାହୁବନ୍ଧନ ମଧ୍ୟରେ ରହି ପ୍ରତିଭା ଉତ୍ତର ଦେଇଥିଲା—ଆପଣ ମଧ୍ୟ ମୋତେ ଭୁଲ ବୁଝିବେ ନାହିଁ । ଯେଉଁ ଅଧିକାରରେ ଆପଣ ମୋତେ ଆପଣଙ୍କର ହୃଦୟ ସିଂହାସନରେ ବସାଇ ପାରିଛନ୍ତି—ସେ ଅଧିକାରରେ ମୁଁ ଆପଣଙ୍କର ସବୁଦିନ ପାଇଁ ।

Digitized by srujanika@gmail.com

ପାଖରେ କେହି ନଥିଲେ ସାନ୍ତ୍ୱନା ଦେବା ପାଇଁ । ବନ୍ଦ ହୋଇଥିବା କୋଠରି ମଧ୍ୟରେ ଘୂରୁଥିବା ଫେନର ଘଁ ଘଁ ଶବ୍ଦରେ ମିଳାଇ ଯାଉଥିଲା ଦୁଇ ତରୁଣ ତରୁଣୀଙ୍କର କରୁଣ ଆର୍ତ୍ତନାଦ । ଦୁହିଁଙ୍କ ଆଖିରେ ଛୁଟିଥିଲା ଅବିଶ୍ରାନ୍ତ ଲୁହ । ଯେଉଁ ଲୁହର ବୈତରଣୀ ଭିଜାଇ ଦେଉଥିଲା ଦୁଇଟି ବକ୍ଷର ଗବାକ୍ଷକୁ । ପାଖରେ ନଥିଲେ ସ୍ନେହ କରୁଣ ହୃଦୟର କୋହକୁ ସମ୍ଭାଳି । ଯାହାର ଅର୍ଥ ଥିଲା ବିଦାୟ ।

ଦୁଇଜଣ ଯାକ ନୀରବରେ ବିଦାୟ ବେଳର ଯନ୍ତ୍ରଣାକୁ ଅନୁଭବ କରୁଥିଲେ । ପ୍ରତିଭା ହେମନ୍ତରେ ଲୁହକୁ ନିଜ ପଣତ କାନିରେ ପୋଛି ଦେଉ ଦେଉ କହିଲା—ଛିଃ ଆପଣ ଏମିତି ଛୋଟ ପିଲାଙ୍କ ପରି କାନ୍ଦୁଛନ୍ତି ମୁଁ କଣ ଆଉ ଆସିବି ନାହିଁ । ଚାଲନ୍ତୁ ସମୟ ହୋଇଗଲାଣି··· ।

× × × ×

ପ୍ରତିଭା ହଷ୍ଟେଲରେ ପହଞ୍ଚିବା ମାତ୍ରେ ଯୋଗେଶ୍ୱରୀ ଆସି ହସି ହସି ପଚାରିଲା କଲେ। ଏତେଦିନ ହେଲା ଘରେ ଯାଇ କଣ କରୁଥିଲୁ ତୋ ମୁହଁ ଶୁଖି ଯାଇଛି । ଯୋଗେଶ୍ୱରୀ କଥା ଶୁଣି ପ୍ରତିଭା କହିଲା ମାଙ୍କ ଦେହ ଖରାପ ଥିଲା ତେଣୁ ଶୀଘ୍ର ଆସି ପାରିଲିନି ।

ବର୍ତ୍ତମାନ କେଉଁ ଗାଡ଼ିରେ ଆସିଲୁ ?

ଆଜି ଗୁରୁବାର ଉତ୍କଳ ଏକ୍ସପ୍ରେସରେ ଆସିଲି ।

ହଉ ଶୀଘ୍ର ବାହାର ତତେ କଲେଜ ସମୟ ହେଲାଣି କହି ଯୋଗେଶ୍ୱରୀ ପ୍ରତିଭା ହାତ ଧରି ଭିତରକୁ ନେଇଗଲା ।

+ + + +

Digitized by srujanika@gmail.com

ପ୍ରତିଭା ଗଲା ପରେ ହେମନ୍ତ କାମରେ ଜଏନ କରିଛି । ମାସେ ହେବ କେହି କାହା ଠାରୁ ଚିଠି ପାଇନାହାନ୍ତି । ଦେଖା ସାକ୍ଷାତ ମଧ୍ୟ ହୋଇ ନାହାନ୍ତି । ଭିତରରୁ ଘୋର ଅବସାଦ ପୂର୍ଣ୍ଣ କ୍ଲାନ୍ତ ଶରୀରଟିକୁ ନେଇ ସୋଫା ସେଟରେ ପକାଇଁ ଦିଏ । ପ୍ରତିଭାକୁ ମନେ ପକାଇ ବହୁତ ଦୁଃଖ ମଧ୍ୟ କରେ । ଖୋଜି ବଲେ ସେ ରୁଦ୍ଧ କୋଠରୀ ମଧ୍ୟରେ ସତେ ଯେମିତି ଜଣେ ଲାଶ ରହିଛି । ଖୋଜେ ହେଲେ ସେ ପାଇ ପାରେନି । ଏହିପରି ଭାବରେ ଗତାନୁଗତିକ ପରିବର୍ତ୍ତନ ଶୀଳ ଦୁନିଆଁରେ ଅତୀତ ହୁଏ ବର୍ତ୍ତମାନର ଦିନଗୁଡ଼ିକ ।

ପ୍ରତିଭାର ମନ ମଧ୍ୟ ଠିକ ନଥାଏ । ସେ ଠିକ ସମୟରେ କଲେଜକୁ ଯିବା ଆସିବା କରୁଥିଲେ ମଧ୍ୟ ମନରେ ପରିବର୍ତ୍ତନ ଦେଖା ଯାଉଥାଏ । ଯେଉଁ ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ଥିଲା ହେମନ୍ତ । ଆଜକୁ ଦେଢ଼ମାସ ହେବ ଆସିଲେ ମଧ୍ୟ ହେମନ୍ତ ସହିତ ଦେଖା କରିବାର ସୁଯୋଗ ପାଇ ପାରି ନଥିଲା । ଦୁଇଜଣଯାକ ଖୁବ୍ ନିକଟରେ ଥିଲେ ମଧ୍ୟ ତାର ସ୍ୱଗତ ପାଚେରୀ ସଦୃଶ ଥିଲେ ହଷ୍ଟେଲର ପରିଚାଳକ ତଥା ସାଙ୍ଗ ଝିଅମାନେ । ସେ ପ୍ରତିଦିନ ବହିଧରି ପଢ଼ି ବସେ କିନ୍ତୁ ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚାଲେ ହେଲେ ପ୍ରତ୍ୟେକ ପୃଷ୍ଠାରେ ସେ ଦେଖିବାକୁ ପାଏ ହେମନ୍ତର ଛବି । ଶେଷ ବିହ୍ୱଳ ହୋଇ ବୁକ୍‌ରେ ଜାକିଧରେ ନିର୍ଜିବ ପୁସ୍ତକଟି । ବାକ୍‌ସରୁ କାଢ଼େ ଫଟୋଟି । ଫଟୋଟି ଦେଖି ଖୁସିହୁଏ ମନେ ମନେ । ଭାବେ ହେମନ୍ତ ସହିତ ଥାଇ ସେ କି ସୁନ୍ଦର ଦେଖାଯାଉଛି । ମନେ ପଡ଼ିଯାଏ ଗତ ଜୀବନର କଥାଗୁଡ଼ିକ । ଯେତେବେଳେ ପଢ଼ୁଥିଲା...ଯେତେବେଳେ ଦେଖିଲା ନିର୍ବୋଧ କିଶୋରୀ ।

Digitized by srujanika@gmail.com

ଥରେ ତାର ନୂଆ ଭାଉଜ ଫଟୋଟି ଦେଖାଉ ଦେଖାଉ ପଚାରିଥିଲେ ଦେଖିଲ ପ୍ରତିଭା ! ଫଟୋଟି କେମିତି ଉଠିଛି । ସେ ହସି ହସି ଉତ୍ତର ଦେଇଥିଲି, ସତରେ ନୂଆଭାଉଜ ତୁମେ ଭାଇଙ୍କ ପାଖରେ ଥାଇ ବହୁତ ସୁନ୍ଦର ଦେଖା ଯାଉଛ । ଭାଉଜ ତାର ହସି ହସି କହିଥିଲେ, ତୁମର ବି ଏପରି ଦିନେ ହେବ । ଶୁଣୁଁ କାହିଁକି ହେଉଛ ? ସେତେବେଳେ ଏହିପରି ଫଟୋଟିଏ ଉଠାଇବ ନା ନୂଆ ଲୋକ ପାଇ ଆମକୁ ଭୁଲିଯିବ ? ସେ ଅଭିମାନ କରି ଉତ୍ତର ଦେଇଥିଲି ତୁମେ ଭାରି ଦୁଷ୍ଟ ନୂଆଭାଉଜ ! ସବୁବେଳେ ଖାଲି ସେହି କଥା । ମୁଁ ବାହାହେବନି କହି, ନୂଆଭାଉଜ ଠାରୁ ଦୂରେଇ ଯାଇଥିଲି ସେ ।

ଲଜରେ ଝାଉଁଳି ପଡ଼ି ଖୁସି ହେଲି ଓ ପୁଣି ଦୁଃଖ କଲି । ଲେଖି ବସିଲି ଚିଠି ହେମନ୍ତ ପାଖକୁ ।— ସେ ତା' ପାଇଁ ଦୁଃଖ କରିବେ ନାହିଁ ସେ ଭଲରେ ଅଛି ଇତ୍ୟାଦି । କଲେଜ ଗଲାବେଳେ ଚିଠିଟି ପୋଷ୍ଟ ବକ୍ସରେ ପକାଇ ଦେଲି । କଲେଜ ଫେରିବେଳେ ପ୍ରତିଭା ଲକ୍ଷ୍ୟ କରେ କାଳେ ହେମନ୍ତ ତା'. ମଠର ସାଇକେଲରେ ଯାଉଥିବ କିନ୍ତୁ କେଉଁଠି ପାଇ ପାରେନି ସେ ଜଣକ ପ୍ରିୟକୁ । କଲେଜରୁ ଫେରେ ପୁଣି ସେହି କ୍ଷୁଧିତ ବୃହ୍ମାଣି ମନକଥା ମନରେ ରହିଯାଏ ।

\+ \+ \+ \+

ସେଦିନ ହେମନ୍ତ ଶୋଇଛି । କଲିଂ ବେଲର ଶବ୍ଦରେ ନିଦ ଭାଙ୍ଗିଗଲା । କବାଟ ଖୋଲିଲା ପୋଷ୍ଟ ମ୍ୟାନ, ଚିଠିଟିଏ ଦେଖାଇଲା ପ୍ରତିଭା । ମନେ ମନେ ବହୁତ ଖୁସିହେଲା ପ୍ରତିଭା ସେ ମନେ ରଖିଛି ଭୁଲି ଯାଇନି । ଟବରେ ଉତଫୁଲ୍ଲ ହୋଇ ଉଠିଲା ।

× × × +

Digitized by srujanika@gmail.com

ଅନ୍ୟ ଏକ ଦିନର କଥା । ସେଦିନ ଛୁଟିଥାଏ । ହେମନ୍ତ ମଟର ସାଇକେଲଟି ବ୍ୟବହାର କରୁଛି ସଂତୋଷ ବାବୁଙ୍କ କ୍ୱାର୍ଟର ଆଡ଼େ ବୁଲିଯିବ ବୋଲି । ଠିକ ସେତିକି ବେଳେ ପଛପଟୁ ପ୍ରତିଭା ଆସି ପଛପଟ ସିଟ୍‌ରେ ବସିପଡ଼ି କହିଲା ଚାଲନ୍ତୁ ।

ତୁମେ ! ବର୍ତ୍ତମାନ !!' କିପରି ?

ଆମର ବର୍ତ୍ତମାନ ପ୍ରାକ୍‌ଟିକାଲ୍ କ୍ଲାସ ଥିଲା । ଭଲ ଲାଗୁନି କହି ଚାଲିଆସିଲି ପୁଣି ସାଢ଼େ ଚାରିଟା ପୂର୍ବରୁ ହଷ୍ଟେଲରେ ମୋତେ ପହଞ୍ଚିବାକୁ ପଡ଼ିବ ।

ସେଦିନ ପ୍ରତିଭା ଧଳା ସେଲୁଆର ହଳଦିଆ ପଞ୍ଜାବୀ ଫ୍ରକଟିଏ ପିନ୍ଧିଥିଲା । ତା ଉପରେ ଟେରିଲିନର ଓଢ଼ଣିଟିଏ ଗ୍ରୀବା ଉପରେ ପଡ଼ି ଅବଶିଷ୍ଟ କାନ୍ଧ ଦେଇ ପଛ ପଟରେ ପଡ଼ିଥାଏ । ମୁଣ୍ଡର ବାଳକୁ ଗୋଟିଏ ଅଧା ବେଣୀକରି ବାମ ପାଖ କାନ୍ଧଦେଇ ଆଗକୁ ଝୁଲାଇ ଦେଇଥାଏ । କାନ ପାଖରେ ଦେଖା ଯାଉଥିବା ପ୍ରସ୍ଫୁଟିତ ଗୋଲାପ ଫୁଲ ମୁଣ୍ଡ ବାଳର ଶୋଭାବର୍ଦ୍ଧନ କରୁଥାଏ । ତାର ଫ୍ରକଟି ଏତେ ଚାପାଥିଲା ଯେ ଗ୍ରୀବା ପାଖରେ ଦେଖା ଯାଉଥିବା ଉଚ୍ଚ ସ୍ଥାନକୁ ଦେଖି ହେମନ୍ତ ଭାବିଲା ସମ୍ବଲପୁରରେ ଜବାର ମୀନାର ଓ ଗାନ୍ଧୀ ମୀନାରକୁ ସଂଯୋଗ କରି 'ହୀରାକୁଦ ବନ୍ଧ' ସାଂଗ ସେପରି ତା' ମଟର ସାଇକେଲରେ ଅବସ୍ଥାନ କରିଛି । ହେମନ୍ତ ମଟର ସାଇକେଲଟି ଆଗକୁ ଅଗ୍ରସର କରାଇବା ସମୟରେ ଅଟ୍ଟହାସ୍ୟ ହସି ହସିଲା—ଆଜି କାଲି ଝିଅମାନଙ୍କର ଷ୍ଟାଇଲ୍ କହିଲେ ନ ସରେ ।

ମଟର ସାଇକେଲଟି ଦ୍ରୁତ ଗତିରେ ଧାଇଁଛି ଆଗକୁ । ପଛପଟୁ ପ୍ରତିଭା ପଚାରିଲା—କେଉଁଠିକୁ ଯିବା ?

ମେଟିନ୍ ସୋ ।

Digitized by srujanika@gmail.com

ନା! ମୁଁ ଯିବନାହିଁ । କିଏ କୁଆଡ଼େ ଦେଖିଲେ କଣ ଭାବବ । ତେଣେ ମୋତେ ହଷ୍ଟେଲରେ ଗୃହଠା ବେଳକୁ ପହଞ୍ଚିବାକୁ ହେବନ ନହେଲେ...... ।

ମରଠର ସାଇକେଲର ଷ୍ଟାଣ୍ଡ୍ କମାଇ ହେମଂତ ଉତ୍ତର ଦେଲା ତୁମର ଆଜି ବୁନଆ ସାର ଚିହ୍ନା ଲୋକ ରାଉରକେଲାରେ ଅଛନ୍ତି କି ? ଯଦି କିଏ ଚିହ୍ନିଥାନ୍ତି ତାହା ହେଲେ ସାଙ୍ଗ ଝିଅ ଓ ଲେକଚରର ମାନେ । ବର୍ତ୍ତମାନ ତ କେହି ଦେଖିବାର ନାହିଁ ।

ପିକ୍‌ଚର ଶେଷ ହେଉ ହେଉ ଛଅଟା ବାଜିବ । ଆମ୍ଭେ ତା ପୂର୍ବରୁ ଫେରିବା ।

ରାଉରକେଲା ଅପସରା ଟକିଜ ପାଖରେ ମଟର ସାଇକେଲର ଘଁ ଘଁ ଗର୍ଜନକୁ ଶାଂତ କଲା ହେମଂତ । ପ୍ରତିଭା ଯାଇ ଦୁଇଟି ସରକାଲର ଦୁଇଟି ସାଇଡ ଟିକେଟ ଆଣିଲା । ଦୁହେଁ ଯାଇ ବସିଲେ ଗୋଟିଏ କାନ୍ଥ ପାଖରେ । କାନ୍ଥ ପାଖରେ ପ୍ରତିଭା ତାର ବାମକୁ ହେମଂତ । କ୍ରମେ ଗୋଟିଏ ଗୋଟିଏ ବିଦ୍ୟୁତ ବତୀ ବନ୍ଦ ହେବାକୁ ଲାଗିଲା । ପ୍ରେକ୍ଷାଳୟରେ ଛେଇଗଲା ଅନ୍ଧକାର । ତାପରେ ପରଦାରେ ଦେଖାଗଲା ଆମେରିକାର ଦୁଃସାହସିକ ବୈଜ୍ଞାନିକ ଆର୍ମଷ୍ଟ୍ରଙ୍ଗ ଫେନେଗନ ଓ ଆଲଡ୍ରିନଙ୍କ ଚିତ୍ର । ଚନ୍ଦ୍ର ଭ୍ରମଣ ପାଇଁ ସେମାନେ ଯାଉଛନ୍ତି ! ପାଖରେ ଆପୋଲୋ ଯାନ ତିନିଜଣଯାକ ଆପୋଲୋ ଯାନରେ ବସିଲେ । ତ ପରେ କାଉଣ୍ଟଡାଉନ ଶବ୍ଦ ପରେ ପରେ ଆପୋଲୋ । ଆପୋଲୋ ୧୩ ନାମ ଧାରଣ କରି ଉପରକୁ ଉଠିଗଲା ।

ପରଦା ପାଖରେ ଅବସ୍ଥିତ ଲାଉଡ଼ସ୍ପିକରରୁ ଠିକ ସେହି ସମୟରେ ଓଡ଼ିଆ ଭାଷାରେ କମେଣ୍ଟ୍ରୀ ଶୁଭିକି ହସି ଅହୁଥିଲା । ସେଉଁ ମନୁଷ୍ୟ ଦିନେ ସ୍ୱପ୍ନ ଦେଖୁଥିଲା ଯେ—

Digitized by srujanika@gmail.com

ଆଃ ଜହ୍ନ ମାମୁଁ ସରଗ ଶଶୀ
ମୋ କାହ୍ନୁ ହାତରେ ପଡ଼ରେ ଖସି ।

ସେହି ସ୍ୱପ୍ନର ବାସ୍ତବ କ୍ଷେତ୍ରକୁ ନେଇ ଆଗେଇ ଯାଉଛନ୍ତି ଆମର ବୈଜ୍ଞାନୀମାନେ । ଯେଉଁ ମାନଙ୍କର ନାମ ହେଲା ଆମଷ୍ଟ୍ରଙ୍ଗ ମଝିରେ ହେନେସ ଓ ଡାହାଣ ପାର୍ଶ୍ୱରେ ଆଲଡ୍ରିନ ମସ୍ତଙ୍କର ମସ୍ତକରେ ବିଜୟର ଟିକା । ଆମେରିକାର ରାଷ୍ଟ୍ରପତିଙ୍କର ଗମ୍ଭୀର ସ୍ନେହପୂର୍ଣ୍ଣ ଆଶିର୍ବାଦ ଭଗବାନ ମଙ୍ଗଳ କରନ୍ତୁ । ସେହି ସ୍ୱପ୍ନ ଆଜି ସତ୍ୟ ହେବାକୁ ଯାଉଛି ଆପୋଲୋ ୧୩କୁ ନେଇ । ଭଗବାନ ମଙ୍ଗଳ କରନ୍ତୁ ସେମାନେ ଭଲରେ ଫେରନ୍ତୁ ଆମର ଏହା କାମନା । ତା' ପରେ ପିକଚର ଆରମ୍ଭ ହିନ୍ଦି ଫିଲ୍ମର ଅଭିନେତା, ଅଭିନେତ୍ରୀଙ୍କର ରଙ୍ଗିନ ମଞ୍ଚର ପରଦା ପ୍ରେକ୍ଷାଳୟରେ ହସ କୌତୁକ ।

ହେମଂତ ଓ ପ୍ରତିଭା ଅନ୍ୟ ମନସ୍କ ହୋଇ ପଡ଼ିଲେ । ପ୍ରତିଭା ହେମଂତ ବାହୁରେ ମୁଣ୍ଡରଖି ପରଦାକୁ ଅନାଇ ରହିଥାଏ, କିନ୍ତୁ ମନ ତାର ଉଡ଼ି ବୁଲୁଥିଲା···ଦୀର୍ଘ ଅଠେଇ ମାସ ବିଚ୍ଛେଦର ଉତ୍ତେଜନା ଅଙ୍ଗଲତାକୁ ଶାଂତ କରୁଥିଲା ହେମଂତ ବାହୁରେ ଆଉଜି ରହି । ମୁହଁରେ ତାର ନଥିଲା ଭାଷା । ହେମଂତର ହାତ ମଧ୍ୟ କେତେବେଳେ ପ୍ରତିଭାର ବ୍ଲାଉଜ ଉପରେ ପଡ଼ି ଯାଇଛି ତାକୁ ଜଣା ନଥିଲା । ପ୍ରତିଭାକୁ ଆହୁରି ଆଉଜାଇ ଆଣିଲା ନିଜ ଉପରକୁ । ଆଙ୍କି ଦେଇଥିଲା ଚୁମ୍ବନର ଅନେକ ଶେଫାଳୀବିନ୍ଦୁ । ପ୍ରତିଭା ମଧ୍ୟ ନିଜ ବ୍ଲାଉଜ ଅଂତରାଳରେ ଲୁଚି ରହିଥିବା ବିକ୍ଷୁବ୍ଧ ଯୌବନର ସ୍ପର୍ଶ ଅନୁଭବ କରି ନିମ୍ନ ସ୍ୱରରେ କହିଥିଲା —

ଛାଡ଼ନ୍ତୁ ନା ଆଗ । ପାଖରେ ଲୋକମାନେ ବସିଛନ୍ତି କାଳେ କିଏ······ଛାଡ଼ ଶୀଘ୍ର ।

Digitized by srujanika@gmail.com

ତରୁଣ ତରୁଣୀ ଯୌବନର ପ୍ରେରଣାରେ ଝଂଝ ଝନର ବିଚ୍ଛେଦକୁ ଶାନ୍ତ କରୁଥିଲେ ଅପ୍‌ସରା ଟକିଜ୍‌ର ଏୟାରକୋଲଡ଼୍ ଝୁଲୁଝୁଲିଆ ପବନରେ । ସେମାନଙ୍କ ମନରେ ଆସିଥିଲା ଯୌବନର ଉନ୍ମାଦନା । ତା' ପରେ ଉତ୍ତେଜନା ଖେଳି ଯାଉଥିଲା ଦୁହିଁଙ୍କ ଅଙ୍ଗପ୍ରତ୍ୟଙ୍ଗରେ । ଆଉ ଦେଖି ପାରି ନଥିଲେ ପିକ୍‌ଚର । ପିକ୍‌ଚରକୁ ଅବଲୋକନ କରିବାପାଇଁ ବାଧା ଦେଉଥିଲା ଦୁଇ ଜଣଙ୍କର କ୍ଷୁଧିତ ଯୌବନରାଶି । ଅଧଘଣ୍ଟାଏ ପରେ ହେମନ୍ତ କହିଲା—ଚାଲ ଯିବା ।

ନୀରବରେ ଦୁଇଜଣ ଯାକ ଅନ୍ଧାର ପ୍ରେକ୍ଷାଳୟରୁ ଚାଲି ଆସିଥିଲେ । ମଟର ସାଇକେଲଟି ପୂର୍ବପରି ଛୁଟିଥିଲା ପିଚୁରୋଡ଼ ରାସ୍ତାରେ । ଲକ୍ଷ୍ୟଥିଲା ହେମନ୍ତର କ୍ୱାର୍ଟର ଓ ପ୍ରତିଭାର ହଷ୍ଟେଲକୁ ଫେରିବା । ହେମନ୍ତ ଚକିତ ସ୍ୱରରେ ପଚାରିଲା—ସତରେ ପ୍ରତିଭା ! କେବେ ତୁମେ ସେହି ବୁଢ଼ା କୋଠରୀ ମଧ୍ୟରେ ଘରଣୀ ହୋଇ ଚାଦଦେବ ବୁଝି ପାରୁନ । ଦେଖୁଛତ ଆଜିକାଲି ହୋଟେଲରେ ଖିଆ କପରି ? କେବଳ ପଇସା ଗଣିବା କଥା । ସିଟର ଆଗକୁ ଟିକେ ଘୁଞ୍ଚିଯାଇ ପ୍ରତିଭା ଛଳନାରେ ଉତ୍ତର ଦେଲା । ମୁଁ ଆସିଲେ ମଧ୍ୟ ରୋଷାଇ କରି ପାରିବ ନାହିଁ । ଦେଖ ଆଗରୁ ମନାକରି ଦେଉଛି ।

ଏମିତି କଥା ହୋଇ ଆସୁ ଆସୁ ସେମାନେ ହଷ୍ଟେଲ ନିକଟବର୍ତ୍ତୀ ହୋଇ ଯାଇଥିଲେ । ହଷ୍ଟେଲ ନିକଟ ହେବା ଦେଖି ହେମନ୍ତ କହିଲା ପୁଣି କେବେ ଦେଖା ହେବ ?

ସିଟରୁ ଓହ୍ଲାଇ ଓହ୍ଲାଇ ପ୍ରତିଭା କହିଲା ଆଉ ପନ୍ଦର ଦିନ ପରେ ଆମର ବଡ଼ଦିନ ଛୁଟି ହେବ । ଛୁଟି ପ୍ରାପ୍ୟ ଦଶଦିନ ହେବ, ଛୁଟିରେ ମୁଁ ଘରକୁ ଯାଉଛି କହିଅଛି ଅପଣଙ୍କ ପାଖରେ ରହିବି ।

Digitized by srujanika@gmail.com

ହେମନ୍ତ ଆନନ୍ଦରେ ବହେ। ହୋଇ କହିଲ ତେବେ ଠିକ୍ ଅଛି । ବଡ଼ଦିନ ଛୁଟିରେ ଆମେ ଆଗ୍ରା ଓ ଦିଲ୍ଲୀ ବୁଲିଯିବା ମୁଁ ମଧ୍ୟ ଛୁଟି ନେବ ।

ସମର୍ଥନ ଜଣାଇ ପ୍ରତିଭା ଅଦୃଶ୍ୟ ହେଲ ।

ସିଗାରେଟରେ ଅଗ୍ନି ସଂଯୋଗ କରୁ କରୁ କ୍ୱାଟରରେ ପଶିଲ୍ ହେମନ୍ତ ।

\+ \+ \+ \+

ବଡ଼ଦିନ ଛୁଟି ହୋଇ ଯାଇଛି । ପ୍ରୋଗ୍ରାମ୍ ଅନୁଯାୟୀ ହେମଂତ ଦିଲ୍ଲୀ ଓ ଆଗ୍ରା ଯିବାପାଇଁ ପ୍ରସ୍ତୁତ ହୋଇ ସାରିଛି । ଟ୍ରେନରେ ଯିବାଲାଗି ସିଲିପିଙ୍ଗ କୋଚଟିଏ ରିଜର୍ଭ କରିସାରିଛି । ପ୍ରତିଭା ତା ବସାକୁ ଆସିବା ଦୁଇଦିନ ହୋଇଗଲଣି । ଦଶଦିନ ଛୁଟି ମଧ୍ୟରୁ ଦୁଇଟି ଦିନ କଟି ଗଲଣି । ଯିବା ପୂର୍ବରୁ ହେମଂତ ଘରକୁ ଚିଠି ଲେଖିଲ । ବିଶେଷ କାମରେ ଆସନ୍ତାକାଲି ଆଗ୍ରା ଯାଉଛି । ସେଠାରୁ ଦିଲ୍ଲି ଯିବ, ଟଙ୍କା ପଇସା ପାଇଁ ଆଶା ରଖିବ ନାହିଁ । ଫେରିଲେ ଚେଷ୍ଟା କରିବ ଇତ୍ୟାଦି ।

× × × ×

ରାଉରକେଲ ରେଲଷ୍ଟେସନ । ଡିସେମ୍ବର ମାସର ତିରିଶ ତାରିଖ ଗୁରୁବାର । ସକାଳ ସମୟ ସାଢ଼େଚାରି ବାଜି ପଇଁତିରିଶ ମିନିଟ୍ । ପ୍ଲାଟଫର୍ମ ଜନ ଗହଳରେ ପୂର୍ଣ୍ଣ । ହେମଂତ ଓ ପ୍ରତିଭା ସେହି ଲୋକ ଗହଳି ମଧ୍ୟରେ ଗାଡ଼ିର ଆଗମନକୁ ରହିଁ ରହିଛନ୍ତି ।

ଗାଡ଼ି ପହଞ୍ଚିବା ଦେଖି ଉଠି ବସିଲ ପ୍ରତିଭା ।

ସଙ୍ଗେ ସଙ୍ଗେ ପ୍ଲାଟଫର୍ମ ମାଇକରୁ ଭାସିଆସିଲ ସୂଚନା ହାଲୁ ଦିଲ୍ଲୀ ଉତ୍କଳ ଏକ୍ସପ୍ରେସ ଏକ ନମ୍ବର ପ୍ଲାଟଫର୍ମରେ ଆସି ଲାଗିବ । ଗାଡ଼ି ଆସିଯିବାରୁ ପୂର୍ବରୁ ରିଜର୍ଭ ହୋଇଥିବା କମ୍ପାର୍ଟମେଣ୍ଟରେ

Digitized by srujanika@gmail.com

ପ୍ରବେଶ କଲେ । କିଛି ସମୟ ପରେ ଉତ୍କଳ ଏକ୍ସପ୍ରେସ ରାଉର-
କେଲା ଷ୍ଟେସନ ଛାଡ଼ିଲା । ସେତେବେଳକୁ ସମୟ ଆଠଟା ବାଜି
ପନର ମିନିଟ୍ ।

× × × ×

ଗତିଶୀଳ ଟ୍ରେନ ମଧ୍ୟରେ ହେମନ୍ତ ଓ ପ୍ରତିଭା । ରିଜର୍ଭ କମ୍ପାର୍ଟମେଣ୍ଟର ଏକ ଛୋଟ କୋଠରୀ କବ୍ଜା କଲେ ସେ । ଦୁଇ ପାଖରେ ଶୋଇବା ଲାଗି ଡନ୍‌ଲପ୍ ପିଲରେ ତିଆରି ଗଦି । ଉପର ପାଖରେ ଜିନିଷ ପତ୍ର ରଖିବା ଲାଗି ସ୍ଥାନ । ଉପରେ ଫେନଟିଏ । ନୀଳ ଆଲୁଅ ପ୍ରଦାନ କରୁଥିବା ଏକ ପଚିଶ ପାଓ୍ୱାର ବଲ୍ବ । ପ୍ରତିଭା ଶୋଇପଡ଼ି ବହି ପଢ଼ିବାରେ ବ୍ୟସ୍ତ । ହେମନ୍ତ ତା' ପଢ଼ିବାରେ ବାଧାଦେଇ କହିଲା --

ତୁମର ମନେ ଅଛି ପ୍ରତିଭା ! ଏହି ଗାଡ଼ିରେ ଦିନେ ଆମର ପବିତ୍ର ପ୍ରେମ ଆରମ୍ଭ ହୋଇଥିଲା । ଯେଉଁ ପ୍ରେମର ଧାରା ଅସରନ୍ତି । ସତରେ କଣ ଆମେ ଦିନେ ଏକତ୍ର ହୋଇ ପାରିବା ? ଆମ ଭାଗ୍ୟରେ କଣ ପ୍ରକୃତରେ ଏହା ସମ୍ଭବ ?

ବହିଟି ରଖି ରଖି ଉତ୍ତର ଦେଇଥିଲା ପ୍ରତିଭା !

ଆପଣଙ୍କ ଧାରଣା ଭୁଲ ହେମନ୍ତ ବାବୁ । ଭାଗ୍ୟ ବୋଲି ଦୁନିଆରେ କିଛି ନାହିଁ । ଏହି ମଣିଷ ଗଢ଼େ ଭାଙ୍ଗେ ପୁଣି ତିଆରି କରେ ନୂଆ ଦୁନିଆ । ଏହି ହେଲା ଭାଗ୍ୟ—

ଆପଣଙ୍କର ମୋର ପ୍ରେମ ଯଦି ପବିତ୍ର ହୋଇଥିବ ? ସେହି ପବିତ୍ରତା ମଧ୍ୟରେ କାହାରି ଯଦି ଅଭିଶାପ ନଥିବ ଏବଂ ଆପଣ ଓ ମୁଁ ଯଦି ଠିକ୍ ଥିବା ତେବେ ନିଶ୍ଚୟ ଆମରି ମିଳନ ସମ୍ଭବ । ଦୁନିଆର ଯେତେ ଝଡ଼ଝଞ୍ଜା ଆସିଲେ ମଧ୍ୟ ତାହା ଦୂରେଇଯିବ ବହୁତ ଦୂରକୁ ।

Digitized by srujanika@gmail.com

ମୁଁ ମଧ୍ୟ ସେହିକଥା ଭାବୁଥିଲି କହି ନରେନ ହେଲା ହେମନ୍ତ।

\+ \+ \+ \+

ଅର୍ଦ୍ଧ ବୟାଳିଶ ଘଣ୍ଟା ପରେ ଉତ୍କଳ ଏକ୍ସପ୍ରେସ ଆଗ୍ରାରେ ପହଞ୍ଚିଲା। ସେତେବେଳକୁ ରାତି ଦୁଇଟା। ପ୍ଲାଟଫର୍ମରେ ଗାଡ଼ି ଛିଡ଼ା ହେବା ପରେ ଦୁହେଁ ଓହ୍ଲାଇଲେ। ପ୍ଲାଟଫର୍ମରେ ଲୋକାରଣ୍ୟ ସେତେ ନଥାଏ। ହେଲେ ଏତେ ରାତିରେ କୁଆଡ଼କୁ ଯିବେ। ନୂଆ ଜାଗାଟା, କାହାରି ସଙ୍ଗରେ ଚିହ୍ନା ପରିଚୟ ନାହିଁ। ଆହୁରି ମଧ୍ୟ ଭାଷା ଜଣାନଥିବାରୁ ହେମନ୍ତ କହିଲା ଚାଲ ୱେଟିଂ ରୁମକୁ ଯା। ଏତେ ରାତିରେ କୌଣସି ଆଡ଼େ ଯିବାପାଇଁ ମୁଁ ଉଚିତ ମନେ କରୁନାହିଁ। ସକାଳ ହେଲେ ଲଜ୍‌କୁ ଯିବା। ଦୁହେଁ ଆଗେଇ ଗଲେ ୱେଟିଂ ରୁମକୁ। ସେଠାରେ ଯାଇ ରହିଲେ—

ସକାଳେ ଦୁଇଜଣ ଯାକ ଜିନିଷପତ୍ର ଧରି ରିକ୍ସାରେ ଯାଇ ଗୋଟିଏ ଲଜ୍‌ରେ ପହଞ୍ଚିଲେ। ଲଜ୍‌ର ନାମ ଥିଲା ସୁଇଟ୍ ହୋମ—ଡବଲ ବେଡ଼ ରୁମଟିଏ ଭଡ଼ା ନେଲେ। ରୁମ ମଧ୍ୟରେ ଜିନିଷପତ୍ର ରଖୁ ରଖୁ ହେମନ୍ତ ଲକ୍ଷ୍ୟକଲା ଦୁଇଟି ଖଟ। ଖଟ ଉପରେ ବିଛଣା ରେଜେଇ ଚଦର। ଆଉ ଗୋଟିଏ ଡ୍ରେସିଂ ଟେବୁଲ ଓ ଦର୍ପଣ ପ୍ରଭୃତି କେତେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ।

ହେମନ୍ତ ପ୍ରତିଭାକୁ କହିଲା—ଆମେ ଏଠାରେ ଦୁଇଦିନ ରହିବା। ତା' ପରେ ଦିଲ୍ଲୀ ଚାଲିଯିବା। ବର୍ତ୍ତମାନ କାମସାରି ବିଶ୍ରାମ ନେଲା ପରେ ଓପର ବେଳାକୁ ବୁଲିଯିବା ତାଜମହଲ ପରେ ଅନ୍ୟ ନ୍ୟ। \+ \+ \+ \+

Digitized by srujanika@gmail.com

ଘୃରିଟା ବେଳେ ଟ୍ୟାକ୍‌ସି ଟିଏ କରି ପହଞ୍ଚିଲେ ତାଜମହଲ । ତାଜମହଲର ମନ ମୁଗ୍ଧକର ପ୍ରାକୃତିକ ଦୃଶ୍ୟରେ ପ୍ରତିଭା ହୋଇ ଯାଇଥିଲା ବିଭୋର । ଦୁହେଁ ହାତ ଧରାଧରି ହୋଇ ତାଜମହଲକୁ ଉପଭୋଗ କରୁଥାନ୍ତି । ସତରେ କେତେ ସୁନ୍ଦର୍ ମୁହେଁ ତାଜମହଲ ! ପାଖ ଦେଇ ବହିଯାଉଛି ଯମୁନା ନଦୀ । ଯମୁନା ନଦୀର ପର ପାର୍ଶ୍ୱରେ ଅଦୃଶ୍ୟ ମାନ ଜଙ୍ଗଲ । ଉପର ଭାଗରେ ଦୁଇ କୂଳକୁ ସଂଯୋଗ କରୁଥିବା ବିରାଟ ପୋଲ୍ ।

ହେମନ୍ତ ତାଜମହଲର ସୌନ୍ଦର୍ଯ୍ୟ ଉପଭୋଗ କରୁ କରୁ ପ୍ରତିଭାକୁ କହିଲା—ପ୍ରତିଭା ! ତମର ମନେ ଥିବ ଆଜ ଆମେ ଯେଉଁ ତାଜମହଲ ଦେଖୁଛେ ଏହା ଏକ ଅନାବିଳ ପ୍ରେମର ସ୍ମୃତି ? ଦୁନିଆରେ ମଣିଷ ପ୍ରେମ ପାଇଁ କଣ କରି ନପାରେ ? ସେହି ପ୍ରେମକୁ କେନ୍ଦ୍ର କରି ଦୁନିଆରେ ମଣିଷ ବଞ୍ଚି ରହେ । ସେହି ପବିତ୍ର ପ୍ରେମର ସ୍ମୃତି ସ୍ୱରୂପ ସାହାଜାହାନ ତୋଳିଲେ ଏହି ତାଜମହଲ । କେବଳ ମମତାଜଙ୍କୁ ମନେ ରଖିବା ପାଇଁ ଯେ ଦୁନିଆଁ ଆଗରେ ଦେଖାଇ ଗଲେ ବିରାଟ ଆଦର୍ଶ ।

ହେମନ୍ତ କଥାରେ ବାଧା ଦେଇ ପ୍ରତିଭା କହିଲା—ମୁଁ ଯଦି ମରିଯାଏ ତେବେ ତମେ କଣ ମୋର ସ୍ମୃତିପାଇଁ ଏମିତି ଗୋଟିଏ ତାଜମହଲ ତିଆରି କରିବ ?

ପ୍ରତିଭାର ଏପରି କଥାଶୁଣି ହେମନ୍ତ ଚିତ୍କାର କରି କହିଲା —ଏମିତି କୁହନା ପ୍ରତିଭା ।

ଆସ୍ତେ ଆସ୍ତେ ସନ୍ଧ୍ୟା ନଇଁ ଆସିଲା । ହେମନ୍ତ ଓ ପ୍ରତିଭା ତାଜମହଲ ଦେଖି ଫେରିଲେ ବସାକୁ । ଆସିଲା ବେଳେ ବାଟରେ ଗପସପ ହୋଇ ଆସୁ ଆସୁ ସେମାନେ ରାତି ପ୍ରାୟ ଦଶଟା ବେଳେ ବସାରେ ପହଞ୍ଚିଲେ ।

Digitized by srujanika@gmail.com

ଖାଇବା ଜାମ ବଢ଼ାଇ ଶୋଇବାକୁ ଗଲେ ।

ଶୋଇବାର ଖୁବ୍ କମ ସମୟ ପରେ ପ୍ରଭିଭା ଚିତ୍କାର କରି ଉଠିଲା ।

—କଣ ହେଲା ପ୍ର……

ମୋତେ ଭୟ ଲାଗୁଛି । ମୁଁ ଗୋଟାଏ ସ୍ୱପ୍ନ ଦେଖିଲି ।

—କି ସ୍ୱପ୍ନ ଦେଖିଲ ?

ମୁଁ ସ୍ୱପ୍ନରେ ଦେଖିଲି ମୋ ପେଟରେ ଗୋଟିଏ ଛୁଆ ଅଛି । ସେ ଛୁଆଟି କୁଆଁ କୁଆଁ ହୋଇ କାନ୍ଦୁଛି । ହଠାତ୍ ସେ କୁଆଁ କୁଆଁ ଶବ୍ଦରେ ମୋର ନିଦ ଭାଙ୍ଗିଗଲା । ସେଇଥି ପାଇଁ ମୁଁ ଚିତ୍କାର୍ କରି ଉଠିଲି ।

—ଓଃ ଏଇଥି ପାଇଁ, ସେଥିପାଇଁ ଚିନ୍ତା କରିବା ଦରକାର ନାହିଁ । ସେ ଛୁଆର ଜନକ ହେବ ମୁଁ ।

ତମେ ଯଦି ଜନକ ହେବ ତେବେ ମୁଁ ତ ଜନନୀ ହୋଇ ପାରିବ ନି । କାରଣ ମୁଁ ଯେ ଅବିବାହିତ… । ସବୁ ଲୋକମାନେ ତଥା ହଷ୍ଟେଲରେ ଜାଣନ୍ତି ଯେ ମୁଁ…ତେବେ ସେମାନଙ୍କ ଆଗରେ ମୁହଁ ଦେଖାଇ ପାରିବନି !

ସେଥିପାଇଁ ତମେ ଭାବିବା ଦରକାର ନାହିଁ । ତମେ ପଢ଼ା ଛାଡ଼ିଦେବ । ଆମେ ଏଇ ପରିଦର୍ଶନରୁ ଫେରିବା ପରେ ଗାଁଉରକେଲାରେ କୋର୍ଟକୁ ଯାଇ ରେଜେଷ୍ଟ୍ରି ବିବାହ କରି ନେବା । ତାପରେ ତ ଆଉ କିଛି ଅସୁବିଧା ହେବନି କି ତମକୁ କେହି କହିବେନି ଯେ ଅବୈଧ ସନ୍ତାନର ଜନନୀ ।

ହେମନ୍ତ ସ୍ୱପ୍ନ କଥା ଶୁଣିବା ପରଠାରୁ ଆଗରୁ ଭ୍ରମଣ ପ୍ରତି ଯେତେ ଆଗ୍ରହୀ ଥିଲା ତାହା କମି ଯାଇଥିଲା । ସେହି ଦୃଶ୍ୟଟି ସବୁ ବେଳେ ତା' ଆଖି ଆଗରେ ବାଜଯାଏ । ଆଗ୍ରାରେ ଦୁଇଦିନ

Digitized by srujanika@gmail.com

ଉତ୍ତଳ ପରେ ଦିଲ୍ଲୀ ଯାଇଥିଲେ । ତେବେ ସେହି ଭ୍ରମଣରେ ସେମାନେ କିଛି ନୂଆ ତଥ୍ୟ ପାଇ ପାରି ନଥିଲେ । ପୁଣି ଫେରି ଆସିଥିଲେ ରାଉରକେଲା । ସେହି ଉତ୍କଳ ଏକ୍ସପ୍ରେସରେ ।

ସେମାନେ ଫେରି କୋର୍ଟକୁ ଯାଇ ପୂର୍ବ କଳ୍ପିତ କଥାନୁଯାୟି ରେଜେଷ୍ଟ୍ରି ମ୍ୟାରେଜ୍ କଲେ ।

+ + + +

ପରିବର୍ତ୍ତନ ଶୀଳ ଦୁନିଆରେ ପରିବର୍ତ୍ତନ ଦେଖା ଯାଉଛି । ପ୍ରତିଭା ବର୍ତ୍ତମାନ ଅଷ୍ଟମ ମାସର ମାତୃତ୍ୱ କାମନା କରୁଥିବା ଜନନୀ କହିଲେ ଚଳେ । ପଢ଼ା ଗୁଡ଼ି ହେମଂତ ବସାକୁ ଆସିବା ତାର ତିନିମାସ ହୋଇ ଗଲାଣି । ପୂର୍ବପରି ଗୁଲାଚଲନ ମଧ୍ୟରେ ଦୁଇଜଣଙ୍କର ବହୁତ ତାରତମ୍ୟ ଦେଖା ଯାଇଛି । ଦୁଇଜଣ ଠିକ୍ ପାରିବାରିକ ଜୀବନରେ ସ୍ୱାମୀ, ସ୍ତ୍ରୀ ପରି । ପ୍ରତିଭା ମୁଣ୍ଡରେ ସିନ୍ଦୂର ହାତରେ ଶଙ୍ଖା, ବେକରେ ମଣିପୁଣ୍ଣ ସୁନା ହାରଟିଏ । ଏ ସବୁ ପରିବର୍ତ୍ତନ ମଧ୍ୟରେ ସେ ହେମଂତକୁ 'ହେମଂତ ବାବୁ' ଡାକିବା ଶବ୍ଦଟି ମଧ୍ୟ ଭୁଲି ଯାଉଛି ଇତ୍ୟାଦି । ଦୁଇଟି ସ୍ନେହ ବନ୍ଧନ ମଧ୍ୟରେ ଆଗେଇ ଚାଲିଛି ସେମାନଙ୍କର ଦାମ୍ପତ୍ୟ ଜୀବନ ।

ପ୍ରତିଭା ଜଳଖିଆ ଧରି ଆସି କହିଲା ।

ନିଅ ଶିଘ୍ର ଖାଇଦିଅ । ଡିବ ବୋଲି ଡରବର ହେଉଥିଲ, ରେଡ଼ିଓ ପାଖରେ ବସି କଣ କରୁଛ ?

ମୁଁ ଆଜକୁ ତିନିମାସ ହେବ ଆସିଲିଣି । ତେଣେ ବାପା ମା କଣ ଭାବୁଥିବେ । ଘରକୁ ଚିଠି ପତ୍ର ଦେଇନି । ସେମାନେ ଭାବୁଥିବେ ମୁଁ ହଷ୍ଟେଲ୍‌ରେ ରହି ପଢ଼ାପଢ଼ି କରୁଛି ।

ତେବେ ଘରକୁ ଚିଠିଟିଏ ଲେଖିଦିଅ । କହି ହେମଂତ ଖାଇବାରେ ବ୍ୟସ୍ତ ହେଲା ।

Digitized by srujanika@gmail.com

କଣ ବୋଲି ଲେଖିବ ଚିଠି ?

ଅଚ୍ଛା; ତୁମର ବନ୍ଧୁ ମନିଅର୍ଡ଼ର ଦେଖି ଭାବିବେ, ପ୍ରତିଭା ତ ପଢ଼ା ଛାଡ଼ି ଘରକୁ ଗଲା । ପୁଣି ତା ନାମରେ କାପର ମନିଅର୍ଡ଼ର । ହାଷ୍ଟପ୍ କହୁ ନା କହୁ ସନ୍ଦେହ କରିବେ ।

ପ୍ରତିଭା ଉତ୍ତର କଲା ନା ଆସି ନଥିବ । କାରଣ ମୁଁ ଯେଉଁ ମାସରେ ଏଠାକୁ ଆସିଲି, ସେ ମାସରେ ଆମର ପରୀକ୍ଷା ଫର୍ମ ପୂରଣ ହେଲା ବାପା ଏକା ଥରେ ଟଙ୍କା ପଠାଇ ଦେଇଥିଲେ । ଚିଠିରେ ଲେଖିଥିଲେ ଫର୍ମ ପୂରଣ ପାଇଁ ଟଙ୍କା ପଠାଇଲି । ଯଦି ଦରକାର ପଡ଼େ ଲେଖିବୁ ।

ତେବେ ଠିକ ଅଛି ତୁମେ ଚିଠିରେ ଲେଖିଦିଅ ଯେ ଭଲ ଭାବରେ ରହି ପଢ଼ା ପଢ଼ି କରୁଛି । ଟଙ୍କା ପଇସା ପଠାଇବା ଦରକାର ନାହିଁ । ପରୀକ୍ଷା ପରେ ଗ୍ରୀଷ୍ମ ଛୁଟିରେ ହୁଏତ ମୁଁ ଘରକୁ ଯାଇ ନପାରେ । ଗୋଟିଏ ସାଙ୍ଗ ଝିଅ ସହିତ ତାଙ୍କ ଘରକୁ ବୁଲି ଯିବାର ଅଛି । ହଁ ଆଉ ଲେଖି ଦେବ ଯେ, ମୁଁ ହଷ୍ଟେଲ ଠିକଣାରେ କୌଣସି ଚିଠି ପତ୍ର ପାଇ ପାରିବିନି । ଏହା କହି ହେମନ୍ତ କାଗଜରେ ତାର କ୍ୱାଟର ନମ୍ବର ଓ ଗୋଟିଏ ଝିଅର ନାମ ଲେଖି ଦେଇ ଚାଲିଗଲା ।

ହେମନ୍ତ ଗଲା ପରେ, ପ୍ରତିଭା ଡ୍ରୟାରରୁ ଲଫାପାଟିଏ ଆଣି ଚିଠି ଲେଖି ସାରିଲା ପରେ ତା ସ୍ୱାମୀର ନିର୍ଦ୍ଦେଶ ଅନୁଯାୟୀ ଚିଠିରେ ଠିକଣାଟି ମଧ୍ୟ ଦେଲା ।

ପ୍ରତିଭା
C/O ପୁଷ୍ପା ଦାସ
ଆଟ/ପୋ ରାଉରକେଲା
ଜି ସୁନ୍ଦରଗଡ଼, ଓଡ଼ିଶା

Digitized by srujanika@gmail.com

ଏହିପରି ଘରରେ ହେମନ୍ତର ପାରିବାରିକ ଜୀବନ ଦିନକୁ ଦିନ କଟି ଚାଲିଲା । ଏହା ମଧ୍ୟରେ ପ୍ରତିଭାର ଦଶମାସ ପୂରି ଯାଇଛି । ଦୁଇ ଚାରିଦିନ ପରେ ସେ ହେବ ଜନନୀ । ଯୌବନରେ ବିରାଟ ତାର ତନୁ । ସ୍ତନଗୁଡ଼ିକ ଆଗ ଅପେକ୍ଷା ଆକାରରେ ବଡ଼ ଦେଖା ଯାଉଛି । ପେଟର ନାଭିସ୍ଥଳ ଉଚା ଦେଖା ଯାଉଛି । ମଝିରେ ମଝିରେ ଅସହ୍ୟ ବେଦନାରେ ଚିତ୍କାର କରି ଉଠେ ପ୍ରତିଭା । ପେଟ କଣ ହେଉଛି ବୋଲି କହି ଗଡ଼ି ବୁଲେ । ପ୍ରତିଭାର ଏପରି ଅବସ୍ଥା ଦେଖି ହେମନ୍ତ ବିବ୍ରତ ହୋଇ ପଡ଼ିଲା । ଠିକ କଲା ସେ ତାକୁ ନେଇ ଆ:ଚ:ଜ:ଏଚ: ହସପିଟାଲ ଜେନେରାଲ ହସପିଟାଲରେ ଆଡ଼୍ମିଶନ କରାଇ ଦେବ । ସେ ତ ସବୁବେଳେ ବସାରେ ରହି ପାରୁନି । କେତେବେଳେ କେଉଁ କଥା । କିଏ ଦେଖାଶୁଣା କରିବ ।

ସେଦିନ ପ୍ରତିଭାର ଏପରି ଚିତ୍କାର ଶୁଣି ହେମନ୍ତ କହିଲା, ମୁଁ ଠିକ କରିଛି ତୁମକୁ ହସପିଟାଲରେ ନେଇ କାଲି ଆଡ଼୍ମିଶନ କରାଇ ଦେବି । କେତେବେଳେ କଣ ନା' କଣ ହେବ ଦେଖୁଛ ତ ସବୁବେଳେ ମୁଁ ବସାରେ ରହି ପାରୁନି ।

ପ୍ରତିଭା; ପଚାରିଲା ଆପଣ ।

ମୁଁ ମଧ୍ୟ ଦଶଦିନ ଛୁଟି କାଲିଠାରୁ ନେବି । ତୁମ ପାଖରେ ସବୁବେଳେ ରହିବି ଯେ, ଚିନ୍ତା କରିବା ଦରକାର ନାହିଁ ।

ଅଚ୍ଛା ପିଲାର ନାମ କଣ ରଖାଯିବ ଠିକ ତ କଲେଣି ।

କଣ ହେବା ତୁମେ କୁହ । ହେମନ୍ତ କହୁ କହୁ ହସିଲା ।

ମୁଁ ଠିକ କରିଛି ପୁଅ, ହେଉ କିମ୍ବା ଝିଅ ହେଉ ମୋ ନାମ ଅନୁସାରେ ପିଲାର ନାମ ରଖାଯିବ ଯେପରି ପ୍ରଥମ ଅକ୍ଷର-ହ-ରୁ ଆରମ୍ଭ ହେବ ।

Digitized by srujanika@gmail.com

ଠିକ ଅଛି ପୁଅ ହେଲେ—'ପ୍ରଭାତ' ଆଉ ଝିଅ ହେଲେ ହେମନ୍ତର ଛାତିରୁ କଥା ଛଡ଼ାଇ ପ୍ରତିଭା ହସି ହସି କହିଲା ।

ଆଉ ଝିଅ ହେଲା—'ପ୍ରଭାତି'

× × × ×

ଚେନ୍ନଲଭର ସମସ୍ତ ନୀରବ । ହସପିଟାଲରେ ପ୍ରତିଭା ଖଟ ଟିରେ ଶୋଇ ଯନ୍ତ୍ରଣାରେ ଚିତ୍କାର କରି ଉଠୁଛି । ମାତ୍ର ପିଲା ହେବାର କୌଣସି ଲକ୍ଷଣ ଦେଖା ଯାଉନି । ଡାକ୍ତର ଶେଠିଆ ବାବୁ ପରୀକ୍ଷା କରି ଦେଖିଲେ ଯେ ପ୍ରତିଭାର ପେଟ ନ କଟା ହେଲେ ଅନ୍ୟ ଉପାୟ କିଛି ନାହିଁ । ସଙ୍ଗେ ସଙ୍ଗେ ସେ ଅପରେସନ ଥିଏଟରକୁ ପଠାଇ ଦେଲେ ।

ବାରଣ୍ଡାରେ ହେମନ୍ତକୁ ଦେଖି ପକାଇ ଶେଠିଆ ବାବୁ ଗଭୀର ଚିନ୍ତା ମଗ୍ନ ହେଲା ପରି ବ୍ୟସ୍ତତାରେ କହିଲେ, ଆପଣ ଏଠାରେ ବସନ୍ତୁ । ଚିନ୍ତା କରିବା ଦରକାର ନାହିଁ । ମୁଁ ପ୍ରତିଭାକୁ ଅପରେସନ ଥିଏଟର ପଠାଇ ଦେଇଛି ମୁଁ ମଧ୍ୟ ଯାଉଛି । ହେମନ୍ତ ନୀରବରେ ତଳକୁ ମୁହଁ କରି ଶୁଣୁଥାଏ । ଉପର ସିଏ ଶେଠିଆ ବାବୁଙ୍କୁ କଣ କହିବ ବୋଲି ଭାବୁଥିଲା । ଦେଖିଲା ଶେଠିଆ ବାବୁ ଅପରେସନ ଥିଏଟର କବାଟ ବନ୍ଦକରି ଭିତରକୁ ପଶିଲେ । ଦୁଃଖ ମନରେ ପଡ଼ିଥିବା ବେଞ୍ଚ ଉପରେ ବସି ପଡ଼ି ଭଗବାନଙ୍କୁ ମନେ ମନେ ସ୍ତୁତି କଲା । ପ୍ରତିଭାର ମଙ୍ଗଳ କାମନା ନିମିତ୍ତ । ଭୟରେ ଥରି ଉଠିଲା ସେ । ଆଖିରେ ବନ୍ୟା ଆସିଲା ଲୁହ, ରୁମାଲ ବାହାର କଲା ।

ଅପରେସନ ଥିଏଟର । ପ୍ରତିଭା ଅଚେତ୍, ଡାକ୍ତର ନର୍ସମାନେ ଘେରି ରହିଛନ୍ତି । ପେଟ ତାର କଟା ଯାଇଛି । ଶେଠିଆ ବାବୁ ନର୍ସ ହାତକୁ ପିଲାଟିଏ ବଢ଼ାଇ ଦେଇ ଦେଇ ଧୀର ସ୍ୱରରେ

Digitized by srujanika@gmail.com

କହୁଥିଲେ ସୁନ୍ଦର ସୁଅ ପିଲାଟିଏ । ସଙ୍ଗେ ସଙ୍ଗେ ସେଠ ସିଲ୍‌ଇ କରି ପ୍ରତିଭାର ଚେହେରା ଅଙ୍କିବାକୁ ଚେଷ୍ଟା କଲେ । ହାତ ଘଣ୍ଟାକୁ ଅନାଇ ରହିଲେ କିନ୍ତୁ ଚେତା ତାର ଫେରିଲା ନାହିଁ । ସବୁଦିନ ପାଇଁ ଶେଥିଆବାବୁଙ୍କ ମୁହଁରେ କାଳିମା ବୋଳିଗଲା ମୁହଁ କଳା ପଡ଼ିଗଲା । କେବଳ ସେ ହାତ ଘଣ୍ଟାକୁ ଚାହିଁଥାନ୍ତି । ତାଙ୍କୁ ସତେ ଯେପରି ଜଣାଗଲା ତାଙ୍କ ହାତଘଣ୍ଟା ମଧ୍ୟରେ ପ୍ରତିଭାର ଆତ୍ମା ରହି ଟିକ୍ ଟିକ ଆବାଜରେ କହୁଛି—ତୁମେ ହେମନ୍ତକୁ କଣ କହିବ ? ତାଙ୍କ ଜୀବନରେ ଏହା ଗୋଟିଏ ପରୀକ୍ଷା କି ନିରୀକ୍ଷା ଜାଣି ପାରିଲେ ନାହିଁ । ଆମେରିକାରେ ଦୁଇବର୍ଷ ଚଢ଼ି ଏଠାରେ ରହିବା ତାଙ୍କର ପାଞ୍ଚବର୍ଷ ହେଲାଣି । ଏହାପରି ଶହ ଶହ କାମ ତାଙ୍କ ଜୀବନରେ ଗୋଟିଏ ଖେଳ ଘରର ଖେଳନା ପରି ଥିଲା । ମାତ୍ର ଆଜିର ଏ ପରିସ୍ଥିତି···ଟିଂଚାରେ ଅସ୍ଥିର ହୋଇ ପଡ଼ିଲେ । ସତେ ଯେପରି ସେ ଅନୁଭବ କଲେ । ପିଲାର କୁଆଁ କୁଆଁ ରାବରେ ପ୍ରତିଧ୍ୱନିତ ହୋଇ ତାଙ୍କୁ ସାଂତ୍ୱନା ଦେଉଥିଲା··· ।

ଲାଇଫ୍ ଇଜ୍ ଏ ମିଜର୍ ଅନ୍ ଫୋଲଡ଼ ଇଟ୍ । ଏବଂ ଲାଇଫ୍ ଇଜ୍ ଏ ଡିଉଟି ଡ଼ ନଟ୍ କେୟାର ଇଟ୍ ।

ସେଠାରେ ଦଣ୍ଡେ ମାତ୍ର ନରହି ଅପରେସନ ଥିଏଟର ଛାଡ଼ିଲେ । ହଠାତ୍ ହେମନ୍ତଙ୍କୁ ଦେଖି ପକାଇ ।

ଆଇ ଏମ ସରି ହେମନ୍ତ ବାବୁ !

ଦ ସୋଲ ଅଫ ପ୍ରତିଭା ଇଜ ଡ଼ିସପେୟା ଇନ୍ ଦ ଏୟାର । ଅପରେସନ ଇଜ ଅନ୍ ସକ୍‌ସେସ୍‌ଫୁଲ । ଆଉ କିଛି କହିବା ପାଇଁ ମୁହଁରେ ତାଙ୍କର ଭାଷା ନଥିଲା । ଏକ ନିଶ୍ୱାସରେ ଏତକ କହି ଚାଲିଗଲେ ।

Digitized by srujanika@gmail.com

ହେମଂତର ମଧ ସେତିକ ଶୁଣିବା ପାଇଁ ଶକ୍ତି ନଥିଲା । ପାଗଳଙ୍କ ପର ଧାଇଁଯାଇ ପ୍ରତିଭାର ଶବକୁ କୁଣ୍ଢାଇ ପକାଇ ଚିତ୍କାର କରି ପକାଇଲା । ଆଖିରୁ ଝରି ଝରେ ଲୁହ । ଅସ୍ପଷ୍ଟ ସ୍ୱରରେ କହି ପକାଇଲା । କାହିଁକି ତୁମେ ଏ ଦୁନିଆଁକୁ ଆସିଥିଲ । ମୋତେ ଦୁଃଖ ଦେବା ଲାଗି ?

\+ \+ \+ \+

ସମୟ ସ୍ରୋତରେ ଦିନ ଗଡ଼ି ଚାଲିଲା । ହେମଂତ ଭୁଲିବାକୁ ଚେଷ୍ଟା କରିଛି ପ୍ରତିଭାକୁ । ମାତ୍ର ପାରିନି । ପ୍ରତିଭାର ବାଇଣ୍ଡିଂ ଫଟୋ ତା ଟେବୁଲ୍ ଉପରେ ଥିଲା ସେହି ଫଟୋକୁ ଅନାଇ ରହି ବହୁତ କିଛି ଭାବିଯାଏ । ଆଖିପତା ଓଦା ହୋଇଯାଏ । ମଟର ସାଇକେଲର ଷ୍ଟାର୍ଟ ଦେଇ ଚାଲିଥାଏ ପ୍ରଭାତ ପାଖକୁ ହସ୍ପିଟାଲରେ ପ୍ରଭାତକୁ ଦେଖି ଅସଂଖ୍ୟ ଚୁମ୍ବନରେ ଅନ୍ତରର ଦୁଃଖ ଦୂର କରେ । ପୁଣି ଭାବେ ପ୍ରତିଭା ଥିଲେ କେତେ ଖୁସି ନହୁନ୍ତା ପ୍ରଭାତକୁ ଦେଖି । ଏମିତି ଅଭାଗିନୀ ଯେ ତାର ଜନ୍ମକଲା ପିଲାଟି ମଧ୍ୟ ଦେଖି ପାରିଲା ନାହିଁ । ପୁଣି ଆଖିରେ ତାର ସେହି ଲୁହ ଝରିଆସେ । ତାକୁ ହୁଏତ 'ପ୍ରଭାତ' ପାଇଁ ଦ୍ୱିତୀୟ ବିବାହ କରିବାକୁ ପଡ଼ିବ ନହେଲେ ପ୍ରଭାତ କଥା କିଏ ବୁଝିବ ।

\+ \+ \+ \+

ଦିନେ ତାର ଡ୍ରଇଂ କୋଠରୀ ମଧ୍ୟରେ କାଗଜ ପଢ଼ିବାରେ ବ୍ୟସ୍ତ । ହଠାତ୍ ପାଦଶବ୍ଦ ଶୁଣିଲା । ତା' ପରେ କଲିଂ ବେଲର କିଂ...କିଂ...କିଂ ଶବ୍ଦ । କବାଟ ଖୋଲିଲା ଜଣେ ସ୍ତ୍ରୀଲୋକ ସହିତ ଦୁଇଜଣ ଭଦ୍ରଲୋକ । ଭିତରକୁ ପଶି ଆସୁ ଆସୁ ସେଥି ମଧ୍ୟରୁ ଜଣେ ଭଦ୍ରଲୋକ ପଚାରିଲା—ଆପଣଙ୍କ ନାମ କଣ ହେମନ୍ତ ବାବୁ ? ହେମନ୍ତ ପରେ ଜାଣିଲା ଯେ, ସେହି ତିନିଜଣଙ୍କ ମଧ୍ୟରୁ

Digitized by srujanika@gmail.com

ସ୍ପିଟଲ୍‌କ ଜଣକ ଗ୍ୟାଲ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ । ଅନ୍ୟ ଜଣକ ହେଉଛନ୍ତି ପ୍ରତିଭାର ବାପା ଓ ତୃତୀୟ ଜଣକ ପୁଲିସ ଇନସପେକ୍ଟର (ସି:ଅ ଇଡ଼ି:) ମାରବଟରେ ହେମନ୍ତ ଭିତରକୁ ଯାଇ ପ୍ରତିଭାର କେତେ ଖଣ୍ଡ ହାତଲେଖା ଚିଠି ଫଟୋ ଓ ଶେଥିଆ ବାବୁଙ୍କର ସାର୍ଟିଫିକେଟ ବ୍ୟତିତ କିଛି ଦେଖାଇ ପାରି ନଥିଲା । ମାରବଟରେ ତାକୁ ମୁହଁଫୋଡ଼ି ଗୁଳି ଯାଇଥିଲେ ଅପରିଚିତ ତିନିଜଣ । ଗଲ୍ପ ପରେ ହେମନ୍ତ ଲକ୍ଷ୍ୟକଲା—ପ୍ରତିଭା ବାପାଙ୍କର ତୀକ୍ଷ୍ଣ ଦୃଷ୍ଟି । ସେ ତାକୁ ମୁହଁ ଜୋରି ଦେଇଥିଲା ।

× × × ×

କିଛିଦିନ ପରେ ହେମନ୍ତ ଘରୁ ଚିଠି ପାଇଲା ତା'ର ବାହାଘର ପ୍ରସ୍ତାବ ନେଇ । ଚିଠିଟି ଇ ପ୍ରସ୍ତାବ ବିଷୟ ଭଲଭାବରେ ବୁଝାବୁଝି କରିବାପାଇଁ ଶେଥିଆ ବାବୁ ତଥା ନର୍ସ ମାନଙ୍କୁ ହସପିଟାଲରେ କହି ଘରକୁ ଗଲା ହେମନ୍ତ । ବାହାଘର ଠିକ୍ ସମୟରେ ଶେଷ ହେଲା ।

ମଧୁରାତି ଶଯ୍ୟା ରାତି । ଖିଆପିଆ ପ୍ରଭୃତି ଶେଷ ହେଉ ହେଉ ରାତି ବାରଟା । ପିଏ ଯୁଆଡ଼େ ଶୋଇବାକୁ ଗଲେଣି । ହେମନ୍ତ ଏକ ଶ୍ରେଷ୍ଠ କୋଠରୀଟିରେ ଏକେ ଶୋଇ ଭାବୁଥିଲା—ବିଗତ ଦିନର ହଜିଲା କଥାଗୁଡ଼ିକ । ଯାହା ହେଉ ସାବିତ୍ରୀକୁ ଭଲ ଭାବରେ ବୁଝାଇବାକୁ ପଡ଼ିବ । ସେ ପ୍ରସ୍ତାବକୁ ଗ୍ରହଣ କରିବ କି ନାହିଁ ? ଅନୁରୋଧ କରିବ । ଏହି ସମୟରେ କବାଟ ଖୋଲିବାର ଶବ୍ଦ ଶୁଣିଲା । ଭାଉଜ ଆସି ତା କାନମୂଳରେ ଫୁସ୍ ଫୁସ୍ କହିଦେଇ ଚଳେ - ଯାବ ପିଲା ଲୋକ ଦେଖିବ କିଛି ଜାଣେନା । ତା' ପରେ କବାଟ ବନ୍ଦ'ର ଶବ୍ଦ । ମାତ୍ର ଭାଉଜର ସେ କଥା ହେମନ୍ତର ଏ କାନରେ ପଶି ଆର କାନରେ ବାହାରିଗଲା ।

Digitized by srujanika@gmail.com

ତାର ଆଗ ଆଗ୍ରହ ନଥାଏ । ପ୍ରତିକ୍ଷା ନଥା ପ୍ରଭାତର ଟିଂଚାରେ ଆଖି ମେଲାଇ ଚାହିଁ ଦେଖିଲା । ଅସ୍ପଷ୍ଟ ଆଲୋକ ପ୍ରଦାନ କରି ଜଳୁଛି ଦୀପଟିଏ । ସେହି ଦୀପର ଅସ୍ପଷ୍ଟ ଆଲୁଅରେ ଦେଖିଲା—ସାବି ଠିଆ ହୋଇଛି କବାଟ ପାଖରେ । ମୁଣ୍ଡରେ ହଳଦିଆ ଶାଢ଼ୀର ଓଢ଼ଣା । ଶାଢ଼ୀ ଅଂଚଳରୁ ଦେଖା ଯାଉଛି ଅସ୍ପଷ୍ଟ ଭାବରେ······ । ବାଇଗଣି ରଙ୍ଗର ବ୍ଲାଉଜ ଖଣ୍ଡିଏ ଦେହରେ ନଥାଏ କେବଳ ବ୍ରେସିୟର । ପାଦରେ ନାଲି ଅଳତା, ହାତରୁ ଦେଖି ଜଣାପଡ଼ୁଛି ଗୋରା ବର୍ଣ୍ଣ । ପନ୍ଦର ଷୋହଳ ବୟସର ଗାଉଁଲି ଝିଅ । ମଇନର ନା କଣ ପାସ୍ କରିଛି ।

ଦୁଇଜଣଙ୍କ ମଧ୍ୟରେ ନୀରବତାରେ କିଛି ସମୟ କଟିଗଲା । ହେମଂତ ଡାକିଲା—ଆସ·· ···

ସାବି ନୀରବରେ ତଳକୁ ମୁହଁକରି ଠିଆ ହୋଇଥାଏ । ବାଧ୍ୟହୋଇ ହେମଂତ ଉଠିଯାଇ ତା ହାତକୁ ଧରି ଟାଣି ଆଣିଲା । ନିଜ ପାଖରେ ବସାଇ ପଚାରିଲା—ତୁମ ନାମ କଣ ? ସାବିତ୍ରୀ ସେହିପରି ନୀରବ ଥାଏ । ହେମଂତ ତା' ମୁଣ୍ଡରୁ ଓଢ଼ଣାଟି ଖୋଲି ପୁଣି ପଚାରିଲା—

ମୁହଁରେ ଲୁଗାଦେଇ ଲାଜରେ ସଢ଼ିଗଲା ପରି, ସାବିତ୍ରୀ ବୋଲି ଧୀର ସ୍ୱରରେ କହିଲା ।

ଦେଖ ସାବିତ୍ରୀ ! ଆଜି ରାତିରେ ତୁମେ ଯଦି କଥାବାର୍ତ୍ତା ନହୁଅ ତେବେ ହେବ କିପରି । ଏହି ରାତିଟି ସମସ୍ତଙ୍କ ଜୀବନରେ ଥରଟିଏ ଆସେ । ଏହି ରାତିର ପବିତ୍ର ପ୍ରେମରେ ଆମେ ଗଢ଼ିବା ଭବିଷ୍ୟତର ସ୍ୱପ୍ନ । ତୁମେ ଯଦି ଅମାନିଆ ହୋଇ କଥାବାର୍ତ୍ତା ନକରି ହେବ କିପରି ?

Digitized by srujanika@gmail.com

ମାରବରେ ସାବନୀ ହେମଂତ କୋଳରେ ମୁହଁଟିକୁ ଲୁଗୁଣି ଦେଲା । ହେମଂତ ଲାଗିଲା ଦେଲା ମିଞ୍ଜି ମିଞ୍ଜି ହୋଇ ଜଳୁଥିବା ଦୀପ ଖଣ୍ଡିକ । ଅନ୍ଧାର ମଧରେ ଆଉ କିଛି ଦେଖା ଯାଉ ନଥିଲା । କୋଠରୀ ମଧ୍ୟରେ ଅନ୍ଧାର ସଂଭୋଗ କରୁଥିଲା ।

\+ \+ \+ \+

ବାପାଘରରେ ଦଶଦିନ କଟି ଯାଇଛି ଗାଁରେ । ଦିନେ ସକାଳେ ଉଠି ହେମଂତ ବୋଉକୁ କହିଲା— ମୁଁ ଆଜି ଯିବ ଛୁଟି ମୋର ସରିଗଲାଣି ।

ବୋଉ ଅସ୍ଥିର ହୋଇ ଉତ୍ତର ଦେଲା—ଆଉ ଦୁଇଦିନ ରହ ବୋହୂକୁ ନେଇ ଯିବୁ । ଦେଖୁଛୁତ ଘରେ କିପରି ଅସୁବିଧା ପଛରେ ପୁଣି କିଏ ଯିବ ଛାଡ଼ିବାକୁ । ତୁ ତ କହୁଛୁ ଆଉ ଛୁଟି ନାହିଁ ଆସିବୁ କିପରି ?

ସେତିକିବେଳେ ବାପା ହସି ହସି କହିଲେ— ତମେ ଯାଅ । ସାବି ବର୍ତ୍ତମାନ ଯିବନି । ପିଲା ଲୋକ ସେ ବିଦେଶରେ ଯାଇ ଚଳିବ କିପରି ?

ମୁଁ ଜଣ କହୁଛି ନେବି ବୋଲି । ସବୁଦିନ ପାଇଁ ତମେ ସାବୀକୁ ପାଖରେ ରଖିଲେ ମଧ୍ୟ ମୋର ଆପତ୍ତି ନାହିଁ ।

ବାପାଘରରେ ହେମନ୍ତର ପନ୍ଦର ଦିନ କଟିଲା ପରେ ସେ ସାବୀକୁ ନେଇ ସହରକୁ ଚାଲି ଆସିଛି । ତାର ଉଦ୍ଦେଶ୍ୟ ସେ ପ୍ରଭାତ ବିଷୟ ନେଇ ସାବୀକୁ ଭଲ ଭାବରେ ବୁଝାଇବ ତାର ମତାମତ ଜାଣି ବୁଝିବ ।

ଏ ମଧ୍ୟରେ ପ୍ରଭାତର ହସପିଟାଲରେ ରହିବା ନଅମାସ ହୋଇଗଲାଣି । ଦିନେ ସାବୀ ସହିତ ଗପ କରୁ କରୁ ହେମନ୍ତ ଆରମ୍ଭ କଲା—

Digitized by srujanika@gmail.com

ଦେଖ ସାଗୀ ଭୂମି ଉପରେ ମୋର ଭବିଷ୍ୟତର ଯେଉଁ ବିରାଟ ଆଶା ତାକୁ ଯେପରି ଧମେ ଭାଙ୍ଗି ଚୂରମାର କରି ନଦିଅ । ଦୁନିଆରେ ପ୍ରଭାତର କେହି ନାହାଁନ୍ତି କହିଲେ ଚଳେ । ସେ ଏପରି ହତଭାଗ୍ୟ ଯେ ଜନ୍ମ ପରଠାରୁ ତା' ମା'ର କ୍ଷୀର ଟିକେ ସୁଧା ପାଇନି ନାହିଁ ।

ମୋର ଆଶା ତୁମେ ତାକୁ ନିଜ ଶିଶୁ ଭ ବ ଗ୍ରହଣ କରିବ ବୁଝେଇ ଦେବନି । ସାଗୀ କହି ଉଠିଲା ହଁ ନିଜ ଶିଶୁଠାରୁ ଅଧିକ ଭଲ ପାଇବି ଶୀଘ୍ର ପ୍ରଭାତକୁ ନେଇ ଆସିବା ।

ହ ଆଗୁରି ମଧ ଶୁଣ—

ଦୁନିଆ ଯେପରି ଜାଣିବ ତୁମେ ଜନ୍ମ ଦାକ୍ଷୀ ବୋଲି । ଆମ ଦୁଇଜଣଙ୍କ ବ୍ୟତିତ ଅନ୍ୟ କେହି ଯେପରି ଏକଥା ନଜାଣନ୍ତି । ପ୍ରଭାତ ବଡ ହେଲେ ଯେପରି ଜାଣି ନପାରେ, ତାର ମା ମରି ଯାଇଛି ।

ମତେ ବିଶ୍ୱାସ କର । ମୁଁ ଦେହ ଛୁଇଁ କହୁଛି ମୁଁ ତାର ମା । ସେ ମୋର ପୁଅ । ଶୀଘ୍ର ଶୀଘ୍ର ନେଇ ଆସିବା । ଏହା କହି ସାଗୀ ହେମନ୍ତର ହାତ ଟାଣିଲା ।

× × × ×

କରେନ୍ ତୁମରୁ ସାବତୀର ଚାଟି ଶୁଣାଗଲା କଣ କରୁଛ ? କହିଲି ପରି ଶୀଘ୍ର ବଜାରକୁ ଯିବା ପାଇଁ । କାଲି ପ୍ରଭାତର ଜନ୍ମଦିନ । ପେଣ୍ଟ, ସାର୍ଟ କେତେ ବେଳେ ଆଣିବ ?

ଠିକ ସେତିକବେଳେ ରେଡ଼ିଓରୁ ଭାସି ଆସିଲା ଲତା ମଙ୍ଗେସକରର କଣ୍ଠରୁ ସେହି ପୁରୁଣା ଦିନର ହିନ୍ଦି ଗୀତଟି…… ।

ଗୀତଟି ଶୁଣି ହଠାତ୍ ଠିଆ ହୋଇ ରହିଲା ହେମନ୍ତ । ଗୋଟି ଗୋଟି ହୋଇ ନାଚି ଉଠିଲା ଅତୀତ ଦିନର ଘଟଣା । ଯେଉଁ

Digitized by srujanika@gmail.com

ଦିନ ପ୍ରତିଭା ବିଦାୟ ନେଇ ଯାଉଥିଲା ହଷ୍ଟେଲକୁ ସେଦିନ ଦିନର ଗୀତ । ପ୍ରତିଭା ଆଖିରେ ଥିଲା ଲୁହ । ତା' ଆଖିରେ ଥିଲା ଲୁହ । ତା' ଛାତିରେ ମୁଣ୍ଡ ରଖି ପ୍ରତିଭା କେତେ କାନ୍ଦିଥିଲା । ତା ସାର୍ଟର ବୋତାମ ଖୋଲିବା ଛଳନାରେ କହିଥିଲା କାଲି ଏହି ପତ୍ର ଜଣେ ଖୋଲି ଦେବ । ତାଜମହଲ ପାର୍କରେ କହିଥିଲା—ମଣିଷ ଗଢ଼େ, ମଣିଷ ଭାଙ୍ଗେ, ସେହି ଭାଗ୍ୟ, ମୁଁ ଯଦି ମରିଯାଏ ମୋ ପାଇଁ ଏହି ପରି ତାଜମହଲ······ । ଆଖିରୁ ତାର ଧାର ଧାର ଲୁହ ବୋହି ଆସିଲା । ସତେ କଣ ପ୍ରତିଭା ତାର ମରଣ ଆଗରୁ ଜାଣି ପାରିଥିଲା । ସେ ଆଉ କିଛି ଭାବି ପାରିଲା ନାହିଁ । ପ୍ରତିଭାର ଫଟୋଟି ଆଣି ଖୁବ୍ ଜୋରରେ ନିଜ ଛାତିରେ ଜାକି ଧରିଲା । ଅସ୍ପଷ୍ଟ ସ୍ୱରରେ ଚିତ୍କାର କରି ଉଠିଲା—ପ୍ରତିଭା ! ପ୍ରତିଭା ! ପ୍ରତିଭା !

କେଉଞ୍ଝର ସହରର ୪ ନମ୍ବର ବହି

ଖୁବ୍ ଶୀଘ୍ର ଆମ୍ଭେ ପ୍ରକାଶ କରୁଛୁ

କୁମାର ଶଶାଙ୍କ ଶେଖରଙ୍କର

ଚାଞ୍ଚଲ୍ୟ ସୃଷ୍ଟିକାରୀ ରହସ୍ୟ ଉପନ୍ୟାସ

ରକ୍ତ ପଞ୍ଜର ନାୟକ

ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ପ୍ରକାଶିତ ହେବ

ଆପଣଙ୍କ କପିପାଇଁ ସ୍ଥାନୀୟ ବିକ୍ରେତାଙ୍କୁ ଆଜଠୁଁ କହି ରଖନ୍ତୁ ।

Digitized by srujanika@gmail.com